

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS

RNI Regn No- ODIODI/2014/57766.



ବର୍ଷ- ୧୧ ସଂଖ୍ୟା-୯୪ ଭୁବନେଶ୍ୱର ବୁଧବାର, ଡ଼ିସେମ୍ବର ୧୧.୨୦୨୪ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.94 Bhubaneswar, Wednesday, December 11, 2024


## ଦୁର୍ନୀତିରେ ମାତିଛନ୍ତି ସରକାରୀ ବାବୁ

### ୫ ବର୍ଷରେ ଧରା ପଡ଼ିଛନ୍ତି ୪୪୭



ଭୁବନେଶ୍ୱର, ୧୧/୧୨: ଲାଞ୍ଚ ନେବା ଏକ ଦଣ୍ଡନୀୟ ଅପରାଧ। ଭିଜିଲାନ୍ସ ସଚେତନତା ସପ୍ତାହରେ ପ୍ରତିବର୍ଷ ସରକାରୀ ବାବୁମାନେ ଶପଥ ନେଉଛନ୍ତି। ତଥାପି ବାବୁମାନେ ଲାଞ୍ଚ ନେଇ ମାଲାମାଲ୍ ହେଉଛନ୍ତି। ଆଉ ପରବର୍ତ୍ତୀ ସମୟରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଧରାପଡୁଛନ୍ତି ସରକାର ବାବୁ। ମିଳିଥିବା ସୂଚନା ଅନୁସାରେ ଗତ ୫ ବର୍ଷରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୪୪୭ ଜଣ ସରକାରୀ କର୍ମଚାରୀ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। କଂଗ୍ରେସ ବିଧାୟକ କାଡ୍ରାକା ଆପାଲା ସ୍ୱାମୀଙ୍କ ପ୍ରଶ୍ନରେ ଆଜି ବିଧାନସଭାରେ ଏପରି ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବିଧାୟକ କାଡ୍ରାକା ଆପାଲା ସ୍ୱାମୀଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ରାଜ୍ୟରେ ଦୁର୍ନୀତି ନିବାରଣ ବିଭାଗ ୨୦୧୯ ଜାନୁଆରୀ ୧ ତାରିଖରୁ ୨୦୨୩ ଡିସେମ୍ବର ୩୧ ଭିତରେ ୪୪୭ ଜଣ ସରକାରୀ ବାବୁଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମାମଲା ରୁଜୁ ହୋଇଛି। ସେହିପରି ୫୯୪ ଜଣ ସରକାରୀ କର୍ମଚାରୀଙ୍କ ବିରୋଧରେ ଫନ୍ଦି ମାମଲା ରୁଜୁ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଗୃହରେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଗତ ୫ ବର୍ଷରେ ୯୧୧ଟି ଭିଜିଲାନ୍ସ ମାମଲାର ବିଚାର ପ୍ରକ୍ରିୟା ଶେଷ ହୋଇଛି। ଯେଉଁଥିରେ ବିଚାର ପ୍ରକ୍ରିୟା ଶେଷ ହୋଇଥିବା ୩୦ଟି ମାମଲା ଉପରୋକ୍ତ ୫ ବର୍ଷ ମଧ୍ୟରେ ରୁଜୁ ହୋଇଥିଲା। ଉକ୍ତ ୩୦ଟି ମାମଲା ମଧ୍ୟରୁ ୧୧ଟି ମାମଲାରେ ୧୧ ଜଣ ସରକାରୀ କର୍ମଚାରୀ ବିଭିନ୍ନ ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି। ୧୨ଟି ମାମଲାରେ ସରକାରୀ କର୍ମଚାରୀମାନେ ଦୋଷ ମୁକ୍ତ ହୋଇଛନ୍ତି। ୭ଟି ମାମଲାରେ ସରକାରୀ କର୍ମଚାରୀମାନେ ବିଚାରାଧୀନ ଅବସ୍ଥାରେ ମୃତ୍ୟୁ ବରଣ କରିଛନ୍ତି। ତେଣୁ ସେହି ମାମଲା ଗୁଡ଼ିକ ସମାପ୍ତ କରି ଦିଆଯାଇଛି। ଦଣ୍ଡିତ ହୋଇଥିବା କୌଣସି ସରକାରୀ କର୍ମଚାରୀ ସରକାରୀ କାର୍ଯ୍ୟରେ ନିୟୋଜିତ ନାହାନ୍ତି ବୋଲି ମୁଖ୍ୟମନ୍ତ୍ରୀ ଉତ୍ତରରେ କହିଛନ୍ତି। ରାଜ୍ୟରେ ଦୁର୍ନୀତି ନିବାରଣ ପକ୍ଷରୁ ଗତ ୫ ବର୍ଷରେ କେତେ ଜଣ ସରକାରୀ କର୍ମଚାରୀଆୟ ବହିର୍ଭୂତ ଠୁଳ କରିଛନ୍ତି ? କେତେ ଜଣ ଟ୍ରାପ୍ ହୋଇ ମାମଲା ରୁଜୁ ହୋଇଛି ? କେତେ ଜଣ ଭିଜିଲାନ୍ସ କୋର୍ଟଦ୍ୱାରା ଦଣ୍ଡିତ ହୋଇଛନ୍ତି ? ଦଣ୍ଡିତ ପରେ କେତେ ଜଣ କର୍ମଚାରୀ କାର୍ଯ୍ୟରେ ନିୟୋଜିତ ଅଛନ୍ତି ? ଆଜି ବିଧାନସଭାରେ ଏପରି ପ୍ରଶ୍ନ ପଚାରିଥିଲେ କଂଗ୍ରେସ ବିଧାୟକ କାଡ୍ରାକା ଆପାଲା ସ୍ୱାମୀ।

# ମୃତ୍ୟୁର ତାଣ୍ଡବ ରଚିଲା ବସ୍



ନୂଆଦିଲ୍ଲୀ, ୧୧/୧୨: ମୃତ୍ୟୁର ତାଣ୍ଡବ ରଚିଲା ବସ୍। ଯାହାକୁ ପାରିଲା ତାକୁ ଚାପିଲା। ବ୍ରେକ୍ ଫେଲ୍ ହେବା ପରେ ନିୟନ୍ତ୍ରଣ ହରାଇଲା ଇଲେକ୍ଟ୍ରିକ୍ ବସ୍। କାର, ବାଇକ୍ ଏପରିକି ରାସ୍ତାରେ ଯାଉଥିବା ଲୋକଙ୍କୁ ବି ଛାଡିଲାନି। ସମସ୍ତଙ୍କ ଉପରେ ଚଢ଼ିଗଲା। ଏହି ଘଟଣାର ୬ ଜଣଙ୍କ ମୃତ୍ୟୁ ହୋଇଛି। ମୁମ୍ବାଇର କୁର୍ଲାରେ ଘଟିଛି ଏଭଳି କିଛି ଭୟଙ୍କର ଦୁର୍ଘଟଣା। ମୁମ୍ବାଇ କୁର୍ଲାର ୱେଷ୍ଟ। ରାତି ପ୍ରାୟ ସାଢ଼େ ୯ଟା। କୁର୍ଲା ପଶ୍ଚିମରୁ ଅନ୍ଧେରି ଯାଉଥିବା ୩୩୨ ନମ୍ବର ବସ୍ କୁର୍ଲା ଷ୍ଟେସନରୁ ବାହାରିଥିଲା। ତେବେ ହଠାତ୍ ଦେଖୁ ଦେଖୁ ବସ୍‌ର ସ୍ପିଡ୍ ବଢ଼ି ଯାଇଥିଲା। ଆମ୍ବେଦକର ନଗର ବୁଦ୍ଧ କଲୋନୀ ପାଖରେ ନିୟନ୍ତ୍ରଣ ହରାଇଥିଲା ବସ୍। ଏହାପରେ ରାସ୍ତାରେ ଯିଏ ଆସିଥିଲା ତା’ ଉପରେ ଚଢ଼ିଗଲା। ପ୍ରଥମେ ଏକ କାରକୁ ଧକ୍କା ଦେଇ ୧୦୦ ମିଟର ଯାଏ ଘୋଷାରି ନେଲା। ଏହାପରେ ସ୍କୁଟି, ଅଟୋ, ବାଇକ୍ ଓ ପରେ ରାସ୍ତାରେ ଯାଉଥିବା ଲୋକଙ୍କ ଉପରେ ମାଡ଼ିଗଲା। ପ୍ରାୟ ୫୦ ଲୋକଙ୍କୁ ନିଜ ଚକା ତଳେ ଚାପି ଦେଲା ବସ୍। ୨୦୦ ମିଟର ବ୍ୟାସାର୍ଦ୍ଧରେ ଯାହା ଆସିଲା ତାହା ଉପରେ ଲଗାତର ଚଢ଼ିଗଲା ବସ୍। ଶେଷରେ ଏକ ସୋସାଇଟି କାନ୍ଥ ସହ ଧକ୍କା ହେବା ପରେ ବସ୍‌ଟି ଅଟକି ଥିଲା। ବସ୍ ତଳେ ଚାପି ହୋଇ ୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪୯ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ଉଦ୍ଧାର କରି ଭାବା ଓ ସାୟନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେପଟେ ପୁଲିସ ଏହି ଘଟଣାରେ ବସ୍ ଡ୍ରାଇଭରଙ୍କୁ ଅଟକ ରଖିଛି। ତାଙ୍କ ବିରୋଧରେ ମାମଲା ରୁଜୁ କରିଛି ପୁଲିସ। ବର୍ତ୍ତମାନ୍ ବସ୍‌ଟିର ମେଣ୍ଟେନେସ୍‌ର ଯାଞ୍ଚ ଚାଲିଛି। ଏହି ଦୁର୍ଘଟଣାର ଭୟଙ୍କର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି, ଯାହା ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

**ଯାହାକୁ ପାରିଲା ତାକୁ ଚାପିଲା**

## ସରକାରୀ ଜମିରେ ୫ ଲକ୍ଷରେ ବିକ୍ରି ହେଉଛି ଘର

ଭୁବନେଶ୍ୱର, ୧୦/୧୨: ବିଡିଏର ଗୋଟିଏ ପରେ ଗୋଟିଏ ବିଫଳତା ନୂଆ ନୂଆ ଅଡୁଆ ଛିଡ଼ା କରୁଛି। ଶ୍ୟାମପୁରରେ ୬୮ ଏକର ମୂଲ୍ୟବାନ ଜମି ଚାଲିଯିବା ପରେ ବାବା ବୈକୁଣ୍ଠଧାମ ଆଶ୍ରମ ନିକଟରେ ୩୭ ଏକର ଚାଲିଯିବାକୁ ବସିଛି। ଏଭଳି ଶହ ଶହ ଏକର ଜମି ଜବରଦଖଲକାରୀ ହଡପ କରିନେଉଛନ୍ତି। ବିଡିଏର ଏଭଳି ଅସହାୟତା ଜବରଦଖଲକାରୀଙ୍କ ପାଇଁ ପୁଷମାସ ହୋଇଛି। ମହିଷାଖାଲ ଗୃହ ନିର୍ମାଣ ପ୍ରକଳ୍ପରେ ବସ୍ତିବାସିନ୍ଦା ଘର ପାଇବା ପରେ ବସ୍ତିରୁ ଯେଉଁ ଜାଗା ଛାଡ଼ିଲେ ସେଠାରେ ଘର ତିଆରି ଆରମ୍ଭ ହୋଇଛି। ବାଥ୍‌ରୁମ୍ ସହ ଗୋଟିଏ ଘରକୁ ୪ରୁ ୫ ଲକ୍ଷ ଟଙ୍କାରେ ବିକ୍ରି ହେଉଛି। ଏବେ ପ୍ରାୟ ୪୦ଟି ଘର ନିର୍ମାଣାଧୀନ ରହିଥିବା ବେଳେ ୧୩ଟି ଜାଗାରେ ଲୁହା ଖୁଣ୍ଟ ପୋତା ଯାଇ ଘର ତିଆରି ପାଇଁ ସଂରକ୍ଷିତ ରଖାଯାଇଛି। ଲୁଚାଚୋରାରେ ନୁହେଁ, ବରଂ ଖୋଲାଖୋଲି ଭାବରେ ଏହି ବେଆଇନ ନିର୍ମାଣ ହେଉଛି। ମହିଷାଖାଲରେ ରହୁଥିବା ରାଜୀବ ଆବାସ ଯୋଜନା(ରେ’) ର ହିତାଧିକାରୀଙ୍କୁ ଇନ୍-ସିଟୁ ସ୍ଲମ୍ ରିଡେଭଲପ୍‌ମେଣ୍ଟରେ ଘର ଦେବାପାଇଁ ଯୋଜନା ହୋଇଥିଲା। ୧୯ଟି ବ୍ଲକ୍‌ରେ ୭୬୦ ଘର କରିବାକୁ ଯୋଜନା ଥିଲେ ମଧ୍ୟ ୧୫ଟି ବ୍ଲକ୍‌ରେ ୬୦୦ ଘର ତିଆରି ହୋଇପାରିଥିଲା। ଏହାକୁ ପ୍ରସ୍ତୁତ କରିବାକୁ ବିଡିଏକୁ ୭ ବର୍ଷ ଲାଗି ଯାଇଥିଲା। ପ୍ରତ୍ୟେକ ଘର ପାଇଁ ୧ଲକ୍ଷ ୨୦ ହଜାର ଦେୟ ରହିଥିଲା। ବିଏମ୍‌ସି ହିତାଧିକାରୀ ଚିହ୍ନଟ କରିଥିଲା। ୧.୨୦ଲକ୍ଷ ଦାଖଲ କରିବା ପରେ ଘର ଦଖଲ ଦିଆଯାଉଥିଲା। କ୍ରମାନ୍ୱୟରେ ଏହି କାମ ଚାଲିଥିଲା। କିନ୍ତୁ ଫନି ବେଳେ ଅନେକଙ୍କର ଘର ଭାଙ୍ଗିଯିବାରୁ ଏହି ପ୍ରକଳ୍ପରେ ହୋଇଥିବା ଘର ତାଲା ଭାଙ୍ଗି କେତେକ ବାସିନ୍ଦା ପଶି ଯାଇଥିଲେ। ଏଥିରେ ଅଧିକାଂଶ ଅଯୋଗ୍ୟ ରହିଥିଲେ। ପାଖାପାଖି ୫୬୦ ଘରେ ଯୋଗ୍ୟ ଓ ଅଯୋଗ୍ୟ ମିଶି ରହୁଥିଲେ। ଦୀର୍ଘ ଦିନ ଏଭଳି ରହିବା ପରେ ୨୦୨୩ ମସିହାରେ ଅଯୋଗ୍ୟଙ୍କୁ ବାହାର କରି ଯୋଗ୍ୟଙ୍କୁ ଦଖଲ ଦେବାପାଇଁ ବିଡିଏ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ପ୍ରାୟ ୪୬୦ଜଣ ଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇଥିଲେ। ୪୦ ଜଣ ଅଯୋଗ୍ୟ ରହିଥିଲେ। ଏମାନଙ୍କୁ ଉଚ୍ଛେଦ କରିବା ବେଳେ କେତେକ ନେତା କଣ୍ଟା ହୋଇଥିଲେ। ଉଚ୍ଛେଦ ଟିମ୍‌ର ଯେଉଁ ଅଫିସର ନେତୃତ୍ୱ ନେଉଥିଲେ ତାଙ୍କୁ ରାତି ଅଧଇଆ ବିଡିଏରୁ ହଟାଇ ଦିଆଯାଇଥିଲା। ସେବେଠାରୁ ଏହି ସମସ୍ୟା ତୁଟିନି। ଅଯୋଗ୍ୟ ସେମିତ ଅଛନ୍ତି। ଏଣେ ଯେଉଁ ଜାଗାରୁ ଯୋଗ୍ୟ ବସ୍ତିବାସିନ୍ଦାଙ୍କୁ ହଟାଇ ପ୍ରକଳ୍ପରେ ଘର ଦିଆଯାଇଥିଲା ସେହି ଜାଗାରେ ଏବେ ଘର ଯୁଦ୍ଧକାଳୀନ ଭିତ୍ତିରେ ତିଆରି ହେଉଛି। ୨୪ ଘଣ୍ଟାରେ ଘର ଛିଡ଼ା ହୋଇଯାଉଛି। ସବୁଦିନ ୧୦ରୁ ୧୨ ଜଣ ଯୁବକ ବସି ରହି ନିର୍ମାଣ ତଦାରଖ କରୁଛନ୍ତି। ବିଜୁଳି ଓ ପାଣି ବ୍ୟବସ୍ଥା କରାଯିବାକୁ ପ୍ରତିଶ୍ରୁତି ମିଳୁଛି। ଘରର ଏତେ ଚାହିଦା ରହିଛି ଯେ, ନିର୍ମାଣ ହେବା ପୂର୍ବରୁ ବିକ୍ରି ହୋଇଯାଉଛି। ବାଥ୍‌ରୁମ୍ ସହ ଗୋଟିଏ ରୁମ୍‌କୁ ୫ ଲକ୍ଷ ଟଙ୍କା ରହିଥିବା ବେଳେ ଭଡ଼ା ମାସକୁ ୨ ହଜାର ଟଙ୍କା ରହିଛି। ଦଖଲ ପୂର୍ବରୁ କାର୍ଯ୍ୟାନୁଷ୍ଠାନ ହେଲେ କ୍ଷତି ହେବା ସମ୍ଭାବନା ଥିବାରୁ ଅଧା ନିର୍ମାଣ ହେଉ ହେଉ ଦଲାଲ ପଇସା ନେଇ ଯାଉଛି। ଜଣେ ଅଧିକାରୀଙ୍କ କହିବା କଥା ହେଉଛି, ପ୍ରାୟ ସବୁ ଗୃହ ନିର୍ମାଣ ଯୋଜନାରେ ଏଭଳି ସମସ୍ୟା ହେଉଛି।

## ବିଧାୟକଙ୍କ ଦରମା ୨ଲକ୍ଷ ୨୫ହଜାରକୁ ବଢିବ

ଭୁବନେଶ୍ୱର, ୧୧/୧୨: ଓଡିଶାର ବିଧାୟକମାନଙ୍କ ବେତନ ଓ ଭତ୍ତା ଆଦି ବଢାଇବା ଲାଗି ଯେଉଁ ପ୍ରସ୍ତାବ ରହିଛି ତାହା କାର୍ଯ୍ୟକାରୀ ହେଲେ ବିଧାୟକମାନେ ମାସକୁ ୨ଲକ୍ଷ ୨୫ହଜାର ଟଙ୍କାରୁ ଅଧିକ ପାଇବେ । ଏହାଛଡା ପୂର୍ବତନ ବିଧାୟକମାନଙ୍କ ପେନ୍‌ସନ ଏବଂ ସେମାନଙ୍କ ମୃତ୍ୟୁ ପରେ ଯେଉଁ ପରିବାର ପେନ୍‌ସନ ମିଳୁଛି ତାହାର ପରିମାଣ ବି ଢେର ବୃଦ୍ଧି ପାଇବ । ଏଠାରେ ଉଲ୍ଲେଖନୀୟ ଯେ ଗତ ସରକାର ଅମଳରେ ବରିଷ୍ଠ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଅଧକ୍ଷତାରେ ଏ ସଂକ୍ରାନ୍ତରେ ଏକ କମିଟି ଗଠନ କରାଯାଇଥିଲା । ଏହି କମିଟି ୨୦୨୨ ନଭେମ୍ବର ମାସରେ ତାଙ୍କ ସୁପାରିଶ୍ ଦେଇଥିଲେ । କମିଟିରେ ଅନ୍ୟମାନଙ୍କ ମଧ୍ୟରେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଅନ୍ୟତମ ବିଧାୟକ ତାରା ପ୍ରସାଦ ବାହିନିପତି, ସୀମାରାଣୀ ନାୟକ, ଡକ୍ଟର ନୃସିଂହ ଚରଣ ସାହୁ, ମକରନ୍ଦ ମୁଦୁଲି, ସିଏସ ରାଜନ ଏକ୍କା, ସୁଦାମ ମାର୍ଣ୍ଡି ପ୍ରମୁଖ ବିଧାୟକଙ୍କ ବେତନ ଓ ପେନ୍‌ସନ ବୃଦ୍ଧି ସମ୍ପର୍କିତ ସୁପାରିଶ୍‌ରେ ସହମତି ପ୍ରକାଶ କରିଥିଲେ । ଚଳିତ ବିଧାନସଭାରେ ଏ ପ୍ରସଙ୍ଗ ଉଠାଯାଇଛି ଏବଂ ବିଭିନ୍ନ ଦଳର ବିଧାୟକମାନେ ବେତନ ବୃଦ୍ଧି ସପକ୍ଷରେ ମତ ଦେଇଛନ୍ତି । ଏଠାରେ ଉଲ୍ଲେଖନୀୟ ଯେ ୧୯୩୮ରୁ ୨୦୧୭ମଧ୍ୟରେ ବିଧାୟକମାନଙ୍କ ଭତ୍ତା, ବେତନ ଓ ପେନ୍‌ସନ ଆଦି ସଂକ୍ରାନ୍ତରେ ଅନ୍ୟୁନ ୨୪ଥର ସଂଶୋଧନ ହୋଇସାରିଲାଣି । ଏଥର ବେତନ ଭତ୍ତା ଆଦି ବଢିଲେ ତାହା ୨୫ତମ ସଂଶୋଧନ ହୋଇପାରେ । ୨୦୧୭ ମସିହାରେ ଶେଷଥର ପାଇଁ ବିଧାୟକମାନଙ୍କ ବେତନ, ଭତ୍ତା, ପେନସନ ଆଦି ବୃଦ୍ଧି କରାଯାଇଥିଲା । ଏବେ ସାତବର୍ଷ ପରେ ପୁଣି ତାହା ବଢାଇବାପାଇଁ ପ୍ରସ୍ତାବ ରହିଛି । ୨୦୧୭ ହିସାବରେ ଭତ୍ତାକୁ ମିଶାଇ ଓଡିଶାର ଜଣେ ବିଧାୟକ ମାସିକ ପ୍ରାୟ ଲକ୍ଷେ ଟଙ୍କା ପାଉଥିବାବେଳେ ଯଦି ପରାମର୍ଶଦାତା କମିଟିର ସୁପାରିଶ୍ କାର୍ଯ୍ୟକାରୀ ହୁଏ ତେବେ ତାହା ୨ଲକ୍ଷ ୨୫ହଜାର ଟଙ୍କାକୁ ବୃଦ୍ଧି ପାଇବ । ଏଥିରେ ବିଧାୟକମାନଙ୍କ ମାସିକ ବେତନ ୩୫ ରୁ ୬୦ହଜାର ଟଙ୍କାକୁ ଏବଂ ନିର୍ବାଚନମଣ୍ଡଳୀ ଓ ଦପ୍ତର ଭତ୍ତା ୨୦ରୁ ୬୦ହଜାର ଟଙ୍କାକୁ, ଯାତାୟତ ଭତ୍ତା ୧୫ରୁ ୩୦ହଜାର ଟଙ୍କାକୁ, ଅନ୍ୟାନ୍ୟ ଗସ୍ତ ବାବଦ ଭତ୍ତା ୧୦ରୁ ୨୫ହଜାରକୁ, ଖବରକାଗଜ ଓ ପତ୍ରିକା ପାଇଁ ମାସିକ ୨୦୦୦ ଟଙ୍କାରୁ ୫୦୦୦ ଟଙ୍କାକୁ, ଚିକିତ୍ସା ଭତ୍ତା ୫୦୦୦ ରୁ ୧୫,୦୦୦ ଟଙ୍କାକୁ ଏବଂ ଟେଲିଫୋନ୍ ? ଭତ୍ତା ୮୦୦୦ ରୁ ୧୦,୦୦୦ ଟଙ୍କାକୁ ବଢାଇବାପାଇଁ ପ୍ରସ୍ତାବ ରହିଛି । ଏହାଛଡା ବିଧାୟକମାନଙ୍କ ପାଇଁ ଆଉ କେତେକ ଭତ୍ତାର ବି ବ୍ୟବସ୍ଥା ଅଛି ଏବଂ ସେଥିରେ ଅଭିବୃଦ୍ଧି ପାଇଁ ମଧ୍ୟ କମିଟି ସୁପାରିଶ୍ କରିଛି । ଏହି ସୁପାରିଶ୍ ଅନୁଯାୟୀ ରାଜ୍ୟ ଭିତରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ବିଧାୟକମାନଙ୍କ ଦୈନିକ ଭତ୍ତା ୧୫୦୦ ରୁ ୨୫୦୦ ଟଙ୍କା, ରାଜ୍ୟ ବାହାରେ ଏଭଳି କାର୍ଯ୍ୟକ୍ରମ ପାଇଁ ୨୦୦୦ ରୁ ୩୦୦୦ ଟଙ୍କାକୁ ବଢାଇବାପାଇଁ ପ୍ରସ୍ତାବ ଥିବାବେଳେ ଯାତାୟତ ଭତ୍ତା କିଲୋମିଟର ପିଛା ୧୫ଟଙ୍କା ପରିବର୍ତ୍ତେ ୨୫ଟଙ୍କା କରିବା ଏବଂ ଗାଡି କିଣିବାପାଇଁ ଋଣ ଲାଗି ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିଧାୟକମାନଙ୍କୁ ଯୋଗାଇଦେବା ଏବଂ ସେମାନଙ୍କ ସ୍ୱାସ୍ଥ୍ୟବୀମା ୫ଲକ୍ଷରୁ ୧୦ଲକ୍ଷ ଟଙ୍କାକୁ ବଢିଥିବାବେଳେ ଏଥର ତାହାକୁ ୧୫ଲକ୍ଷ ଟଙ୍କାକୁ ବୃଦ୍ଧି କରିବାପାଇଁ ପ୍ରସ୍ତାବ ରହିଛି ।

# ୨୦ଟି ସ୍ଥାନରେ ମେଟ୍ରୋ ଷ୍ଟେସନ

ଭୁବନେଶ୍ୱର, ୧୧/୧୨: ୨୦ଟି ସ୍ଥାନରେ ହେବ ମେଟ୍ରୋ ଷ୍ଟେସନ । ମେଟ୍ରୋ ରେଳ ପ୍ରକଳ୍ପ ନେଇ ବିଧାନସଭାରେ ବିସ୍ତୃତ ତଥ୍ୟ ରଖିଛନ୍ତି ରାଜ୍ୟ ସରକାର । ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ସୂଚନା ଅନୁସାରେ, ଭୁବନେଶ୍ୱର ବିମାନବନ୍ଦରରୁ କଟକ ତ୍ରିଶୁଳିଆ ଛକ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ମେଟ୍ରୋ ପ୍ରକଳ୍ପ ହେବ । ଏଥିପାଇଁ ୨୦ଟି ପ୍ରମୁଖ ସ୍ଥାନରେ ହେବ ଷ୍ଟେସନ । ଭୁବନେଶ୍ୱର ବିମାନ ବନ୍ଦର, କ୍ୟାପିଟାଲ ହସ୍ପିଟାଲ, ବାପୁଜୀ ନଗର, ଭୁବନେଶ୍ୱର ରେଳ ଷ୍ଟେସନ, ରାମ ମନ୍ଦିର ଛକ, ବାଣୀ ବିହାର, ଆଚାର୍ଯ୍ୟ ବିହାର ଛକ, ଜୟଦେବ ବିହାର ଛକ, ଜାଭିୟର ଛକ, ରେଳ ସଦନ, ଡିସଟ୍ରିକ୍ ସେଣ୍ଟର, ଡମଣା ଛକ, ପଟିଆ ଛକ, କିଟ୍ ଛକ, ନନ୍ଦନ ବିହାର, ରଘୁନାଥପୁର, ନନ୍ଦନକାନନ ପ୍ରାଣୀ ଉଦ୍ୟାନ, ବାରଙ୍ଗ, ଫୁଲପୋଖରୀ, ତ୍ରିଶୁଳିଆ ଛକରେ ମେଟ୍ରୋ ଷ୍ଟେସନ ରହିବ । ପ୍ରକଳ୍ପ ନିମନ୍ତେ ୨୦୨୩-୨୪ ଆର୍ଥିକ ବର୍ଷରେ ୨୧୦ କୋଟି ଏବଂ ୨୦୨୪-୨୫ରେ ହଜାରେ କୋଟି ଟଙ୍କା ମଂଜୁର କରାଯାଇଛି । ୨୦୨୭ ସୁଦ୍ଧା ପ୍ରକଳ୍ପ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ସେପଟେ ଗତ କିଛିଦିନ ତଳେ ମେଟ୍ରୋ ପ୍ରକଳ୍ପକୁ ନେଇ ବଡ଼ ସୂଚନା ଦେଇଥିଲେ ସାଂସଦ ଅପରାଜିତା ଷଡ଼ଙ୍ଗୀ । ପ୍ରଥମେ ୨୬ କିଲୋମିଟର ମଧ୍ୟରେ ମେଟ୍ରୋ ଚଳାଚଳ ଆରମ୍ଭ ହେବ । ପ୍ରଥମ ୨୦ଟି ଷ୍ଟେସନରେ ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟର ବାର୍ତ୍ତା ରହିବ ବୋଲି ସେ କହିଥିଲେ । ସେହିପରି ଆହୁରି କହିଥିଲେ, ଏହି ପ୍ରକଳ୍ପରେ ପ୍ରଥମେ ୧୩ଟି ଟ୍ରେନ୍ ଚାଲିବ, ପ୍ରତ୍ୟେକ ଟ୍ରେନରେ ୩ଟି କୋଚ୍ ରହିବ । ମେଟ୍ରୋ ପ୍ରକଳ୍ପରେ ପ୍ରତ୍ୟେକ ଦିନ ୯୫ ହଜାର ଲୋକ ଯିବାର କ୍ଷମତା ରହିବ । ଏହି ପ୍ରକଳ୍ପ ପାଇଁ ଆବଶ୍ୟକୀୟ ୯୨ ଏକର ଜମି ମିଳିସାରିଛି । ଆଉ ୧୫ ଏକର ଖୁବଶୀଘ୍ର ଦିଆଯିବ ବୋଲି ମଧ୍ୟ କହିଥିଲେ । ସେହିପରି ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ପାଇଁ ମୋଟ୍ ୬ ହଜାର ୨୫୬ କୋଟି ଟଙ୍କା ଖର୍ଚ୍ଚ ନେଇ ଆକଳନ ହୋଇଛି । ପ୍ରଥମ ପର୍ଯ୍ୟାୟ ଖର୍ଚ୍ଚ ରାଜ୍ୟ ସରକାର ସଂପୂର୍ଣ୍ଣ ବହନ କରିବେ । ଏହାପରେ କେନ୍ଦ୍ରର ସହାୟତା ଦରକାର କି ନାହିଁ ପରେ ଜଣାଯିବ ବୋଲି ଅପରାଜିତା ଷଡ଼ଙ୍ଗୀ କହିଥିଲେ । ସୂଚନା ଅନୁସାରେ ମେଟ୍ରୋ ପ୍ରକଳ୍ପ ଲାଗି ଏକ ପ୍ରୋଟୋ ଟାଇପ୍ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେସନ ଅଫିସରେ ପ୍ରସ୍ତୁତ କରାଯାଇଛି । ସମୁଦାୟ ୨୬ କିଲୋମିଟର ଭିତରେ ୨୦ଟି ମେଟ୍ରୋ ଷ୍ଟେସନ ବିଜୁ ପଟ୍ଟନାୟକ ଇଣ୍ଟରନ୍ୟାସନାଲ୍ ଏୟାରପୋର୍ଟ, କ୍ୟାପିଟାଲ୍ ହସପିଟାଲ୍ ଛକ, ବାପୁଜୀ ନଗର, ଭୁବନେଶ୍ୱର ରେଲୱେ ଷ୍ଟେସନ, ରାମ ମନ୍ଦିର, ବାଣୀବିହାର, ଆଚାର୍ଯ୍ୟ ବିହାର ଛକ ଦେଇ ଜୟଦେବ ବିହାର, ଜାଭିୟର୍ ଛକ, ରେଳ ସଦନ, ଡିଷ୍ଟ୍ରିକ୍ଟ ସେଣ୍ଟର, ଡମଣା, ପଟିଆ, କିଟ୍, ନନ୍ଦନ ବିହାର, ରଘୁନାଥପୁର, ନନ୍ଦନ କାନନ, ବାରଙ୍ଗ, ଫୁଲପୋଖରୀ ଓ ତିଶୂଳିଆରେ ରହିବ ।

# ଚାଷୀଙ୍କୁ ଭୟଭୀତ କରାଉଛନ୍ତି ସରକାର: ବିରୋଧୀ



ଭୁବନେଶ୍ୱର, ୧୧/୧୨: ଧାନ କିଣାରେ ଅବ୍ୟବସ୍ଥାକୁ ନେଇ ବିରୋଧୀ ଦଳ ଆଜି ବିଧାନସଭାରେ ସରକାରଙ୍କୁ ଘେରିଛନ୍ତି। ଏ ସରକାର ଜୁମ୍ ?ଲା ସରକାର ବୋଲି ଆକ୍ଷେପ କରିବା ସହ ଚାଷୀଙ୍କୁ ସଚେତନ ନକରାଇ ଭୟଭୀତ କରାଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ବିରୋଧୀଙ୍କ ଏହି ଅଭିଯୋଗର ଜବାବ ରଖିଛନ୍ତି ଶାସକ ଦଳର ସଭ୍ୟ। ‘ଅବ୍ୟବସ୍ଥିତ ମଣ୍ଡିରେ ଚାଲୁଥିବା ଧାନ କିଣା ଯୋଗୁ ଚାଷୀ ଶୋ ?ଷଣର ଶିକାର। ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ’ଶୀର୍ଷକ ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଆଲୋଚନା ଆରମ୍ଭ କରି ବିଜେଡି ସଭ୍ୟ ନିରଞ୍ଜନ ପୂଜାରୀ କହିଥିଲେ, କେବଳ ଯୋଗାଣ ମନ୍ତ୍ରୀ ଉତ୍ତର ଦେଲେ ଧାନ କିଣା ସମ୍ପର୍କରେ ଠିକ୍ ତଥ୍ୟ ମିଳିବନି। ତାଙ୍କ ସହ କୃଷି ଓ ସମବାୟ ମନ୍ତ୍ରୀ ମିଶିକି ଉତ୍ତର ଦେବା ଉଚିତ। ମିଲରମାନଙ୍କଠାରୁ ଏଯାଏଁ ଚାଉଳ ଅସୁଲ ହୋଇ ନାହିଁ। ଏବେ ଧାନ କିଣିଲେ ରଖିବେ କେଉଁଠି ? ଡିଏଲ୍‌ପିସି ଏକ ପ୍ରାଇଭେଟ୍ ଫାର୍ମ ପରି କାମ କରୁଛି। ଏହାର ପ୍ରୋସିଡିଂ ମିଳୁନି। ବିଜେଡି ସଭ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଲେ, ସରକାର ତାଙ୍କ ଦାୟିତ୍ୱ ଠିକ୍ ଭାବେ ସମ୍ଭାଳିଥିଲେ ଆଜି ଏଠି ଆଲୋଚନା କରିବାକୁ ପଡ଼ି ନଥା’ନ୍ତା। ରାଜ୍ୟରେ ଏବେ ୫ଟି ଜିଲ୍ଲାରୁ ଧାନ ସଂଗ୍ରହ କରାଯାଉଛି। କିନ୍ତୁ ସେହି ଜିଲ୍ଲାଗୁଡ଼ିକରେ ସବୁ ସ୍ଥାନରୁ ଧାନ ଉଠୁନି। ଏ ସରକାର ଜୁମ୍‌ଲା ସରକାର। କେବଳ ଏଫ୍‌ଏକ୍ୟୁ ମାନର ଧାନ ନେଇ ୩୧୦୦ ଟଙ୍କା ଦିଆଯାଇଛି। ଏ ପର୍ଯ୍ୟନ୍ତ ଏଫ୍‌ଏକ୍ୟୁ ମାନ ନଥିବା ଯୋଗୁ କେତେ ଧାନ ଫେରାଇ ଦିଆଗଲାଣି। ଗ୍ରେନ୍ ଆନାଲାଇଜର୍ ନାଁରେ ସରକାର କଟ୍‌ନି ଛଟ୍‌ନି ଚଳାଇଛନ୍ତି। ଚାଷୀଙ୍କୁ ସଚେତନ କରାଇବା ବଦଳରେ ଭୟଭୀତ କରାଯାଉଛି। ସରକାର ମିଲରଙ୍କ ପକେଟ୍‌ରେ ଅଛନ୍ତି। ଅଧିରାଜ ମୋହନ ପାଣିଗ୍ରାହୀ କହିଲେ, ନୂଆଖାଇ ପୂର୍ବରୁ ଯେଉଁଠି ଧାନ ଅମଳ ହୋଇଥିଲା ତାହା ଛତିଶଗଡ଼କୁ ଚାଲିଗଲା। ୩୧୦୦ ଟଙ୍କା ଦିଆଯାଉଥିବାରୁ ଚାଷୀ ଖୁସି ଅଛନ୍ତି କୁହାଯାଉଛି। ତେବେ ଏଥର ଚାଷୀ ପଞ୍ଜୀକରଣ କମିଲା କାହିଁକି ? କଟ୍‌ନି ଛଟ୍‌ନି ଓ ମିଲରଙ୍କ ଦାଦାଗିରି ବନ୍ଦ ହେବା ଦରକାର। କଂଗ୍ରେସ ବିଧାୟକ ଅଶୋକ ଦାସ କହିଲେ, ଧାନ କିଣା ବ୍ୟବସ୍ଥା ଅବ୍ୟବସ୍ଥିତ ଭାବେ ଚାଲିଛି। ଦଲାଲ ଏବେ ବି ପୂର୍ବ ଭଳି ସକ୍ରିୟ ଅଛନ୍ତି। ମଣ୍ଡି ପରିଚାଳନା ଠିକ୍ ଭାବେ ହେଉନି। ଚାଷୀଙ୍କୁ ଠିକ୍ ସମୟରେ ଟୋକନ୍ ମିଳୁନି। ଆନାଲାଇଜର୍ ମେସିନ୍ ନାଁରେ ଲୋକଙ୍କୁ ଡରାଯାଉଛି। ଆଜି ପର୍ଯ୍ୟନ୍ତ ସୋସାଇଟିକୁ ବ୍ୟାଗ ଦିଆଯାଇନି। ପବିତ୍ର ସାଉଁତା କହିଥିଲେ, ମଣ୍ଡିରେ ଆନାଲାଇଜର୍ ମେସିନ୍ କାମ କରୁନି। ଏଫ୍‌ଏକ୍ୟୁ ମାନ ଆଳରେ କଟ୍‌ନି ଛଟ୍‌ନି କରାଯାଉଛି। ଅଦିନିଆ ବର୍ଷାରେ ଚାଷୀଙ୍କ କ୍ଷତିକୁ ମଧ୍ୟ ଭରଣା କରାଯାଉ। ବିରୋଧୀଙ୍କ ଅଭିଯୋଗକୁ ଗ୍ରହଣ କରି ନଥିଲେ ଶାସକ ଦଳ ସଭ୍ୟ। ସେମାନଙ୍କ ଯୁକ୍ତି ଥିଲା, ଯେହେତୁ ଏବେ ଚାଷୀମାନେ ଖୁସି ଅଛନ୍ତି ତେଣୁ ବିଜେଡି ଦୁଃଖୀ ହୋଇଯାଇଛି। ମଣ୍ଡିରେ ଅବ୍ୟବସ୍ଥା ହେଲେ ସେମାନେ ନେତାଗିରି କରିବେ ବୋଲି ଭାବିଛନ୍ତି। କିନ୍ତୁ ଅବ୍ୟବସ୍ଥା ହେଉ ନାହିଁ। ସେମାନେ ୧୦୦ ଟଙ୍କା ବୋନସ୍ ଦେବେ ବୋଲି କହି ଦେଇପାରି ନଥିଲେ। କିନ୍ତୁ ବର୍ତ୍ତମାନର ସରକାର କଥା ରଖିଲେ ଏବଂ ୮୦୦ ଟଙ୍କା ବୋନସ୍ ଦେଲେ। ନିଜେ ମୁଖ୍ୟମନ୍ତ୍ରୀ ବରଗଡ଼ରେ ତିନି ଘଣ୍ଟା ଧରି ଚାଷୀଙ୍କ ସହ କଥା ହୋଇଥିଲେ। ଯୋଗାଣ ମନ୍ତ୍ରୀ ବିଭିନ୍ନ ଜାଗାକୁ ଯାଇ ସ୍ଥିତି ସମୀକ୍ଷା କରିଛନ୍ତି। ପୂର୍ବ ସରକାର ଅମଳରେ ତ କାହା ପାଖରେ ଚାଷୀଙ୍କ ସହିତ କଥା ହେବା ପାଇଁ ସମୟ ନଥିଲା। ବିଜେପି ସଭ୍ୟ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅଶୋକ କୁମାର ମହାନ୍ତି, ନିହାର ରଞ୍ଜନ ମହାନନ୍ଦ ଓ ପୂର୍ଣ୍ଣ ଚନ୍ଦ୍ର ସେଠୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।ଗତ ବର୍ଷ ଠାରୁ ଏ ବର୍ଷ ଚାଷୀ ପଞ୍ଜୀକରଣ କମିଛି ସତ। କିନ୍ତୁ ପୂର୍ବ ସରକାରରେ ବହୁ ନକଲି ଚାଷୀ ପଞ୍ଜୀକରଣ କରିଥିଲେ। ଦଲାଲମାନେ ସକ୍ରିୟ ଥିଲେ। ସେମାନେ ପଞ୍ଜୀକରଣ କରି ଟଙ୍କା ଲୁଟୁଥିଲେ। ଏଥର ସାଟେଲାଇଟ୍ ସର୍ଭେ କରାଯାଇ ପ୍ରକୃତ ତଥ୍ୟ ଜଣାପଡ଼ିଛି। ଧାନ ସଂଗ୍ରହ ପ୍ରକ୍ରିୟାରେ ଦଲାଲ ରାଜ୍ ଶେଷ କରିବାକୁ ସରକାର ବଦ୍ଧ ପରିକର। ମୁଲତବୀ ପ୍ରସ୍ତାବ ଆଲୋଚନାର ଉତ୍ତର ଦେଲା ବେଳେ ବିରୋଧୀଙ୍କୁ ଏମିତି ଜବାବ ଦେଇଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ମନ୍ତ୍ରୀ କହିଥିଲେ, ମୋ ବିଭାଗରେ ଦୁର୍ନୀତି ଭର୍ତ୍ତି ହୋଇଥିଲା। ଯେତେବେଳେ କଟ୍‌ନି ଛଟ୍‌ନି ବନ୍ଦ କରିବାକୁ ମୁଁ କହିଲି ସେତେବେଳେ ତାହାକୁ ତ ବିଭାଗରେ କେହି ଗ୍ରହଣ କଲେନି। ସଚିବଙ୍କୁ ବଦଳାଇଦେଲା ପରେ ବିରୋଧୀ ବିଜେଡି ତାହା ଉପରେ ପ୍ରଶ୍ନ ଉଠାଇଥିଲା। ପୂର୍ବ ସରକାରରେ ମିଲରଙ୍କ ଠାରୁ ଟଙ୍କା ଆଦାୟ କରାଯାଉଥିଲା। କିନ୍ତୁ ଏବେ ସେସବୁ ପରିସମାପ୍ତି ଘଟିଛି। ମଣ୍ଡିର ସୁପରିଚାଳନା ପାଇଁ ସବୁ ସ୍ତରରେ ବ୍ୟବସ୍ଥା ହୋଇଛି। ନିଜେ ମୁଖ୍ୟମନ୍ତ୍ରୀ ବିଧାୟକମାନଙ୍କ ସହ ୫ ଥର ବୈଠକ କରିଛନ୍ତି। ପ୍ରତି ମଣ୍ଡି ପାଇଁ ନୋଡାଲ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି। ମନ୍ତ୍ରୀମାନଙ୍କୁ ଜିଲ୍ଲା ଦାୟିତ୍ୱ ବଣ୍ଟନ କରାଯାଇଛି। ଶ୍ରୀ ପାତ୍ର କହିଥିଲେ, ଆମ ରାଜ୍ୟରେ ବିକ୍ରି ପାଇଁ ପଡ଼ୋଶୀ ରାଜ୍ୟରୁ ଆସୁଥିବା ଧାନକୁ ରୋକିବା ନିମନ୍ତେ ରାଜ୍ୟ ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକର ପ୍ରବେଶ ପଥରେ ଧାନ ପରିବହନକାରୀ ଯାନଗୁଡ଼ିକର ଗତିବିଧି ଉପରେ ନଜର ରଖିବା ପାଇଁ ସିସିଟିଭି ଓ କ୍ୟାମେରା ମାଉଣ୍ଟେଡ୍ ଗାଡ଼ି ରଖିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଥମ ଥର ପାଇଁ ଧାନ ସଂଗ୍ରହ ପ୍ରକ୍ରିୟାରେ କଟ୍‌ନି ଛଟ୍‌ନି ବନ୍ଦ କରିବା ସହ ଧାନର ମାନ ନିରୂପଣ କରିବାକୁ ୫ ହଜାର ଟନରୁ ଅଧିକ ଧାନ କ୍ରୟ କରୁଥିବା ସମସ୍ତ ପିପିସି ପାଇଁ ସଂଯୁକ୍ତ ଆରଏମ୍‌ସି ଦ୍ୱାରା ଏଆଇ ଆଧାରିତ ଶସ୍ୟ ବିଶ୍ଳେଷଣକାରୀ ଯନ୍ତ୍ର ଉପଲବ୍ଧ କରାଯାଉଛି। ଧାନର ଟୋକନ ଅବଧିରେ ୭ ଦିନ ବୃଦ୍ଧି କରିବାକୁ ଜିଲ୍ଲାପାଳଙ୍କୁ କ୍ଷମତା ଦିଆଯାଇଛି। ଖରିଫ ଧାନ ବିକ୍ରି ପାଇଁ ମୋଟ୍ ୧୭.୫୦ ଲକ୍ଷ ଚାଷୀ ପଞ୍ଜୀକରଣ କରିଛନ୍ତି।

# ଟାଟା ଷ୍ଟିଲକୁ ପ୍ରଦୂଷଣ ବିଭାଗର କାରଣଦର୍ଶାଅ ନୋଟିସ

## ଟାଟା ଷ୍ଟିଲ କଳିଙ୍ଗନଗରର ପ୍ରଦୂଷଣକାରୀ କାରଖାନାରେ ଗଣତି

## ୧୫ ଦିନ ରେ ସନ୍ତୋଷ ଜନକ ଉତ୍ତର ନଦେଲେ ଆଇନ୍ ଅନୁଯାୟୀ କାର୍ଯ୍ୟନୁଷ୍ଠାନ

କଳିଙ୍ଗନଗର,୧୦/୧୨ (ନି.ପ୍ର):କଳିଙ୍ଗ ନଗର ଶିଳ୍ପ ରାଜଧାନୀ।ଏଠାରେ ୧୫ରୁ ଉର୍ଦ୍ଧ କାରଖାନା ସ୍ଥାପିତ ହୋଇଛି।ଦିନ କୁ ଦିନ କଳିଙ୍ଗ ନଗର ଅଞ୍ଚଳରେ ବାୟୁ,ଜଳ ପ୍ରଦୂଷଣ ବଢି ଚାଲିଛି ଓ କାରଖାନା ଚତୁରପାର୍ଶ୍ୱରେ ଜନସାଧାରଣ ବିଭିନ୍ନ ରୋଗର ଶିକାର ହେବା ସହ ମୃତ୍ୟୁ ମୁଖରେ ପଡୁଛନ୍ତି। ଯାହା କୁ ନେଇ ନୂତନ ଆଞ୍ଚଳିକ ପ୍ରଦୂଷଣ ବିଭାଗ ର ମୁଖ୍ୟ ନିଜର କାର୍ଯ୍ୟଦକ୍ଷତା ବଳରେ କଳିଙ୍ଗନଗରରେ ଥିବା ଏକାଧିକ କାରଖାନାକୁ ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ ବହୁ ସମୟରେ ପରିଦର୍ଶନ କଲା ପରେ ଏବେ ଅନେକ କାରଖାନାକୁ କାରଣ ଦର୍ଶାଅ ନୋଟିସ ପଠାଇଥିବା ଦେଖିବାକୁ ମିଳିଛି। ଏହି କ୍ରମରେ ଯାଜପୁର ଜିଲ୍ଲା ରେ ଥିବା କଳିଙ୍ଗନଗର ର ଟାଟା ଷ୍ଟିଲ କୁ ଗତ ୨୯ ତାରିଖରେ ୧୧ ଟି ବିଷୟରେ ଲିଖିତ ଅଭିଯୋଗ କରିଥିବା ଦେଖିବାକୁ ମିଳିଛି। ଟାଟା ଷ୍ଟିଲ କଳିଙ୍ଗନଗର ରେ ସବୁ ଠାରୁ ବୃହତ ପ୍ରକଳ୍ପର ମାନ୍ୟତା ପାଇଥିବା ବେଳେ ନିଜକୁ ସଦାସର୍ବଦା ସ୍ୱଚ୍ଛ ନିର୍ମଳ କହୁଥିବା ବେଳେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଦିଆଯାଇଥିବା ଚିଠି ପରେ




ଟାଟା ଷ୍ଟିଲ ର ପ୍ରକୃତ ସ୍ୱଭାବ ସାମ୍ନାକୁ ଆସିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ସୂଚନା ମୁତାବକ ଚିଠି ସଂଖ୍ୟା ୧୯୫୦୧ ଆଇଏନଡି ଆଇ କେନ୍ ୬୪୪୭ ତା ୨୯.୧୧.୨୪ ରେ କଳିଙ୍ଗନଗର ସ୍ଥିତ ଟାଟା ଷ୍ଟିଲ କାରଖାନାର କୁ ୧୫ ଦିନ ର ଅବଧି ଭିତରେ ଜଦି କୌଣସି ସନ୍ତୋଷ ଜନକ ଉତ୍ତର ନଦେଇ ପାରିବେ ତେବେ କାରଖାନା କୁ କ'ଣ ପାଇଁ ବନ୍ଦ କରାନଯିବ ବୋଲି ପ୍ରଶ୍ନ କରିଛନ୍ତି ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ମୁଖ୍ୟ ସଚିବ ଏହି ୧୫ ଦିନ ଭିତରେ ନିଜର ପ୍ରତିକ୍ରିୟା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ର ସଚିବ । ଗତ ୫.୧୧.୨୪ ରେ କଳିଙ୍ଗନଗର ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ଏକ ଟିମ ଟାଟା ଷ୍ଟିଲ କୁ ପରିବର୍ତ୍ତନ କରିବା ପରେ ତାଙ୍କରି ରିପୋର୍ଟ ଆଧାରରେ ଏହି ଚିଠି କରିଥିବା ବେଳେ କାରଖାନା କୁ ଦିଆଯାଇଥିବା ନୋଟିସ୍ କୁ ଅନୁଧ୍ୟାନ କଲେ ଜଣାଯାଏ କି ଟାଟା ଷ୍ଟିଲ ପ୍ରଦୂଷଣ ନିୟନ୍ତ୍ରଣ କରିବା ରେ ସମ୍ପୂର୍ଣ୍ଣ ଭାବେ ବିଫଳ ତେଣୁ ଆଗକୁ ଦେଖିବାକୁ ବାକି ରହିଲା କି କଳିଙ୍ଗନଗର ରେ ଥିବା ସାଧାରଣ ଲୋକଙ୍କ ଜୀବନ ବିପଦାପନ୍ନ କରୁଥିବା ଟାଟା ଷ୍ଟିଲ ଉପରେ କ'ଣ ପଦକ୍ଷେପ ଗ୍ରହଣ କରୁଛନ୍ତି ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ।

# ମୟୂରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲରେ କ୍ୟାରିୟର କାଉନସେଲିଂ

ବାରିପଦା,୧୦/୧୨ (ନି.ପ୍ର): ମହାରାଜପୁରସ୍ଥିତ ମୟୂରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲରେ କ୍ୟାରିୟର କାଉନସେଲିଂ ବିଦ୍ୟାଳୟର ଅଧକ୍ଷା ମିସ ଦେବାଶ୍ରୀତା ବିଶ୍ୱାଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି. ମୟୂରଭଞ୍ଜ ଆକାଉନଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଅଧକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀ ମାନେ ନିଜର ଭବିଷ୍ୟତ ନିମନ୍ତେ ସ୍ୱପ୍ନ ଦେଖିବା ଏବଂ ସ୍ୱପ୍ନକୁ ସାକାର କରିବା ପାଇଁ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଉଭିଦ ବିଜ୍ଞାନ ଅଧ୍ୟାପିକା ରୁପମଞ୍ଜରି ବେହେରା, କସ୍ତୁରବା ମହାନ୍ତ, ରାଜନୀତି ବିଜ୍ଞାନ ଅଧ୍ୟାପକ ସତ୍ୟ ନାରାୟଣ ଦାସ, ଅଧ୍ୟାପିକା ସୁଶ୍ରୀ ନାୟକ,ବାଣିଜ୍ୟ ବିଭାଗର ଅଧ୍ୟାପକ ଅଭିଜିତ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ କ୍ୟାରିୟର ସମ୍ବନ୍ଧୀୟ ମୂଲ୍ୟବାନ ପରାମର୍ଶ ଦେଇଥିଲେ । ଅଧ୍ୟାପିକା ସୁଜାତା ପାଲ ଅତିଥି ପରିଚୟ କରିଥିବା ବେଳେ ଅଧ୍ୟାପିକା ଦିପ୍ତିଶ୍ରି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ କୀର୍ତ୍ତିକୌଶିକ ନାୟକ, ଛାତ୍ର ତୁଷାର ମହାନ୍ତ, ଅର୍ଜୁନ ମହାନ୍ତ ଏବଂ ବାପି ମାରାଣ୍ଡି ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

# ପୁଣି ଶିମିଳିପାଳରେ ଟ୍ରାପ କ୍ୟାମେରା ଧରାଇ ଦେଲା ୩ ଶିକାରୀ

## ୫ଟି ଦେଶୀ ବନ୍ଧୁକ ସହ ଅନ୍ୟାନ୍ୟ ଶିକାର ସାମଗ୍ରୀ ଜବତ

ବାରିପଦା,୧୦/୧୨ (ନି.ପ୍ର)::ଶିକାର ମୁକ୍ତ ଶିମିଳିପାଳ ଏବଂ ଜୀବଜନ୍ତୁ ଙ୍କ ଗତି ବିଧି ଉପରେ ସତର୍କ ଦୃଷ୍ଟି ରଖିବା ପାଇଁ ଶିମିଳିପାଳ ଅଭୟାରଣ୍ୟରେ ଖଞ୍ଜା ଯାଇଥିବା ଟ୍ରାପ କ୍ୟାମେରା ପୁଣି ଶିମିଳିପାଳରେ ୩ ଶିକାରୀଙ୍କୁ ଧରାଇ ଦେଇଛି । ଗିରଫ ହୋଇଥିବା ଶିକାରୀମାନଙ୍କ ମଧ୍ୟରେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଦୁମା ସାହି ଗ୍ରାମର କରଣ ମାରାଣ୍ଡି ଓରଫ ଟୁରା (୨୧), କାରୁ ହଂସଦା ଓରଫ କନ୍ଦା ( ୩୫) ଏବଂ ବୁଧୁରାଇ ସୋରେନ (୨୮) ବୋଲି ଜଣାଯାଇଛି. ସୂଚନା ମୁତାବକ କରଣ ମାରାଣ୍ଡି ଶିକାର ପାଇଁ ଶିମିଳିପାଳ କୋର ଏରିଆରେ ପ୍ରବେଶ କରୁଥିବା ବେଳେ ଟ୍ରାପ କ୍ୟାମେରାରେ ତାର ଚିତ୍ର କଏଦ ହେବା ପରେ ବନ୍ଧୁକ ସହିତ ସିମିଳିପାଳ ଅଭୟାରଣ୍ୟ ଭିତରୁ ଧରା ପଡିଥିଲା । ତେବେ ପରେ ଘଟଣାରେ ଅନ୍ୟ ମାନଙ୍କ ସମ୍ପୃକ୍ତି ଥିବା ଜାଣି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉପନିର୍ଦ୍ଦେଶକ (ଦକ୍ଷିଣ) ସମ୍ରାଟ ଗୌଡ଼ାଙ୍କ ତତ୍ତ୍ୱାବଧାନରେ ଏକ ଟିମ ଗଠନ କରାଯାଇ ଦୁମା ସାହି ଗ୍ରାମରେ ଚଢ଼ାଉ କରାଯାଇ ଅନ୍ୟ ଦୁଇଜଣ ଶିକାରୀ କାରୁ ହଂସଦା ଏବଂ ବୁଧୁରାଇ ସୋରେନ କୁ ଗିରଫ କରାଯାଇଛି । ଏହି ଶିକାରୀ ମାନଙ୍କୁ ସେମାନଙ୍କ ଠାରୁ ୫ଟି ଦେଶୀ ବନ୍ଧୁକ, ଗୋଟିଏ ଅଧା ଗଢା ବନ୍ଧୁକ ଗନ ପାଉଡର, ପେଲେଟ ଏବଂ ଅନ୍ୟାନ୍ୟ ଶିକାର ସାମଗ୍ରୀ ଜବତ କରାଯାଇଛି । ବନ ବିଭାଗ ପକ୍ଷରୁ ଅସ୍ତ୍ରଶସ୍ତ୍ର ଅଧିନିୟମ ୧୯୫୯ ଏବଂ ବିସ୍ଫୋରକ ଅଧିନିୟମ



୧୮୮୪ ଅନୁଯାୟୀ ମାମଲା ରୁଜୁ କରିବା ସହ ଜବତ ସାମଗ୍ରୀ ଗୁଡିକୁ ପୋଲିସ ଷ୍ଟେସନକୁ ହସ୍ତାନ୍ତର କରାଯାଇ ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉପନିର୍ଦ୍ଦେଶକ (ଦକ୍ଷିଣ) ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି ।

# ଶାଲୋମ ଓଲ ଡିନାମିଶନ ପାଷ୍ଟର ଫେଲସିପର କାର୍ଯ୍ୟାଳୟ ଉଦଘାଟିତ

କୋଟପାଡ଼,୧୦/୧୨ (ନି.ପ୍ର):କୋରାପୁଟ ଜିଲ୍ଲା କୋଟପାଡ଼ ସହର ର ଓଁଳାଭୋଟା ଠାରେ ଆଜି ମହା ଆଡମ୍ବର ସହ ଶାଲୋମ ଓଲ ଡିନାମିଶନ ପାଷ୍ଟର ଫେଲୋସିପ ତରଫରୁ ନୂତନ କାର୍ଯ୍ୟାଳୟ ଗୃହ ଉଦଘାଟନ କରାଯାଇଛି । ଉକ୍ତ ସମାରୋହରେ ମୁଖ୍ୟଅତିଥି ଭାବରେ ବିଶପ ରାଜେଶ ପାତ୍ର, ମୁଖ୍ୟବକ୍ତା ଭାବେ ବିଶପ ହେମପ୍ରସାଦ ଦାସ,ସମାନୀୟ ଅତିଥି ଭାବେ ଶାନ୍ତିଲତା ଆଶା, ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ, ପୂର୍ବତନ ବିଧାୟକ ଚନ୍ଦ୍ର ଶେଖର ମାଝୀ, କୋମର୍ସ ଅଫ ଚାମ୍ବର ସଭାପତି ଗଣେଶ ପଣ୍ଡା,ବିଜେଡି ଟାଉନ ସଭାପତି ଅରିଫ ପଟେଲ, ସୁଧୀର ମହାନ୍ତି, ଶ୍ରୀ ମଳୟ ଜବ ଆଶା,ଯେ.ଇ.ଏଲ.ସି କୋଟପାଡ଼ ଡିନ. ରେଭ.ମନୋଜ ଦୁଖୀ,ଜେ.ଇ.ଏଲ.ସି. ଡିନ କୋଷାଗୁମୁଡା ରେଭ,ସୁରେନ୍ଦ୍ର ପାଟଣା, କୁନ୍ଦ୍ରା ପାଷ୍ଟର ଫେଲସିପ ସଭାପତି ରେଭ. ସୁବାଷ ସେପ୍ତି.



ସେମିଲିଗୁଡା ପାଷ୍ଟର ସଭାପତି ରେଭ, ଡାନିଏଲ ଖରା ଏବଂ ପାଷ୍ଟର ଓଲ ଡିନା ମିଶନ ଫେଲସିପ ର ପ୍ରତ୍ୟକ ପାଳକ ପାଳିକା ମାନେ ଯୋଗ ଦେଇଥିଲେ । ଆଜିର ଏହି କାର୍ଯ୍ୟାଳୟ ଗୃହକାର୍ଯ୍ୟ ସମ୍ପନ ହେବାରେ ସ୍ୱର୍ଗତ ରେଭ. ଡ଼ଃ. ମୃତ୍ୟୁଞ୍ଜୟ ଆଶା ଙ୍କର ବହୁତ ଅବଦାନ ରହିଥିବା ନେଇ ଆଲୋକପାତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଶାଲୋମ ଓଲ ଡିନାମିଶନ ଫେଲସିପର ବର୍ତ୍ତମାନ ବୋର୍ଡ଼ ମେମ୍ବର ତଥା ପରାମର୍ଶ ଦାତା ରେଭ. ଯୀଶୁଦାନ ଗରଡ଼ା, ସଭାପତି. ରେଭ.ବେଞ୍ଜ୍ୟାବିନ ବାଘ, ଉପ ସଭାପତି, ରେଭ. ମଙ୍ଗଳ ଦାନ ସରୁ.ସମ୍ପାଦକ, ପାଳକ ଦୟାନିଧି ଆଶ୍ରିତ, କୋଷାଧକ୍ଷ ପାଳକ ବିଜୟ ଗମ୍ଭାରୀ,ସଦଶ୍ୟ ପାଳକ ପାଉଲ ବେନ୍ୟା ପ୍ରମୁଖ ମାନଙ୍କ ସହଯୋଗରେ ସାଫଲ୍ୟ ମଣ୍ଡିତ ହୋଇଥିଲା । ଆଗାମୀ ଦିନରେ ଏହି ଶାଲୋମ ଓଲ ଡିନାମିଶନ ପାଷ୍ଟର ଫେଲସିପ ଦ୍ୱାରା ପୁରା ଅବିଭକ୍ତ କୋରାପୁଟ ଜିଲ୍ଲାରେ ଏକତା ହୋଇ ବିଭିନ୍ନ ପ୍ରକାରର ସାମାଜିକ ଉନ୍ନତି ମୂଳକ କାର୍ଯ୍ୟ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି ।

# ନର୍ଲାରେ ଯାଦବ ମହାସଭାର ସାଙ୍ଗଠନିକ ବୈଠକ



ଭବାନୀପାଟଣା,୧୦/୧୨ (ନି.ପ୍ର): ନର୍ଲା ଯାଦବ ଭବନ ଠାରେ ଗୁରୁବାର ଯାଦବ ମହାସଭାର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନର୍ଲା ବ୍ଲକ ଯାଦବ ସମିତି ସଭାପତି ଯୁଧିଷ୍ଠି ଗଉଡଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାର ୧୩ଗୋଟି ବ୍ଲକର ସଭାପତି ଓ କାର୍ଯ୍ୟକର୍ତ୍ତା ଯୋଗଦେଇ ନିଜ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ବ୍ଲକ ଉପସଭାପତି ଦୁର୍ଲ୍ଲଭ ମାହାର ସ୍ୱାଗତ ଅଭିଭାଷଣ ଓ ବୈଠକର ଆଭିମୁଖ୍ୟ ପ୍ରତିପାଦନ କରିଥିଲେ। ଆଗାମୀ ନବମ ଯାଦବ ମହାସଭା ନର୍ଲାରେ ହେବାକୁ ସ୍ଥିରିକୃତ ହୋଇଥିବାରୁ ଏହା କିପରି ବ୍ୟବସ୍ଥିତ ଢ଼ଙ୍ଗରେ ସଂପାଦିତ ହୋଇପାରିବ ସେନେଇ ଉପସ୍ଥିତ ବ୍ଲକ ସଭାପତି ଓ ଯାଦବ ନେତୃତ୍ୱମାନେ ଗୁରୁତ୍ୱାରୋପ କରିଥିଲେ। ନର୍ଲା ବ୍ଲକ ସମ୍ପାଦକ ଅଜିତ କରୁଆଁ କାର୍ଯ୍ୟକ୍ରମ ସଂଚାଳନ କରିଥିବାବେଳେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଧଙ୍ଗଡାମାଝୀ, ଜିଲ୍ଲା ଯୁବ ଯାଦବ ମହାସଭାର ଉପସଭାପତି ସୁନୀଲ କୁମାର ଧଙ୍ଗଡାମାଝୀ, ବରିଷ୍ଠ ଯାଦବ ନେତୃତ୍ୱ ପଦ୍ମଲୋଚନ ଜାଲ, ତ୍ରିଲୋଚନ ନାଏକ, କ୍ଷେତ୍ର ମାହାର ପ୍ରମୁଖଙ୍କ ସହ ଜିଲ୍ଲାର ସମସ୍ତ ବ୍ଲକ ସଭାପତି ବୈଠକରେ ଉପସ୍ଥିତ ଥିଲେ। ନର୍ଲା ବ୍ଲକ ଉପସଭାପତି ଗିରିଧାରୀ ଗଉଡ, କୋଷାଧ୍ୟକ୍ଷ ମାର୍କଣ୍ଡ ଜାଲଙ୍କ ସମେତ ମୋହନ ବାଗ, ଦେବରାଜ ବଗର୍ତ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବ୍ଲକ ଉପସଭାପତି ଲିଙ୍ଗରାଜ କରୁଆଁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ମନମୁଖି କାର୍ଯ୍ୟକୁ ନେଇ ସ୍କୁଲ ଫାଟକରେ ତାଲା ପକାଇ ଧାରଣା ଦେଲେ ମହିଳା

ଲାଞ୍ଜିଗଡ, ୧୦/୧୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ଛତ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖାଦେଇଛି ଅବ୍ୟବସ୍ଥା । ପ୍ରଧାନ ଶିକ୍ଷୟିତ୍ରୀ ମମତା ସୁନା ମନମୁଖୀ କାର୍ଯ୍ୟକୁ ନେଇ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଲୋକେ କହିବା ଅନୁଯାୟୀ ଛତ୍ରପୁର ସ୍କୁଲ ହଷ୍ଟେଲରେ ଶହେ ଜଣ ଅନ୍ତେବାସୀ ରହୁଥିବା ବେଳେ ସେମାନଙ୍କୁ ରୋଷେଇକରି ଗରମ ରନ୍ଧାଖାଦ୍ୟ ଦେବାପାଇଁ ଛତ୍ରପୁର ଗାଁର ମାଁ ଠାକୁରାଣୀ ଏସ ଏସଜି ଗ୍ରୁପ ସହିତ ଚୁକ୍ତି ହୋଇଥିଲା। ହେଲେ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ବିନା କାରଣରେ ସେମାନଙ୍କ ଠାରୁ ରୋଷେଇ କାର୍ଯ୍ୟ ଛଡ଼େଇ ନେଇ ସେ ନିଜେ ଦାୟିତ୍ୱ ନେଇଛନ୍ତି । ଦୀର୍ଘ ଚାରିମାସ ହେଲା ସେମାନଙ୍କୁ ଅଣଦେଖା କରୁଛନ୍ତି । ଏହାକୁ ନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ କର୍ଣ୍ଣପାତ କରୁନାହାନ୍ତି । ଏପଟେ ସ୍କୁଲର ମଧାହ୍ନଭୋଜନର ବିଲ ମଧ ଦୀର୍ଘ ଚାରିମାସ ହେଲା ଦିଆଯାଇ ନାହିଁ । ଗରିବ ନିରୀହ



ମହିଳା ମାନେ ଧାର ଉଧାର କରି ପିଲାମାନଙ୍କୁ ଖାଇବାକୁ ଦେଉଛନ୍ତି । ବିଲ ପାଇଁ କହିଲେ ପ୍ରଧାନ ଶିକ୍ଷୟିତ୍ରୀ ନାଲି ଆଖି ଦେଖାଉଛନ୍ତି ବୋଲି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଅଭିଯୋଗ କରିଛନ୍ତି । ଏପଟେ ସରକାର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସ୍କୁଲରେ ରୋଷେଇ କରି ଦିପଇସା ରୋଜଗାର କରି ସ୍ୱାବଲମ୍ବି କରୁଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ଏହି ନିୟମକୁ ଉଲଙ୍ଘନ କରି ଜୋର ଜବରଦସ୍ତି ଏସ ଏସଜି ଗ୍ରୁପ ଠାରୁ ଦାୟିତ୍ୱ ଛଡ଼ାଇ ନେଇଛନ୍ତି । ତେବେ ପ୍ରଧାନ ଶିକ୍ଷୟିତ୍ରୀ ମମତା ସେନାପତିକୁ ଯଥା ଶିଘ୍ର ଅନ୍ୟତ୍ର ବଦଳି କରା ନ ଗଲେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି । ଏହାକୁ ଛତ୍ରପୁର ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ମମତା ସେନାପତିଙ୍କୁ ପଚାରିବାରୁ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନେ ନିଜ କାର୍ଯ୍ୟ ଠିକ ଭାବରେ ତୁଲାଉନଥିବାରୁ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମତେ ରୋଷେଇର ଦାୟିତ୍ୱ ଦେଇଛନ୍ତି ବୋଲି ପ୍ରକାଶ କରିଥିବା ବେଳେ ଏପଟେ ବ୍ଲକ ସାମାଜିକ ମଙ୍ଗଳ ସଂପ୍ରସାରଣ ଅଧିକାରୀଙ୍କୁ ପଚାରିବାରୁ ସେପଟମ୍ବର ମାସରେ ରୋଷେଇ ଦାୟିତ୍ୱରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ରୋଷେଇ ସାମଗ୍ରୀ ସ୍କୁଲରେ ଯୋଗାଇନଥିବାରୁ ପ୍ରଧାନ ଶିକ୍ଷୟିତ୍ରୀ ଙ୍କୁ ଦାୟିତ୍ୱ ଦିଆଯାଇଥିଲା । ଏସମ୍ପର୍କରେ ଜିଲ୍ଲା ମଙ୍ଗଳ ଅଧିକାରୀ ଙ୍କୁ ପଚାରିବାରୁ ଏ ପର୍ଯ୍ୟନ୍ତ ମୋ ପାଖକୁ ଏ ସଂକ୍ରାନ୍ତରେ କୌଣସି ଅଭିଯୋଗ ଆସି ନାହିଁ ମୁଁ ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀକୁ ସେହି ସ୍କୁଲକୁ ପଠାଇ ବୋଲି ପ୍ରକାଶ କରିଥିଲେ।

# ରାତିରେ ଚାଲିଛି ଆରଡ଼ି ରାସ୍ତା କାମ

ଧର୍ମଗଡ, ୧୦/୧୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ବିଜୁ ଏକ୍ସପ୍ରେସ ରାସ୍ତା ଜାଦବ ଢାବା ଠାରୁ ବାବେଗୁଡା ରାସ୍ତା କାମ ରାତିରେ ହେଉଥିବା ଦେଖିବାକୁ ମିଳୁଛି। ଏହି ରାସ୍ତା କାମଟି ଧର୍ମଗଡ଼ ଗ୍ରାମ୍ୟ ନିର୍ମାଣ ବିଭାଗ ଦ୍ୱାରା ହେଉଥିବା ବେଳେ ଏହାର ଅଟକଳ ପରିମାଣ ୩କୋଟି ୫୮ ଲକ୍ଷ୍ୟ ୯୩ ହଜାର ଟଙ୍କା ଯାହା ସୂଚନା ଫଳକରେ ଉଲ୍ଲେଖ ଅଛି । ଏହି କାମକୁ ପଡୋଶୀ ନୂଆପଡା ଜିଲ୍ଲାର ଖରିଆର ଗ୍ରାମର ରଘୁନନ୍ଦନ ଅଗ୍ରୱାଲ ଏହି ରାସ୍ତା ନିର୍ମାଣର ଦାୟିତ୍ୱ ନେଇଛନ୍ତି । ଗତ ଗ୍ରୀଷ୍ମ ଋତୁରେ ଏହି କାମଟି ଆରମ୍ଭ ହୋଇଥିଲା । ନିମ୍ନମାନ ର ପିଚୁକାମ ଯୋଗୁଁ ସ୍ତରସ୍ତର ହୋଇ ପିଚୁ ଉଠୁଥିବା ନେଇ ସ୍ଥାନୀୟ ଲୋକେ ବିରୋଧ କରି ବିଭାଗୀୟ ଅଧିକାରୀଙ୍କୁ ମଧ ଲିଖିତ ଅଭିଯୋଗ କରିଥିଲେ। ଯାହାରି ଫଳରେ ବିଭିନ୍ନ ଗଣମାଧମରେ ଖବର ପ୍ରକାଶିତ ହୋଇଥିଲା। ଏନେଇ ବିଭିନ୍ନ ଅଭିଯୋଗ ସତ୍ତ୍ୱେ ତିନି ରୁ ଚାରି ମାସ ହେବ ରାସ୍ତା କାର୍ଯ୍ୟ ବନ୍ଦ ରହିଥିଲା । ବର୍ତ୍ତମାନ ପୁଣି କାମ ଆରମ୍ଭ ହୋଇଥିବା ଦେଖାଦେଇଛି। ଯାହାକି ରାସ୍ତା ରେ ରହିଥିବା ଧୂଳି ଗୁଣ୍ଡ ( ଡ଼ଷ୍ଟ) କୁ ମେସିନ କିମ୍ବା ଶ୍ରମିକଙ୍କ ସାହାଯ୍ୟରେ ସଫା କରିବା ସହ ପିଚୁ କାର୍ଯ୍ୟ ଆରମ୍ଭ ନିୟମ ରହିଛି । କିନ୍ତୁ ଠିକାଦାର ଓ



ଯନ୍ତ୍ରୀ ଙ୍କ ଖାମଖିଆଲି ମନୋଭାବ ଯୋଗୁଁ ରାତିଅଧିଆ ତରବରିଆ ଭାବରେ କାମ କରୁଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଉଦବେଗ ପ୍ରକାଶ ପାଇଛି। ରାସ୍ତାଟି ଗ୍ରାମାଞ୍ଚଳ ଭିତରେ ଥିବାରୁ ପ୍ରଶାସନର ନଜର ନାହିଁ କି ବିଭାଗୀୟ ଅଧିକାରୀମାନେ ମଧ୍ୟ ଆସୁ ନାହାନ୍ତି । ଫଳରେ ଠିକାଦାରଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ମୁନସି ସ୍ଥାନୀୟ ଲୋକଙ୍କୁ ଭୟ ଦେଖାଇ ନିମ୍ନମାନ ର କାମ କରୁଥିବା ଅଭିଯୋଗ ହୋଇଛି । ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥାର ସଲା ସୁତରାରେ ହେଉଥିବା ଯୋଗୁଁ ଯେତେ ଅଭିଯୋଗ କଲେ ମଧ ଅଭିଯୋଗର କିଛି ମୁଲ୍ୟ ରହୁନାହିଁ । ଏପଟେ ରାତିରେ କାମ କରିବା ରାସ୍ତା କାମର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ରାତିରେ କାମ କରାଯାଉଥିବା ନେଇ ଗ୍ରାମ୍ୟ ନିର୍ମାଣ ବିଭାଗ ଧର୍ମଗଡ଼ର ଏସଡ଼ିଓ ରାଜେନ୍ଦ୍ର ମାଝୀଙ୍କୁ ଫୋନ ଯୋଗେ ପଚାରିଲେ ଆମେ ଅଫିସରେ ରହି ସବୁ କାମ ତଦନ୍ତ କରୁଛୁ ବୋଲି କହି ଓଲଟା ଗଣମାଧମ ପ୍ରତିନିଧିଙ୍କୁ ଧମକ ଦେଉଛନ୍ତି। ଏ ନେଇ ଗଣମାଧମ ପ୍ରତିନଧିଙ୍କ ଉପରେ ଅସନ୍ତୋଷ ଦେଖା ଦେଇଛି ।ତୁରନ୍ତ ଜିଲ୍ଲା ପ୍ରଶାସନ ଏହାର ଏକ ଭିଜିଲାନ୍ସ ସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବୀ ହେଉଛି ।

# ମୁଖ୍ୟ ମନ୍ତ୍ରୀ ଜନଜାତି ଜୀବିକା ମିଶନ କ୍ଷେତ୍ର ପରିଦର୍ଶନ କଲେ କନ୍ଧମାଳ ଜିଲ୍ଲାପାଳ

ଘୁ ଉଦୟଗିରି:୧୦/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଘୁ ଉଦୟଗିରି ବ୍ଲକ ଅନ୍ତର୍ଗତ ରାଇକଲା ପଞ୍ଚାୟତର ଡ଼ାକପଲା ଗ୍ରାମକୁ କନ୍ଧମାଳ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ମୁଖ୍ୟ ମନ୍ତ୍ରୀ ଜନଜାତି ଜୀବିକା ମିଶନ ତରଫରୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବାଲିଗୁଡା ସହଯୋଗରେ ହୋଇଥିବା ଡାକପଲା ଜନଜାତି ଜୀବିକା ପରିଷଦର କ୍ଷେତ୍ର ପରିଦର୍ଶନ କରିଥିଲେ । ଘୁ. ଉଦୟଗିରିରେ ଥିବା ସିଲେଇ ସେଣ୍ଟର୍ କୁ ଯାଇ ଉତ୍ପାଦକ ଗୋଷ୍ଠିର ମାଆ ମାନଙ୍କ ସହିତ କଥାବାର୍ତ୍ତା ହୋଇଥିଲେ ତାପରେ ଡାକପଲା ଗ୍ରାମକୁ ଯାଇଥିଲେ ଓ ସେଠାରେ ଆନନ୍ଦ ଉଲ୍ଲାସ ସହିତ ସ୍ୱାଗତ କରିଥିଲେ । ପରେ କଫି ଚାଷ କରିବା ପାଇଁ କ୍ଷେତ୍ର ପ୍ରସ୍ତୁତି କିପରି କରିବେ ସେ ବିଷୟରେ ଗ୍ରାମବାସୀଙ୍କୁ ବୁଝେଇ ଥିଲେ ଏବଂ ଗ୍ରୀନ ମଟର ଚାଷ ଜମିକୁ ଯାଇ କ୍ଷେତ୍ର ପରିଦର୍ଶନ କରି ଗ୍ରାମବାସୀ ମାନଙ୍କର ବିଭିନ୍ନ ଅଭିଯୋଗ ଗ୍ରହଣ କରିଥିଲେ ଓ ସେମାନଙ୍କୁ ମସଲା ଜାତ ଦ୍ରବ୍ୟ ଉତ୍ପାଦନ କରିବା ବା ଚାଷ ଜୈବିକ ପଦ୍ଧତିରେ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଆଇଟିଡିଏ ବାଲିଗୁଡାର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା, ପ୍ରୋଜେକ୍ଟ ଡାଇରେକ୍ଟର ଶମ୍ଭୁନାଥ ନନ୍ଦୀ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ଦେବତା, ପ୍ରକଳ୍ପ ପ୍ରବନ୍ଧକ ସମିରନ୍ ନାୟକ, କୃଷି ବିଶେଷଜ୍ଞ ରାଜେଶ ପ୍ରଧାନ, ସାମାଜିକ ବିଶେଷଜ୍ଞ ଜଗମହୋନ ପୃଷ୍ଟି ବ୍ଲକ ଜୀବିକା ବିଶେଷଜ୍ଞ ମଜେଶ କୁମାର ନାୟକ,







ରୋହିମୁଦ ନାୟକ ସମେତ ଜନଜାତି ଜୀବିକା ପରିଷଦର ସାଥୀ ଚରଣ ପ୍ରଧାନ, ବିକି ପ୍ରଧାନ, ବିକାଶ ପ୍ରଧାନ, ସୁଯୋଗନନ୍ଦ୍ ପ୍ରଧାନ ଓ ୧୩ ଜଣିଆ କମିଟିର କର୍ମକର୍ତ୍ତା ଓ ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିଥିଲେ ।

# ଜିଲ୍ଲା ସ୍ତରୀୟ ବିଶ୍ୱ ମୃତିକା ଦିବସ ପାଳିତ

ବୌଦ୍ଧ,୧୦/୧୨ (ନି.ପ୍ର): ବୌଦ୍ଧ ଜିଲ୍ଲା ମୁଖ୍ୟ କୃଷି ଆଧିକାରୀଙ୍କ ଆତ୍ମା କାର୍ଯ୍ୟାଳୟ ଠାରେ ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ଜଳ ବିଭାଜିକା ମିଶନ ତଥା ମୃତିକା ସରଂକ୍ଷଣ ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ ବିଶ୍ୱ ମୃତିକା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଜିଲ୍ଲା ପରିଷଦ ଅଧକ୍ଷା ପ୍ରଭାସିନୀ ଦାସ, ସଂମ୍ମାନିତ ଅତିଥି ଭାବେ ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଅନ୍ୟତମ ଅତିଥି ଭାବେ ବୌଦ୍ଧ ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ବୌଦ୍ଧଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର,ବୌଦ୍ଧ ପାଲଝାର ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡା ତାପସ କୁମାର ଦାସ, ଉପ -ନିର୍ଦ୍ଦେଶକ ଉଦ୍ୟାନ କୃଷି ବିଭାଗ ଯୋଗେନ୍ଦ୍ର ନାଥ ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିବାବେଳେ ବୌଦ୍ଧ ଜିଲ୍ଲାର ଅଗ୍ରଣୀ ଚାଷୀ ମାନେ ଅଂଶ ଗ୍ରହଣ କରିଥିଲେ । ଅତିଥି ମାନଙ୍କ ବକ୍ତବ୍ୟରେ ମାଟିକୁ ନିଜର ମା କହିଥିବା ବେଳେ ତାର ଯତ୍ନ ନେବା ଅତ୍ୟନ୍ତ ଜରୁରୀ ମନେ କରି ସମସ୍ତ ଚାଷୀ ମାନଙ୍କୁ ଅନୁରୋଧ କରିଥିଲେ । ଦ୍ୱିତୀୟ ଅଧିବେଶନରେ କୃଷକ ଓ ବିଶେଷଜ୍ଞ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଡା ମୟୁରୀ ସିଂ ସରଦାର, ଡା ସମାପିକା ଦଳାଇ,ସସ୍ମିତା ପାଳ ଙ୍କ ସମେତ ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ । ଶେଷରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରୁଦ୍ରଦେବ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ଛାତ୍ର/ ଛାତ୍ରୀ ମାନଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ ଓ ତାଙ୍କୁ ଅତିଥି ମନେ ସମ୍ମାନପତ୍ର ପ୍ରଦାନ କରିଥିଲେ ।

# ମଣ୍ଡେଇ ମହୋତ୍ସବ ର ଉଦଯାପନି ଉତ୍ସବ , ଯୋଗଦେଲେ ମୁଖ୍ୟମନ୍ତ୍ରୀ

ନବରଙ୍ଗପୁର, ୧୦/୧୨ (ନି.ପ୍ର): ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ବିଦାୟ ନେଇଛି ନବରଙ୍ଗପୁର ଜିଲ୍ଲାର ସାଂସ୍କୃତିକ ଲୋକ ମହୋତ୍ସବ ମଣ୍ଡେଇ ୨୦୨୪ । ଶେଷ ଦିନ ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବରେଣ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଯୋଗଦେଇଥିଲେ । ମଣ୍ଡେଇ କାର୍ଯ୍ୟକ୍ରମ ପାଇଁ ନବରଙ୍ଗପୁର ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ କେଭି ସିଂ ଦେଓ ପହଞ୍ଚିବା ପରେ ପୋଲିସ ଆରଓ ପଡିଆ ସ୍ଥିତ ହେଲିପେଡ ରେ ପହଁଚିବା ପରେ ମୁଖ୍ୟମନ୍ତ୍ରୀ ଏବଂ ଉପ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶାସନ ପକ୍ଷରୁ ଗାର୍ଡ ଅଫ ଅନର ଦିଆଯାଇଥିଲା , ଏବଂ ଗଣ ଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଙ୍କ ସହ ବହୁ ବିଜେପି ନେତା, ଫୁଲତୋଡା ଦେଇ ସ୍ୱାଗତ କରିଥିଲେ । ଏହା ପରେ ସର୍କିଟ ହାଉସ ରେ ପହଞ୍ଚି ଅଳ୍ପ ବିଶ୍ରାମ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ , ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଙ୍କ ସମେତ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, , ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଓ ଝରିଗାଁ ବିଧାୟକ ନରସିଂହ ଭତ୍ରା ଙ୍କ ସହ ସର୍କିଟ ହାଉସ ଠାରୁ ମଙ୍ଗଳମ ଟିମ୍ବର ଛକ ପର୍ଯ୍ୟନ୍ତ ଉପସ୍ଥିତ ବିଜେପି କର୍ମୀ ମାନଙ୍କ ସହିତ ରୋଡ଼ ଶୋ ରେ ସାମିଲ ହୋଇଥିଲେ । ଏବଂ ରାଲି ରେ ଯାଇ ନବରଙ୍ଗପୁର ର ଅଧିଷ୍ଠାତ୍ରୀ ଦେବୀ ମା ଭଣ୍ଡାର ଘରଣୀ ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ପରେ ନବରଙ୍ଗପୁର ଜିଲ୍ଲାର ସାଂସ୍କୃତିକ ଲୋକ ମହୋତ୍ସବ ମଣ୍ଡେଇ ର ଉଦଯାପନି ଉତ୍ସବରେ ସାମିଲ ହୋଇଥିଲେ । ମଣ୍ଡେଇ ପଡିଆ ରେ ମଧ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଙ୍କୁ ବିଭିନ୍ନ ସାଂସ୍କୃତିକ ଦଳ ଦ୍ୱାରା ଗୀତ ନୃତ୍ୟ ରେ ସ୍ୱାଗତ କରାଯାଇଥିଲା । ପରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ମଣ୍ଡେଇ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ । ମଞ୍ଚ ରେ ଅନ୍ୟ ମାନଙ୍କ ମଧ ରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଙ୍କ ସମେତ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, , ରାଜ୍ୟ ସଭା ସାଂସଦ ମୁନ୍ନା ଖାଁ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ , ଝରିଗାଁ ବିଧାୟକ ନରସିଂହ ଭତ୍ରା ଓ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗଦେଇଥିଲେ । ତେବେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ମଞ୍ଚ ରେ ଭାଷଣ ସମୟ ରେ ରାଜନୈତିକ ସଭା ପାଲଟି ଯାଇଥିଲା ।



ମଣ୍ଡେଇ ମଞ୍ଚ ରେ ଉପସ୍ଥିତ ଶାସକ ଓ ବିରୋଧୀ ବିଧାୟକ , ସାଂସଦ ଙ୍କ ମଧ ରେ ଆରୋପ ପ୍ରତ୍ୟାରୋପ ଦେଖିବାକୁ ମିଳିଥିଲା । ଡାବୁଗାଁ ର ବିଜେଡି ବିଧାୟକ ମୁଖ୍ୟମନ୍ତ୍ରୀ ଙ୍କ ନିକଟରେ ନବରଙ୍ଗପୁର ଜିଲ୍ଲାର ବିକାଶ ପାଇଁ ଜିଲ୍ଲା ଭିତ୍ତିକ ନିଯୁକ୍ତି ସହ , ଡିପିସି ଚେୟାରମ୍ୟାନ, ଏସ ଡିସିସି ଗଠନ ଭଳି ଅନେକ ଦାବି କରି ମୁଖ୍ୟମନ୍ତ୍ରୀ ଙ୍କୁ ଘେରିବାକୁ ଚେଷ୍ଟା କରିଥିଲେ ଯାହାକୁ ମଞ୍ଚ ରେ ଉପସ୍ଥିତ ଥିବା ବିଜେପିର ଲୋକସଭା ସାଂସଦ ବଳଭଦ୍ର ମାଝୀ, କାଉଣ୍ଟର ଆଟାକ କରିଥିବା ଦେଖିବାକୁ ମିଳିଥିଲା । ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟ ରେ ନବରଙ୍ଗପୁର ଜିଲ୍ଲାର ସାମଗ୍ରିକ ଉନ୍ନତି ପାଇଁ ପ୍ରତିଶ୍ରୁତି ଦେବା ସହ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ଦାବି ଜିଲ୍ଲା ଭିତ୍ତିକ ନିଯୁକ୍ତି ନେଇ ମୁହଁ ଖୋଲି ଏହା ପୂରଣ ପାଇଁ ବିଭାଗ କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି । ଓଡିଶାର ଉନ୍ନତି ପ୍ରତି ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେବା ସହ ଡିଜି ସମ୍ମିଳନୀ କରି ନିଜେ ତିନି ଦିନ ଉପସ୍ଥିତ ରହି ଓଡ଼ିଶାର ବିକାଶ ପାଇଁ ଆଲୋଚନା କରିଥିବା କହିଛନ୍ତି । ନବରଙ୍ଗପୁର ମାଟି ଐତିହାସିକ ମାଟି । ସହିଦ ଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ନବରଙ୍ଗପୁର ଜିଲ୍ଲା ପ୍ରତି ତାଙ୍କ ଦୁର୍ବଳତା ଥିବା କହିଛନ୍ତି ।ଦକ୍ଷିଣ ଓଡ଼ିଶାର ଚାରି ଜିଲ୍ଲା କୋରାପୁଟ, ନବରଙ୍ଗପୁର, ରାୟଗଡା ,ମାଲକାନଗିରି ଜିଲ୍ଲା ରେ ବିଗତ ସରକାରଙ୍କ ଅମଳ ରେ କିଛି କାମ ହୋଇନଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ ।ପ୍ରଧାନମନ୍ତ୍ରୀ ଙ୍କ ଠାରୁ ୧୮ ଘଣ୍ଟା ର ପରିଶ୍ରମ କରିବା ପାଇଁ ପ୍ରେରଣା ପାଇଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ । ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ର ବିକାଶ କରିବା ସହ ବିଭିନ୍ନ ହସ୍ତଶିଳ୍ପ ର ବିକାଶ ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରତିଶୃତି ଦେଇଛନ୍ତି । ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ସାଂସ୍କୃତିକ ଦଳ ର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଶୀତ ରେ ମଧ ବିଳମ୍ବିତ ରାତି ରେ ମଧ ଦର୍ଶକ କୁ ବାନ୍ଧି ରଖିଥିଲା । ଶେଷ ଦିନ ର ମୁଖ୍ୟ ଆକର୍ଷଣ ଥିଲା ମଣ୍ଟୁ ଛୁରିଆ ଙ୍କ କାର୍ଯ୍ୟକ୍ରମ । ମଣ୍ଟୁ ଛୁରିଆ ଙ୍କ ଗୀତ ରେ ଉପସ୍ଥିତ ଦର୍ଶକ ମନ ଭରି ଉପଭୋଗ କରିଥିଲେ । ସର୍କିଟ ହାଉସ ଠାରେ ରାତ୍ରି ଯାପନ ପରେ ସକାଳେ ୧୦:୪୫ ରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବେ ।

## ବୋଇତବାଙ୍କରେ ନୂତନ ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଶିଳାନ୍ୟାସ

ବାଲେଶ୍ୱର୧୦/୧୨ (ନି.ପ୍ର): ରେମୁଣା ବ୍ଲକ ତେନ୍ତୁଳିଦା ପଞ୍ଚାୟତ ଅନ୍ତର୍ଗତ ବୋଇତବାଙ୍କଠାରେ ନୂତନ ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଶିଳାନ୍ୟାସ ରେମୁଣା ବିଧାୟକ ତଥା ଶାସକ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ୩୧ ଲକ୍ଷ ୯୩ ହଜାର ଟଙ୍କା ବ୍ୟୟ ଅଟକଳରେ ଉକ୍ତ ଉପ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହେବ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହେଲେ ବୋଇତବାଙ୍କ ସହିତ ଆଖପାଖ ପାଞ୍ଚୋଟି ଗ୍ରାମର ୨୦୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଉପକୃତ ହେବେ। ଏହା ପୂର୍ବରୁ ଯୁବ ନେତା ଅଭିଜିତ ପଣ୍ଡାଙ୍କ ନେତୃତ୍ୱରେ ବାଲିପାଳ ଛକରୁ ଏକ ଭବ୍ୟ ବାଇକ ରାଲି ଦ୍ୱାରା ଉତ୍ସବ ସ୍ଥଳକୁ ପାଛୋଟି ଅଣାଯାଇଥିଲା। ପରେ ଗ୍ରାମରେ ପହଞ୍ଚିବା ପରେ ମାତୃ ମଣ୍ଡଳିଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା। ବିଧାୟକ ନଡ଼ିଆ ବାଡେଇ ଫିତା କାଟି ଫଳକ ଉନ୍ମୋଚନ କରିଥିଲେ।ଏହି କାର୍ଯ୍ୟକ୍ରମରେ ଅନ୍ୟାମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧକ୍ଷ ତଥା ତେନ୍ତୁଳିଦା ପଞ୍ଚାୟତର ସମିତି ସଭ୍ୟ ସୁଶାନ୍ତ ପଟ୍ଟନାୟକ, ସରପଞ୍ଚ ସଂଜୀବ କର, ୱାର୍ଡ ମେମ୍ବର ହୃଦାନନ୍ଦ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଗ୍ରାମର ଅନିମେଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଯୁବ ପତିନିଧି ଦଳ ବିଧାୟକଙ୍କ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଲାଗି ଏକ ଦାବିପତ୍ର ପ୍ରଦାନ କରିଥିଲେ। ବିଧାୟକ ଦାବିପତ୍ର ଗ୍ରହଣ କରିବା ସହ ଖୁବ ଶୀଘ୍ର ବୋଇତବାଙ୍କ ସେତୁର ସଂଯୋଗୀକରଣ ରାସ୍ତା, ଉତ୍କଳମଣି ଯୁବକସଂଘ ଗୃହ ମରାମତି ଲାଗି ପ୍ରତିଶୃତି ପ୍ରଦାନ କରିଥିଲେ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ଧାରପୁର ପଞ୍ଚାୟତରେ ମିଳିତ ଜନ ଶୁଣାଣୀ ଶିବିର ଅନୁଷ୍ଠିତ

ବରୀ : ବରୀ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ପୂର୍ବାହ୍ନରେ ଧାରପୁର ପଞ୍ଚାୟତ ସମ୍ମିଳନୀ କକ୍ଷରେ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଜନ ଅଭିଯୋଗ ଶୁଣାଣିରେ ବରୀ ବ୍ଲକର ଭାରପ୍ରାପ୍ତ ବିଡ଼ିଓ ମହେଶ୍ୱର ସେଠୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରି ଲକ୍ଷ୍ମୀକାନ୍ତ ମହାରଣା, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯନ୍ତ୍ରୀ ବିଭୂତି ଭୂଷଣ ପଣ୍ଡା, ଯୋଗାଣ ଅଧିକାରି ସୂର୍ଯ୍ୟକାନ୍ତ ବେହେରା, ସାମାଜିକ ସୁରକ୍ଷା ଅଧିକାରି ରଞ୍ଜିତ କୁମାର ଜେନା, ଡିଇଓ ଆଲୋକ ଅଧିକାରି, ବିପିସି ମିଶନ ଶକ୍ତି ଗଣେଶ୍ୱର ସ୍ୱାଇଁ, ଉଦ୍ୟାନ କୃଷି ଅଧିକାରିଣୀ ମୋନାଲିସା ଅଧିକାରି, କୃଷି ଅଧିକାରିଣୀ ରୂପାଲି ପଣ୍ଡା, ପଶୁ ଚିକିତ୍ସା ଅଧିକାରିଣୀ ଏମ ଆର ଦିବ୍ୟ ଦର୍ଶିନି, ବରୀ ଥାନାର ହାବିଲଦାର ରସାନନ୍ଦ ସେଠି, ସୌମ୍ୟ ରଞ୍ଜନ ଧଳଙ୍କ ସମେତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଡାଙ୍ଗି ମୂର୍ମୁ, ଡିଇଓ ମାନଗୋବିନ୍ଦ ବାରିକ, ସରପଞ୍ଚ କୁନା ମଲିକ, ସମିତି ସଭ୍ୟ ଶ୍ରୀଧର ସେଠି ପ୍ରମୁଖ ଯୋଗ ଦେଇଥିଲେ। ଆଜିର ଅଭିଯୋଗ ପ୍ରକୋଷ୍ଠକୁ ସମୁଦାୟ ୩୧୫ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ଜଣା ପଡ଼ିଛି। ପଞ୍ଚାୟତ ପକ୍ଷରୁ ଅଭିଯୋଗ କାରୀଙ୍କ ପାଇଁ ପାନୀୟ ଜଳ ଏବଂ ଶୌଚାଳୟର ବ୍ୟବସ୍ଥା କରାଯାଇଥିଲା। ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ ଉପସ୍ଥିତ ରହି ଶିବିର ପରିଚାଳନାର ସମସ୍ତ ବନ୍ଦୋବସ୍ତ କରିଥଲେ।

## ବରଡିହା ଜଗନ୍ନାଥ ମନ୍ଦିର ସୀମା ନିର୍ଦ୍ଧାରଣ ଦାବି

ଜଳେଶ୍ୱର,୧୦/୧୨ (ନି.ପ୍ର):)ଜଳେଶ୍ୱର ବ୍ଲକ,ବରଡିହା ପଞ୍ଚାୟତ,କନକାଇ ଗ୍ରାମ ସ୍ଥିତ ଜଗନ୍ନାଥ ମନ୍ଦିର ର ସୀମା ନିର୍ଦ୍ଧାରଣ ସମ୍ପର୍କରେ ଜିଲ୍ଲାପାଳ ଙ୍କୁ ନିବେଦନ କରାଯାଇଛି ।କନାକାଇ ଗ୍ରାମର ରେକର୍ଡ଼ ଓ ନକସା ମୁତାବକ ୨୪୦୬ ୦୦୭ଡି,ସ୍ଥାନ ଜଗନ୍ନାଥ ଙ୍କ ବିଜେ ରହିଛି। କିନ୍ତୁ ମନ୍ଦିର ବେଢ଼ା ଚାରିପଟେ ସୀମା ନିର୍ଧାରଣ ହୋଇ ପାରୁ ନଥିବା ରୁ ବିଭିନ୍ନ ଅବୈଧ ଭାବେ ଦଖଲ ଓ ଅସୁବିଧା ସୃଷ୍ଟି ହେଉଛି। ଏ ବାବଦରେ ତହସିଲ ଦାର ଙ୍କୁ ଲିଖିତ ଭାବେ ମଧ ଜଣାଯାଇଥିଲା। ତେଣୁ ଏ ବିଷୟରେ ପୁଙ୍ଖାନୁପୁଙ୍ଖ ଯାଞ୍ଚ ଓ ସୀମା ନିର୍ଧାରଣ ପାଇଁ,ନାଗ ଭୂଷଣ ଧର,କାଳକୀ କୁମାର ଧର,ପରମା ନନ୍ଦ ଚକ୍ରବର୍ତ୍ତୀ,ପ୍ରଦ୍ୟୋତ କୁମାର ମହାନ୍ତି, ଦୁର୍ଗା ଶଙ୍କର ଧର,କମଳା କାନ୍ତ ପାଣିଗ୍ରାହୀ,ଜୟ କୃଷ୍ଣ ପାଣିଗ୍ରାହୀ, ଶ୍ୟାମ ସୁନ୍ଦର ଧର,ରବି ନାରାୟଣ ଧର,ରାମ କୃଷ୍ଣ ପାଣିଗ୍ରାହୀ,ଜୟନ ପାଣିଗ୍ରାହୀ, ଦୀନକୃଷ୍ଣ ମହାପାତ୍ର,ଅନନ୍ତ ପାତ୍ର ପ୍ରମୁଖ ଜିଲ୍ଲା ପାଳ ଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

## ମଲ୍ଟି ୟୁଟିଲିଟି ବିଲଡିଂ କମ୍ ପି ଏମ୍ ଏସ୍ ଏମ୍ ଏ ଗୃହ ଉଦଘାଟନ:ଆଜି ହେଲା କାର୍ଯ୍ୟକ୍ଷମ




ନବରଙ୍ଗପୁର୧୦/୧୨ (ନି.ପ୍ର): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ବଡ ଆମ୍ବଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆଜି ମଲ୍ଟି ୟୁଟିଲିଟି ବିଲଡିଂ କମ୍ ପି ଏମ୍ ଏସ୍ ଏମ୍ ଏ ଗୃହ ଉଦଘାଟନ କାର୍ଯ୍ୟକ୍ରମ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତି ମାସ ୯ ତାରିଖରେ ପ୍ରଧାନ ମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ କାର୍ଯ୍ୟକ୍ରମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରେ ହେଉଥିବା ବେଳେ ଆଜି ଉକ୍ତ କାର୍ଯ୍ୟକ୍ରମ ନୂତନ ବିଲଡିଂ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ବେଶ୍ ସୁନ୍ଦର ଭାବେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କୋଷାଗୁମୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ ଡାଃ ଆଦିତ୍ୟ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ବଡ଼ ଆମ୍ବଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ର ମେଡିକାଲ ଅଫିସର ଡାଃ ଜିତେନ୍ ତ୍ରିପାଠୀ ଓ ଡାଃ ସର୍ବେଶ୍ୱର ବାହିନିପତି, କୋଷାଗୁମୁଡା ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ମାନସ କୁମାର ରଥ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ମୌସୁମି ଜାନି, ସୁଲୋଚନା ପ୍ରଧାନ, ଭୁବନ ଭତ୍ରଷ ପ୍ରମୂଖ ଉପସ୍ଥିତ ରହି ଉକ୍ତ ବିଲଡିଂ କୁ ଉଦଘାଟନ କରି ସାରିବା ପରେ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ କାର୍ଯ୍ୟକ୍ରମ ରେ ବଡ଼ ଆମ୍ବଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଗର୍ଭବତୀ ମହିଳା ଓ ବିପଦ ସଙ୍କୁଳ ଗର୍ଭବତୀ ମହିଳାଙ୍କ ସମସ୍ତପ୍ରକାର ରକ୍ତ ପରୀକ୍ଷା, ସ୍ୱାସ୍ଥ୍ୟ ପରୀକ୍ଷା, ଖାଦ୍ୟ, ଔଷଧ ମାଗଣାରେ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ରେ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଗର୍ଭବତୀ ମହିଳା ଓ ବିପଦ ସଙ୍କୁଳ ଗର୍ଭବତୀ ମହିଳା ୮୫ ଜଣ ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଥିଲେ। କାର୍ଯ୍ୟକ୍ରମ ମୁଖ୍ୟ ଅତିଥିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବେଶ୍ ସୁନ୍ଦର ଭାବେ ପରିଚାଳନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ସମସ୍ତ ଆଶାକର୍ମୀ, ସମସ୍ତ ପୁରୁଷ ଓ ମହିଳା ସ୍ୱାସ୍ଥ୍ୟ କର୍ମୀ ବୃନ୍ଦ ପୂର୍ଣ୍ଣ ପ୍ରାଣରେ ସହଯୋଗ କରି ସରସ ସୁନ୍ଦର କରିପାରିଥିଲେ । କାର୍ଯ୍ୟକ୍ରମ ଶେଷରେ ସୁରକ୍ଷିତ ମାତୃତ୍ୱ ଆଶ୍ୱସନା ବହି ସମସ୍ତଙ୍କୁ ମାଗଣାରେ ବଣ୍ଟନ କରାଯାଇଥିଲା।

## ୨ କୋଟି ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

ବାଲେଶ୍ୱର ୧୦/୧୨ (ନି.ପ୍ର): ବାଲେଶ୍ୱର ଜିଲା ଅବକାରୀ ବିଭାଗ ପକ୍ଷରୁ ସହଦେବଖୁଂଟା ଥାନା ଅନ୍ତର୍ଗତ ଅରଡ଼ବଜାର ଅଂଚଳରେ ଚଢ଼ଉ ହୋଇ ୨ କୋଟି ଟଙ୍କାର ବ୍ରାଉନସୁଗାର (ଧଳା ଜହର) ଜବତ ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଯୁବକ ଜଣକ ହେଲେ ଅମଜାଦ ଖାଁ। ଅନ୍ୟ ଜଣେ ସହଯୋଗୀଙ୍କ ସହ ମଧ୍ୟପ୍ରଦେଶରୁ ବ୍ରାଉନସୁଗାର ଆଣି ଅରଡ଼



ବଜାରରେ ଗଚ୍ଛିତ ରଖି ଏଠାରୁ ରାଜ୍ୟର ଅନ୍ୟାନ୍ୟ ଜିଲାକୁ ଚାଲାଣ କରିଆ'ନ୍ତେ ବୋଲି ପଚରାଉଚୁରା ବେଳେ ସେ ଅବକାରୀ ଅଧିକାରୀଙ୍କୁ ସୂଚନା ଦେଇଛି। ତେବେ ଏଥର ୨ଦିନ ପୂର୍ବରୁ ମଧ୍ୟପ୍ରଦେଶରୁ ବ୍ରାଉନସୁଗାର ଆଣି ଅରଡ଼ବଜାରରେ ମହଜୁଦ ରହିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅଧୀକ୍ଷକ ସୁଶାନ୍ତ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାର୍ଡ଼ ଅତର୍କିତ ଚଢ଼ଉ କରିଥିଲା। ତେବେ ବ୍ରାଉନସୁଗାର ମହଜୁଦ ଥିବା ଘରେ ଚଢ଼ଉବେଳେ ଅନ୍ୟଜଣେ ଅଭିଯୁକ୍ତ ଖସି ପଳାଇ ଯାଇଥିଲା। ମାତ୍ର ଆମଜାଦ ଖାଁକୁ ଅବକାରୀ ଦଳ କାବୁ କରିଥିଲା। ସମ୍ପୃକ୍ତ ଘରୁ ୨ କେଜି ଓଜନର ୪ ପ୍ୟାକେଟ ବ୍ରାଉନସୁଗାର, ୫,୫୭୦ ଟଙ୍କା ଓ ଗୋଟିଏ ମୋବାଇଲ ଫୋନ୍ କରାଯାଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨ କୋଟି ଟଙ୍କା ହେବ ବୋଲି ଅବକାରୀ ଅଧୀକ୍ଷକ ଶ୍ରୀ ପାଢ଼ୀ ସୂଚନା ଦେଇଛନ୍ତି। ଏ ନେଇ ଏକ ମାମଲା ରୁଜୁ ସହ ଅଭିଯୁକ୍ତ ଆମଜାଦ ଖାଁକୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଇନସ୍ପେକ୍ଟର ହରିହର ସିଂ ଓ ଦୀପ୍ତିମୟୀ ସାହୁ, ଏସଆଇ ଭକ୍ତ ସ୍ୱାଇଁ, ପ୍ରଜ୍ଞା ନାୟକଙ୍କ ସମେତ ବହୁ ଅବକାରୀ କର୍ମଚାରୀ ସାମିଲ ହୋଇଥିଲେ।

## ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଗଣ ଧାରଣା ଓ ଦାବୀ ପତ୍ର ପ୍ରଦାନ

ଜଳେଶ୍ୱର,୧୦/୧୨ (ନି.ପ୍ର): ଜଳେଶ୍ୱର ବ୍ଲକ ରେ ସୋମବାର ଜିଲ୍ଲା ପାଳ ଙ୍କ ମିଳିତ ଜନ ଶୁଣାଣି ବେଳେ, ନିର୍ମାଣ ଶ୍ରମିକ ସଂଘ(ସିଟୁ)ପକ୍ଷରୁ ବିଭିନ୍ନ ସମସ୍ୟା ବାବଦରେ ଗଣ ଧାରଣା ଓ ଦାବି ପତ୍ର ପ୍ରଦାନ ହୋଇଛି ।ଅନ୍ ଲାଇନ କାମରେ ସାଇଡ୍ ନ ରହିବା ଦ୍ୱାରା ଉପୁଜିଥିବା ସମସ୍ୟା,ସଂଖ୍ୟାକୁ ନେଇ ଆବଶ୍ୟକ କର୍ମଚାରୀଙ୍କୁ ନିଯୁକ୍ତି ଦେବା, ଜେନେରେଟର,କମ୍ପ୍ୟୁଟର ଆଦି ଉପକରଣ ଯୋଗାଇଦେବା, ବିଭିନ୍ନସହାୟତା ରାଶିକୁ ବୃଦ୍ଧି କରିବା,ଶ୍ରମ ଅଫିସ୍ ପରିସରରେ ସି.ସି. କ୍ୟାମେରା ଲଗାଇବା, ଠିକା କର୍ମଚାରୀ ଉଚ୍ଛେଦ କରି ନିୟମିତ କରିବା,ଅନ୍ ଲାଇନ ବ୍ୟବସ୍ଥାରେ ବ୍ଲକ ରୁ ମ୍ୟାରେଜ ଭେରିଫିକେସନ କରିବା, ଅନଲାଇନ ବ୍ୟବସ୍ଥାକୁ ସରଳୀକରଣ କରିବା ସମ୍ପର୍କରେ ଦାବିପତ୍ର ପ୍ରଦାନ କରାଯାଇଛି ।ଏହା ସହି ସାଧାରଣରେ କିଛି ବ୍ୟକ୍ତିବିଶେଷ ଅନଲାଇନରେ ଠକାମୀ କରିବା,ଆଦି ଅବ୍ୟବସ୍ଥାର ତୃଟି ସଂଶୋଧନ କରିବା ବିଷୟରେ ଜଣାଯାଇଛି। ବିଶେଷକରି ଶ୍ରମ ଅଫିସ ବାହାରେ କିଛି ବ୍ୟକ୍ତିବିଶେଷ ନିଜକୁ ୟୁନିଅନ ନେତା କିମ୍ବା ଅଫିସ କର୍ମଚାରୀ ଦର୍ଶାଇ ଲୋକଙ୍କୁ ପ୍ରଲୋଭୀତ କରି କାମ କରିଦେବା ନାଁରେ ଚଞ୍ଚକତା କରିବା ଆଦି ବେଆଇନ୍ କାର୍ଯ୍ୟ ସଂଗଠିତ ଭାବେ ହେଉଛି ।ଏଜେଣ୍ଟ ହୋଇ, ପରେ ଶୋଷଣ,ଧମକ, ଗୁଣ୍ଡାରାଜ ଓ ବ୍ଲାକମେଲ ଅର୍ଥ ଲୋଟ ଆଦି କରୁଥିବା ବ୍ୟକ୍ତିଙ୍କର ନାମ,ପରିଚୟ ଓ ସବିଶେଷ ତଥ୍ୟ ଜିଲ୍ଲା ଶ୍ରମଅଧିକାରୀ ତଥା ପୋଲିସ ବିଭାଗକୁ ଜଣାଇବା ସମ୍ପର୍କରେ ସୂଚନା ପ୍ରଦାନ ଓ ସଂପୃକ୍ତ ଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିବେଦନ କରାଯାଇଛି ।ଶ୍ରମ ବିଭାଗ ତରଫରୁ କ୍ଷେତ୍ରପରିଦର୍ଶନ କରି ପ୍ରକୃତ ଶ୍ରମିକ ଚିହ୍ନଟ କରିବା ଓ ସେମାନଙ୍କୁ ସଚେତନ କରିବା ସହିତ ପରିଚୟ ପତ୍ର ପ୍ରଦାନ କରି, ସ୍ୱଚ୍ଛତା ଆଣିବାକୁ ନିବେଦନ ହୋଇଛି ।ନବୀକରଣ ହୋଇ ୟୁନିଅନରୁ ଅଥରାଇଜେସନ୍ ପାଇଥିବା ବ୍ୟକ୍ତି ମାନଙ୍କର ନାମ ତାଲିକା ସର୍ବସାଧାରଣରେ ପ୍ରକାଶ ହେବା ସହିତ ୧୦ ଦଫା ଦାବୀ ସମ୍ବଳିତ ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି ।ବ୍ଲକ ସଭାପତି ଦିପ୍ତିମାନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗଣଧାରଣାରେ ନେତୃତ୍ୱ ସାଥୀ ସଂପାଦକ ପଲଟୁ ଦାସ, ସହ ସଂପାଦୀ କା ସସ୍ମିତା ପ୍ରମାଣିକ,ଯୁବଛାତ୍ରନେତା ଚ଼ନ୍ଦନ କମିଲା, ସୁଶାନ୍ତ ରାଉତ, ସବିତା ଭୂୟାଁ, ଶରତ ମହାନ୍ତି, ସି.ପି.ଆଇ (ଏମ୍)ର ବରିଷ୍ଠ ନେତା ଦିଲ୍ଲିପ କୁମାର ଗିରି ପ୍ରମୁଖ ନେତୃତ୍ୱ ଉପସ୍ଥିତ ଥିଲେ।

## ନିଖିଳ ଓଡ଼ିଆ ବେସରକାରୀ ଅନୁଦାନପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀ ସଂଘର ଜିଲ୍ଲା ସ୍ତରୀୟ ସମ୍ମିଳନୀ

ଜଳେଶ୍ୱର,୧୦/୧୨ (ନି.ପ୍ର):ନିଖିଳ ଓଡ଼ିଶା ୬୬୨ (+୨ ଓ +୩) ବେସରକାରୀ ଅନୁଦାନ ପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀ ସଂଘ ବାଲେଶ୍ୱର ଜିଲ୍ଲା ସ୍ତରୀୟ ସମ୍ମିଳନୀ ଜଳେଶ୍ୱର ମହିଳା ଡ଼ିଗ୍ରୀ ମହା ବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି ।ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ଦିଲିପ କୁମାର ଘୋଷଙ୍କ ସଭାପତିତ୍ୱରେ,ରାଜ୍ୟର ୬୬୬ ବର୍ଗ କଲେଜର ସଭାପତି ଶ୍ରୀଯୁକ୍ତ ଗୋଲକ ନାୟକ କଲେଜରେ ଥିବା ବିଭିନ୍ନ ଅସଙ୍ଗତି ଦୂର କରିବା ପାଇଁ ପର୍ଯ୍ୟାୟ କ୍ରମରେ ଦାବିପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ଉଚ୍ଚଶିକ୍ଷା ଓ ଗଣଶିକ୍ଷା ମନ୍ତ୍ରୀ ଓଡ଼ିଶାର ସମସ୍ତ ସାଂସଦ ଓ ବିଧାୟକ, ସଚିବ ଉଚ୍ଚଶିକ୍ଷା ବିଭାଗ ଓ ଗଣଶିକ୍ଷା ବିଭାଗ ଏବଂ ତମାମ ଅଫିସର ଙ୍କୁ ପ୍ରଦାନ କରା ଯାଇଛି ବୋଲି ସୂଚନା ଦେଇଥିଲେ ।ଏ ସମ୍ପର୍କରେ ସବିଶେଷ ଆଲୋଚନା ସହିତ ୧୯୯୦ ମସିହା ଠାରୁ ଗଢ଼ି ଉଠିଥିବା ୬୬୨ କଲେଜ ଗୁଡ଼ିକ ପୂର୍ବତନ ସରକାର ଦୀର୍ଘ ୨୦ ବର୍ଷ ପରେ ୨୦୦୯ ମସିହା ଠାରୁ ୪୦%, ୨୦୧୪ ମସିହାରୁ ୧୦୦% ଓ ୨୦୧୮ ମସିହାରୁ ସପ୍ତମ ବେତନ କମିଶନ ହାରରେ ଅନୁଦାନ ଦେଉଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ସରକାରୀ କରଣ କରାନଯିବା ଓ ସରକାରୀ ସୁବିଧା ପ୍ରଦାନ କରା ଯାଇନାହିଁ ।ଏହା ଭିତରେ ଅନେକ ଅଧ୍ୟାପକ ଓ କର୍ମଚାରୀ ଅବସର ଗ୍ରହଣ କରିଥିଲେ ମଧ ଖାଲି ହସ୍ତରେ ଅବସର ନେଇ ଦୁଃଖରେ ଅବସର ଜୀବନ କାଟୁଛନ୍ତି ।ଶିକ୍ଷାର ଶୈକ୍ଷିକ ବାତାବରଣ ଫେରାଇ ଆଣିବା ପାଇଁ ନୂତନ କରି ଗଢି ଉଠିଥିବା ସରକାରଙ୍କ ପାଖରେ ଶ୍ରୀ ନାୟକ ଦାବୀ ପ୍ରଦାନ କରିଛନ୍ତି ।ସମସ୍ତଙ୍କୁ ଅବସର ପରେ ଅବସରକାଳୀନ ସୁବିଧା ସହିତ ପେନସନ୍ ଦେବା ଚାକିରୀ ସର୍ତ୍ତାବଳୀ ଲାଗୁ କରିବା, ସମାନ କାମକୁ ସମାନ ଦରମା ପ୍ରଦାନ କରିବା ବିଷୟରେ ଦାବି କରାଯାଇଥିଲା ।କିନ୍ତୁ ପୂର୍ବତନ ସରକାର ୨୦୨୩ ମସିହାରେ ନୂତନ ଅନୁଦାନ ନୀତି




ପ୍ରଣୟନ କରି ୪୮୮ କଲେଜରେ ଅଧ୍ୟାପକ ମାନଙ୍କୁ ୮୦୦୦/- ଟଙ୍କାରୁ ଅଧିକ ଦରମା ଦେବା, ୪୬୦୦/- ଗ୍ରେଡ ପେ ପାଇଥିବା ଅଧ୍ୟାପକଙ୍କ ଦରମା ୪୫୦୦/- ଗ୍ରେଡ଼ ପେ ଠାରୁ କମ ଦରମା ପ୍ରଦାନ ଅନ୍ୟ ଏକ ଅସଙ୍ଗତି ସୃଷ୍ଟି କରି ପାତର ଅନ୍ତର ନୀତି ପ୍ରଣୟନ ହୋଇଛି। ଏହା ସହିତ ଚାକିରୀ କାର୍ଯ୍ୟକାଳ ୬୦ ରୁ ୬୬ କୁ ବୃଦ୍ଧି କରିବା, ବାଦ୍ ପଡ଼ିଥିବା କର୍ମଚାରୀ ମାନଙ୍କୁ ତୁରନ୍ତ ଅନୁଦାନ ପ୍ରଦାନ କରିବା ସମ୍ପର୍କରେ ଦାବି ଉପସ୍ଥାପନା କରା ଯାଇଥିଲା ।ଆଜି ପର୍ଯ୍ୟନ୍ତ ସରକାର ଏ ବିଷୟରେ ଜାଣି ନ ଜାଣିବା ଭଳି କାର୍ଯ୍ୟ କରୁ ଥିବାରୁ ସରକାରଙ୍କୁ ଚେତାବନୀ ଦେବା ପାଇଁ ଆସନ୍ତା ୧୭/୧୨/୨୦୨୪ ତାରିଖରେ ଭୁବନେଶ୍ୱର ରେଳ ଷ୍ଟେସନ ଠାରୁ ରାଜ୍ୟର ସମସ୍ତ ୬୬୨ ବର୍ଗର କର୍ମଚାରୀ ସମୂହ ଛୁଟି ନେଇ ବିଶାଳ ପଟୁଆରରେ,ଲୋୟର ପି.ଏମ୍.ଜି. ରେ ଏକ ସାଧାରଣ ସଭା କରି ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ଶିକ୍ଷାମନ୍ତ୍ରୀ ଙ୍କୁ ପୁର୍ନବାର ଦାବିପତ୍ର ପ୍ରଦାନ କରା ଯିବ ବୋଲି ଶ୍ରୀ ନାୟକ ପ୍ରକାଶ କରିଥିଲେ ।ବାଲେଶ୍ୱର ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଗଜେନ୍ଦ୍ର ପ୍ରସାଦ ନାୟକ ସଭା ପରିଚାଳନା କରିଥିବା ବେଳେ ଜିଲ୍ଲାର ସମସ୍ତ କଲେଜର କର୍ମଚାରୀ ଦୃଢ ସମର୍ଥନ ଦେବେ ବୋଲି ପ୍ରତିଶୃତି ଦେଇଛନ୍ତି ।ଅନ୍ୟ ମାନଙ୍କ ମଧ୍ୟରେ ୬୬୨ ବାଲେଶ୍ୱର ଜିଲ୍ଲା ସମ୍ପାଦକ ଶ୍ରୀଯୁକ୍ତ ଜୟନ୍ତ କୁମାର ସେଠୀ, ଡକ୍ଟର ଶାନ୍ତନୁ ପାଣି, ଡକ୍ଟର ରମାକାନ୍ତ ଜେନା, ପ୍ରଶାନ୍ତ କୁମାର ବେହେରା, ସମର ବଲ୍ଲବ ନାୟକ, ସଂଗ୍ରାମ ପଟ୍ଟନାୟକ, ସୁମିତ୍ରା ତ୍ରୀପାଠି, ରାମଶଙ୍କର ଗିରି, ଶାନ୍ତିପ୍ରିୟ ଜେନା, ସରୋଜ କୁମାର ମହାନ୍ତି, ଜ୍ଞାନରଞ୍ଜନ ଜେନା, କରୁଣାକର ସାହୁ, ସୁଧିର ମୁଦୁଲି, ପୂର୍ଣଚନ୍ଦ୍ର ସିଂ, ଜବନିକା ମହାନ୍ତି, ଦେବେନ୍ଦ୍ର ଦାସ, ଦେବେନ୍ଦ୍ର ପଣ୍ଡା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଜଳେଶ୍ୱର ମହିଳା ଡ଼ିଗ୍ରୀ କଲେଜ ଅଧ୍ୟାପକ ଶ୍ରୀ ସଂଗ୍ରାମ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଙ୍କ ମିଳିତ ଜନଶୁଣାଣି-ବହୁ ବିଳମ୍ବରେ ଆରମ୍ଭ-୧୮୩ ଶୁଣାଣି

ଜଳେଶ୍ୱର,୧୦/୧୨ (ନି.ପ୍ର): ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ ରେ, ସୋମବାର ପୂର୍ବାହ୍ନରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ମିଳିତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି ।ଶୁଣାଣୀ ବିଳମ୍ବରେ ଆରମ୍ଭ ହୋଇ ଥିଲେ ମଧ ମଧାହ୍ନରେ, ଜିଲ୍ଲାପାଳ ମୟୂର ସୂର୍ଯ୍ୟବଂଶୀ ,ପୁଲିସ ଅଧିକ୍ଷକ ରାଜପ୍ରସାଦ,ଉପଜିଲ୍ଲାପାଳ ପ୍ରଥମେଶ ସିରକେ,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ବର ନାୟକ ,ସିଡିଏମଓ ଗୋପୀନାଥ ପରିଡ଼ା,ଆଇଟିଏ ଅଞ୍ଜଳ ମିଡଲ ବ୍ଲକ କାର୍ଯ୍ୟାଳୟ ରେ ପହଞ୍ଚିବା ପରେ ବିଧିବଦ୍ଧ ଭାବେ ଯୁଗ୍ମ ଜନଶୁଣାଣି ଆରମ୍ଭ ହୋଇଥିଲା ।ବିଶେଷ କରି ଜଳେଶ୍ୱର ସହର ମଧ ଦେଇ ଯାଇଥିବା ଉଡନ୍ତା ରେଳପୋଲ ୮ ମାସ ଧରି ଅନ୍ଧକାର ରହୁଥିବାରୁ ଆଲୋକୀକରଣ ପାଇଁ ବିଭିନ୍ନ ମହଲ ରୁ ଅଭିଯୋଗ ଆସିଥିଲା। ଅତିଶୀଘ୍ର ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଅଧିକ ବ୍ୟକ୍ତି,ନିର୍ମାଣ ଶ୍ରମିକକାର୍ଡ ଦୀର୍ଘ ଦିନ ଧରି ପାଉନଥିବାରୁ ଜିଲ୍ଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।ଜଳେଶ୍ୱର ବ୍ଲକ ରେ ଚଳିତବର୍ଷ ପ୍ରାୟ ୧୨୦୦ ବ୍ୟକ୍ତି ଆବାସ ଯୋଜନା ରେ ଗୃହ ନିର୍ମାଣ ର ଆଦେଶ ପାଇଥିଲେ ମଧ ବାଲି ଅଭାବରୁ ନିର୍ମାଣ କରିପାରିନଥିବାର ଦର୍ଶାଇଥିଲେ। ୧ ମାସ ମଧ୍ୟରେ ବାଲି ମିଳିବାର ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ ।ବିଭିନ୍ନ ସ୍ଥାନରେ ଟାଟା ପାୱାର କମ୍ପାନୀ ର ଉଦାସୀନତା ଯୋଗୁଁ ବିଦ୍ୟୁତ୍ ତାର ଓହଳି ରହି ବିପଦ ସୃଷ୍ଟି କରୁଥିବା, ,୬୦ ଭାଗରୁ ଅଧିକ ଧାନ ଅମଳ ସରିଥିଲେ ମଧ ଧାନ ମଣ୍ଡି ଖୋଲିନଥିବାରୁ ଧାନ କ୍ୟୁଣ୍ଟାଲ ୧୭୪୦ ଟଙ୍କା ରେ ଚାଷୀ ବିକିବାକୁ ବାଧ ହେଉଥିବା ଅଭିଯୋଗ ହେଉଥିଲା ।ଜଳେଶ୍ୱର ପାଠାଗାର ଓ ସୂଚନା କେନ୍ଦ୍ର କୁ ସ୍ଥାନାନ୍ତର କରିବା,ଗୋପୀ କିଶନ ଭଟ୍ଟର ଡାକ୍ତରଖାନା ରେ ପୁରୁଣା ରଞ୍ଜନରଶ୍ମୀ ର ପରିବର୍ତ୍ତନ,ନୂଆ ଦାନ୍ତ ରଞ୍ଜନ ରଶ୍ମି ର ଆବଶ୍ୟକତା,ଜଳେଶ୍ୱର ତହସିଲ ର ରେକର୍ଡ ରୁମ୍ ରୁ ପ୍ଲଟ ଇଣ୍ଡେକ୍ସ ରିପୋର୍ଟ ମିଳୁନଥିବା,ନାମ୍ପୋ ଅଞ୍ଚଳରେ ନକଲି ବୟସ ସାର୍ଟିଫିକେଟ ଦର୍ଶାଇ ବିଭିନ୍ନ ସୁବିଧା ସୁଯୋଗ ହାତେଇଥିବା ର ବିରୋଧ ,ପଶ୍ଚିମବଙ୍ଗ କୁ ଚୋରା ବାଲି ଚାଲାଣ ସମ୍ପର୍କରେ ଅଭିଯୋଗ ପହଞ୍ଚିଥିଲା ।ମୋଟ ୧୮୩ ଟି ଅଭିଯୋଗ ଆସିଥିଲା ବେଳେ ଜିଲ୍ଲାପାଳ ୧୯ ଟି ର ଶୁଣାଣି ଶେଷ କରିଥିବା ଜଣାଯାଇଛି ।ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ମାନସ ଜେନା,ବିଡ଼ିଓ ଗୌରାଙ୍ଗ ଘୋଷ,ତହସିଲଦାର ସତ୍ୟଜିତ ମହାନ୍ତି,ଉପାଧକ୍ଷା ସଂଚିତା ସେନାପତି,ବିଭାଗୀୟ ଜିଲ୍ଲା ଓ ବ୍ଲକ ସ୍ତରୀୟ କର୍ମକର୍ତ୍ତା ଶେଷ ପର୍ଯ୍ୟନ୍ତ ଉପସ୍ଥିତ ଥିଲେ। ଶେଷରେ ୩ ଭିନ୍ନକ୍ଷମ ଙ୍କୁ ଟ୍ରାଏ ସାଇକେଲ ଓ ଜଣ ଙ୍କୁ ଜିଲ୍ଲା ପାଳ ଭତ୍ତା ପ୍ରଦାନ କରିଥିଲେ। ଉକ୍ତ ଶୁଣାଣି କାର୍ଯ୍ୟକ୍ରମ କୁ ବ୍ଲକର ସମସ୍ତ କର୍ମଚାରୀ ମାନେ ପରିଚାଳନା କରିଥିଲେ।

## ଆବାସ ଗୃହ ନିର୍ମାଣ ନିମନ୍ତେ ମିଳୁନାହିଁ ବାଲି-ଜିଲ୍ଲାପାଳ ଙ୍କୁ ହିତାଧିକାରୀ ଙ୍କ ନିବେଦନ

ଜଳେଶ୍ୱର,୧୦/୧୨ (ନି.ପ୍ର): ଜଳେଶ୍ୱର ବ୍ଲକ ଦେଇ ଯାଇଥିବା ସୁବର୍ଣ୍ଣରେଖା ନଦୀର ରେ ବାଲି ଉତ୍ତୋଳନ ଲାଗି,ଏନଜିଟ ରେ ମାମଲା ବିଚାରଧୀନ ଥିବାରୁ ସରକାରୀ ଭାବେ ସମସ୍ତ ସୈରାତ ରେ ବାଲି ଉତ୍ତୋଳନ ବନ୍ଦ ରହିଛି। କିନ୍ତୁ ଗତ ସରକାର ଓ ନୂତନ ସରକାର ଙ୍କ କାର୍ଯ୍ୟ କାଳ ରେ ଆବାସ ଯୋଜନା ବ୍ୟାପକ ବଣ୍ଟନ ହେଉଥିବା ବେଳେ,ବାଲି ସୈରାତ ବନ୍ଦ ଏକ ବିଡମ୍ବନା ଭାବେ ଦେଖାଦେଇଛି ।ଆବାସ ହିତାଧିକାରୀ ଅଧିକ ବ୍ୟୟ କରି ଚୋରାରେ ବାଲି କିଣୁ ଥିବା ବେଳେ ମାଫିଆ ମାନେ ଚୋରା ଚାଲାଣ କରି ମାଲେ ମାଲ ହେଉଛନ୍ତି। ମାତ୍ର ବାଲି ଯୋଗୁଁ,୩ ମାସରେ ଆବାସ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ନକରି ବୋନସ ଟଙ୍କା ପାଇବାରୁ ହିତାଧିକାରୀ ମାନେ ବଞ୍ଚିତ ହେଉଛନ୍ତି। ତେଣୁ ସୋମବାର ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ ରେ ଜିଲ୍ଲା ପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଶୁଣାଣି ରେ ମାକଡିଆ ପଞ୍ଚାୟତ ର ବହୁ ହିତାଧିକାରୀ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ୨୦୨୪-୨୫ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇଥିବା ବେଳେ ହିତାଧିକାରୀ ଙ୍କ ଖାତାକୁ ୪୦ ହଜାର ଟଙ୍କା ମଧ ପ୍ରାପ୍ତ ହୋଇସାରିଛି ।ନୂତନ ଗୃହ ନିର୍ମାଣ ପାଇଁ ଝାଟିମାଟି ଘରଗୁଡ଼ିକୁ ଭାଙ୍ଗି ସାମୟିକ ଭାବେ ପଲିଥିନ ତଳେ କେତେକ ପରିବାର ବସବାସ କରୁଥିବାର ଦର୍ଶାଯାଇଛି ।ଏପରିକି ଗୃହ କାର୍ଯ୍ୟ ପାଇଁ ବାଲି ଛଡା ଆବଶ୍ୟକ ନିର୍ମାଣ ସାମଗ୍ରୀ ମଧ ମହଜୁଦ ରଖିସାରିଛନ୍ତି। କେତେକ ହିତାଧିକାରୀ ବୋରିଂ ସାରିଥିବା ବେଳେ ଅନ୍ୟ ଆବାସ ହିତାଧିକାରୀ ମାନେ ହାତ ଟେକି ବସିଛନ୍ତି। ତେଣୁ ସରକାରୀ ସ୍ତରରେ ଏହି ସମସ୍ୟାର ଆଶୁ ସମାଧାନ କରି ସୁଲଭ ମୂଲ୍ୟରେ ବାଲି ଯୋଗାଇ ଦେବାକୁ ଜିଲ୍ଲାପାଳ ଙ୍କୁ ନେବେଦନ କରାଯାଇଛି। ଅଭିଯୋଗ ପତ୍ର ପ୍ରଦାନ ବେଳେ, ସମୀର ଘଡାଇ,ବିକାଶ ଚନ୍ଦ୍ର ଘଡାଇ, ଆରତୀ ପାଳ, ସାବିତ୍ରୀ ଜେନା, ଆରତୀ ଘଡାଇ, ଗୁରୁପ୍ରସାଦ ଘଡାଇ,ମଞ୍ଜୁ ପାତ୍ର, ପ୍ରଫୁଲ୍ଲ ଘଡ଼ାଇ, ରୀତି ରାଣୀ ଘୋଷ,ଦୀପକ ଘୋଷ, କଳ୍ପନା ଘଡ଼ାଇ,ରିତାଞ୍ଜଳୀ ପାଳ, ପ୍ରଭାତୀ ପାଳ ପ୍ରମୁଖ ବହୁ ହିତାଧିକାରୀ ଉପସ୍ଥିତ ଥିଲେ।

## ସଂ ପା ଦ କୀ ୟ

# ଘନଉଛି କି ତୃତୀୟ ବିଶ୍ୱଯୁଦ୍ଧ ଆଶଙ୍କା ?

ଇସ୍ରାଏଲ ଉପରେ ଇରାନର ପାଖାପାଖି ୨୦୦ କ୍ଷେପଣାସ୍ତ୍ର ମାଡ଼ ପରେ ସମଗ୍ର ବିଶ୍ୱ ଏବେ ଆଶଙ୍କାରେ। ଅନେକଙ୍କ ମନରେ ପ୍ରଶ୍ନ, ଏହା କ'ଣ ତୃତୀୟ ବିଶ୍ୱଯୁଦ୍ଧର ଅୟମାରମ୍ଭ ? ଏକ୍ସ (ପୂର୍ବର ଟୁଇଟର) ପରି ସୋସିଆଲ ମିଡିଆରେ ଏବେ ଏହାକୁ ନେଇ ନାନାଦି ଚର୍ଚ୍ଚା। ଏହା ଏବେ ଟ୍ରେଣ୍ଡିଂ କରୁଛି। ଇସ୍ରାଏଲ ଉପରେ ଇରାନର ପାଖାପାଖି ୨୦୦ କ୍ଷେପଣାସ୍ତ୍ର ମାଡ଼ ପରେ ସମଗ୍ର ବିଶ୍ୱ ଏବେ ଆଶଙ୍କାରେ। ଅନେକଙ୍କ ମନରେ ପ୍ରଶ୍ନ, ଏହା କ'ଣ ତୃତୀୟ ବିଶ୍ୱଯୁଦ୍ଧର ଅୟମାରମ୍ଭ ? ଏକ୍ସ (ପୂର୍ବର ଟୁଇଟର) ପରି ସୋସିଆଲ ମିଡିଆରେ ଏବେ ଏହାକୁ ନେଇ ନାନାଦି ଚର୍ଚ୍ଚା। ଏହା ଏବେ ଟ୍ରେଣ୍ଡିଂ କରୁଛି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ତଥା ଆଗାମୀ ରାଷ୍ଟ୍ରପତି ନିର୍ବାଚନର ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଏହି ଆଶଙ୍କା କରିଛନ୍ତି ଓ ସେଥିପାଇଁ ତାଙ୍କର ପ୍ରତିପକ୍ଷ ମାର୍କିନ ରାଷ୍ଟ୍ରପତି ଜୋ ବିଡେନ୍? ଏବଂ ତାଙ୍କର ସହଯୋଗୀ କମଳା ହାରିସ୍?ଙ୍କୁ ଦାୟୀ କରିଛନ୍ତି।ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ଼ସ କର୍ପ୍ସ (ଆଇଆରଜିସି) କମାଣ୍ଡର ଆବ୍ବାସ ନିଲଫୋରୋଷନ, ହମାସ ନେତା ଇସମାଇଲ ହାନିୟେହ୍? ଏବଂ ଲେବାନନରେ ହେଜବୁଲ୍ଲା ନେତା ହସନ ନସ୍ରଲ୍ଲାଙ୍କ ହତ୍ୟାର ଜବାବ ଦେବାକୁ ଯାଇ ଅକ୍ଟୋବର ପହିଲା ମଙ୍ଗଳବାର ରାତିରେ ଇସ୍ରାଏଲ ଉପରେ ୧୮୧ଟି କ୍ଷେପଣାସ୍ତ୍ର ମାଡ଼ କରିଛି ଇରାନ। ଏହାର ପରିଣାମ ବଡ଼ ଭୟଙ୍କର ହେବ ବୋଲି ଚେତାବନୀ ଦେଇଛି ଇସ୍ରାଏଲ। ଇରାନର ଏପରି ଆକ୍ରମଣକୁ ନିନ୍ଦା କରି ନଥିବାରୁ ଜାତିସଂଘ ମହାସଚିବଙ୍କ ଇସ୍ରାଏଲ ଗସ୍ତ ନିଷିଦ୍ଧ କରିଛି ନେତାନ୍ୟାହୁ ପ୍ରଶାସନ। ତେଣେ ଗାଜାରେ ପାଲେଷ୍ଟିନୀୟଙ୍କ ଉପରେ ଇସ୍ରାଏଲର ଆକ୍ରମଣ ବନ୍ଦ ହୋଇନାହିଁ। ଲେବାନନର ହେଜବୁଲ୍ଲା ଗୋଷ୍ଠୀ ଅଞ୍ଚଳରେ ଆକ୍ରମଣ ଅବ୍ୟାହତ ରଖିଛି ଇସ୍ରାଏଲ। ଆଜି ବି ଲେବାନନର ୨୪ ଗାଁର ଲୋକମାନଙ୍କୁ ତୁରନ୍ତ ଜାଗା ଛାଡ଼ି ପଳାଇବାକୁ ଧମକ ଦେଇଛି। ତେଣେ ସିରିଆ କହିଛି ଯେ ଇସ୍ରାଏଲ ଆକ୍ରମଣରେ ତାହାର ୩ ଜଣ ନାଗରିକ ନିହତ ହୋଇଛନ୍ତି। ସେହିପରି ୟେମେନରେ ରହି ଆତଙ୍କବାଦୀ କାର୍ଯ୍ୟ ଚଳାଇଥିବା ହାଉଦି ବିଦ୍ରୋହୀମାନେ ମଧ୍ୟ ଆଦେନ ଉପସାଗର ଓ ଲୋହିତ ସାଗର ଅଞ୍ଚଳରେ ଇସ୍ରାଏଲ ସମର୍ଥକ ଦେଶର ଜାହାଜ ଉପରେ ଆକ୍ରମଣ ଆରମ୍ଭ କରିଦେଇଛନ୍ତି। ଏସବୁ ଘଟଣାକୁ ନେଇ ମଧ୍ୟ ପ୍ରାଚ୍ୟରେ ସୃଷ୍ଟି ହୋଇଛି ଆଶଙ୍କା ଓ ଅସ୍ଥିରତାର ବାତାବରଣ।

ମଧ୍ୟ ପ୍ରାଚ୍ୟରେ ଇରାନ ଓ ସାଉଦି ଆରବ ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗି ରହିଛି। ସାଉଦି ଆରବ ହେଉଛି ସଂଖ୍ୟାବହୁଳ ସୁନ୍ନି ମୁସଲମାନଙ୍କ ଦେଶ। ଇରାନ ହେଉଛି ସଂଖ୍ୟାବହୁଳ ଶିଆ ମୁସିଲିମ ରାଷ୍ଟ୍ର। ସାଉଦି ଆରବ ସପକ୍ଷରେ ଅଛନ୍ତି ଆମେରିକା ଓ ତାହାର ବନ୍ଧୁରାଷ୍ଟ୍ର ସମୂହ, ନାଟୋ ସାମରିକ ମେଣ୍ଟ। ଇରାନ ସପକ୍ଷରେ ଅଛନ୍ତି ରୁଷିଆ, ଚୀନ ଓ ଉତ୍ତର କୋରିଆ। ଏ ଚାରିଟି ଯାକ ରାଷ୍ଟ୍ର ହେଉଛନ୍ତି ଆଣବିକ ଶକ୍ତି ସଂପନ୍ନ।ମଧ୍ୟ ପ୍ରାଚ୍ୟର ଏହି ଭୂରାଜନୀତିକ ଅସ୍ଥିରତା ମଧ୍ୟରେ ଇସ୍ରାଏଲର ପାଲେଷ୍ଟାଇନ, ଲେବାନନ, ସିରିଆ ଓ ଇରାନ ଉପରେ ପ୍ରଚ୍ଛଦ ଆକ୍ରମଣ ଅଧିକ ଜଟିଳ ସମସ୍ୟା ସୃଷ୍ଟି କରିଛି। ଗାଜାର ହମାସ, ଲେବାନନର ହେଜବୁଲ୍ଲା ଓ ୟେମେନର ହାଉଦି ଆତଙ୍କବାଦୀଙ୍କୁ ମୂଳପୋଛ କରିବା ଲକ୍ଷ୍ୟରେ ଆକ୍ରମଣ ଚଳାଇଥିବା ଇସ୍ରାଏଲ ଏବେ ଏହିସବୁ ଦେଶର ଶତ୍ରୁ ଭାବରେ ଉଭା ହୋଇଛି। ଇସ୍ରାଏଲ ଆକ୍ରମଣରେ ଏହିସବୁ ଦେଶର ହଜାର ହଜାର ଶିଶୁ ଓ ମହିଳାଙ୍କ ସମେତ ବେସାମରିକ ନାଗରିକ ନିହତ ହୋଇଥିଲେ ମଧ୍ୟ ଆମେରିକା ଓ ତାହାର ମିତ୍ର ରାଷ୍ଟ୍ରଗୁଡ଼ିକ ତାହାକୁ ଅଣଦେଖା କରୁଛନ୍ତି। ଗାଜାରେ ତୁରନ୍ତ ଆକ୍ରମଣ ବନ୍ଦ କରିବାକୁ ଜାତିସଂଘ ପ୍ରସ୍ତାବକୁ ମଧ୍ୟ ପ୍ରତ୍ୟାଖ୍ୟାନ କରିଛି ଇସ୍ରାଏଲ। ଲେବାନନରେ ପେଜର ଓ ୱାକିଟକି ବିସ୍ଫୋରଣ ଘଟାଇ ଦୁଇ ଶତାଧିକ ଲୋକଙ୍କୁ ହତ୍ୟା କରିବା ପରେ ଇସ୍ରାଏଲ ଲେବାନନ ବିରୋଧରେ ସ୍ଥଳଯୁଦ୍ଧ ଆରମ୍ଭ କରିଛି। ଏହାର ଶହଶହ ଟ୍ୟାଙ୍କ ଏବେ ଲେବାନନର ସୀମାନ୍ତ ଅଞ୍ଚଳରେ ଯୁଦ୍ଧ ବିଭୀଷିକା ସୃଷ୍ଟି କରିଛି।ମଧ୍ୟ ପ୍ରାଚ୍ୟରେ ଏହିଭଳି ଉତ୍ତେଜନା ଲାଗି ରହିଥିଲାବେଳେ ଦୂରପ୍ରାଚ୍ୟରେ ମଧ୍ୟ ଯୁଦ୍ଧ ଉନ୍ମାଦନା ଥମି ନାହିଁ। ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ତୃତୀୟ ବର୍ଷରେ ପଦାର୍ପଣ କରିଛି। ସେଠାରେ ଆମେରିକା ଓ ଏହାର ବନ୍ଧୁ ରାଷ୍ଟ୍ରଗୁଡ଼ିକ ୟୁକ୍ରେନକୁ ସାମରିକ ସହାୟତା ଯୋଗାଇ ଚାଲିଛନ୍ତି। ଏବେ ଆମେରିକା ମଧ୍ୟ ଇସ୍ରାଏଲ ଉପରେ ଇରାନର କ୍ଷେପଣାସ୍ତ୍ର ମାଡ଼ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି।ଏହି ଉତ୍ତେଜନା ଏତିକିରେ ସୀମିତ ନରହିଲେ ଆଗକୁ ପରିସ୍ଥିତି ଭୟଙ୍କର ହେବାର ଆଶଙ୍କା ରହିଛି। ଆମେରିକା ଓ ନାଟୋ ଯଦି ଇସ୍ରାଏଲ ସପକ୍ଷରେ ସାମରିକ ଅଭିଯାନ ଆରମ୍ଭ କରନ୍ତି ରୁଷ, ଚୀନ ଓ ଉତ୍ତର କୋରିଆ ଇରାନ ସପକ୍ଷରେ ବାହାରିବାର ସମ୍ଭାବନା ରହିଛି। ରୁଷ-ୟୁକ୍ରେନ ଯୁଦ୍ଧ ଯୋଗୁଁ ବିଶ୍ୱ ଅର୍ଥନୀତିରେ ଅନେକ କ୍ଷତି ହୋଇସାରିଛି। ଏବେ ମଧ୍ୟ ପ୍ରାଚ୍ୟରେ ସୃଷ୍ଟି ହୋଇଥିବା ସାମରିକ ଉତ୍ତେଜନା ଯୋଗୁଁ ଅଶୋଧିତ ତୈଳ ବଜାର ମଧ୍ୟ ଗରମ ହୋଇଯାଇଛି। ଏଭଳି ପରିସ୍ଥିତି ଲାଗି ରହିଲେ ଭାରତ ସମେତ ବିଶ୍ୱର ଅନେକ ଦେଶରେ ଦରବୃଦ୍ଧି ଓ ଅଶାନ୍ତି ଅସମ୍ଭାଳ ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଛି। ଯଦି ବିଶ୍ୱର ବୃହତ ଶକ୍ତିଗୁଡ଼ିକ ଏହି ସମୟରେ ପକ୍ଷଭୁକ୍ତ ହୋଇଯାନ୍ତି ଓ ସାମରିକ ଅଭିଯାନ ଆରମ୍ଭ କରନ୍ତି ତେବେ ତାହା ବିଶ୍ୱଯୁଦ୍ଧ ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କା ଅମୂଳକ ନୁହେଁ।

# ପୁଟିନ୍‌ଙ୍କ ଚରମ ଚେତାବନୀ

ଷିଆ ଓ ୟୁକ୍ରେନ୍ ମଧ୍ୟରେ ୧୨ଦିନ ଧରି ଚାଲିଥିବା ଭୟଙ୍କର ଯୁଦ୍ଧର କୁପରିଣତି ସାରା ବିଶ୍ୱକୁ ଭୋଗିବାକୁ ପଡୁଛି । ଏହି ଯୁଦ୍ଧରେ ୟୁକ୍ରେନ୍ ପ୍ରାୟତଃ ଧ୍ୱସସ୍ତୂପରେ ପରିଣତ ହୋଇଥିବାବେଳେ ରୁଷକୁ ମଧ୍ୟ କମ୍ କ୍ଷତି ସହିବାକୁ ପଡୁନାହିଁ । ଉଭୟ ଦେଶ ନିଜ ନିଜର ଜିଦ୍‌ରେ ଅଟଳରହି ପ୍ରଚଣ୍ଡ ଯୁଦ୍ଧରେ ବ୍ୟାପୃତ ରହିଛନ୍ତି । ତେବେ ଯୁଦ୍ଧର ଦ୍ୱାଦଶ ଦିବସ ଅର୍ଥାତ୍ ସୋମବାର ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ କିଛିଟା ନରମ ମନୋଭାବ ପୋଷଣକରି ରାଜଧାନୀ କିଭ୍, କାରକିଭ୍ ସମେତ ୟୁକ୍ରେନର ୪ଟି ସହରରେ ନିଜଆଡୁ କିଛି ଘଣ୍ଟା ପାଇଁ ଅସ୍ତ୍ରବିରତି ପାଳନ କରିଛନ୍ତି । ବିଦେଶୀ ଛାତ୍ର ଓ ନାଗରିକମାନେ ଯେପରି ନିରାପଦରେ ସହର ଛାଡ଼ି ଯାଇପାରିବେ ସେଥିପ୍ରତି ରୁଷ ଯୁଦ୍ଧ ବନ୍ଦ କରିବାକୁ ଏଭଳି ଅସ୍ଥାୟୀ ପଦକ୍ଷେପ ନେଇଛି । ରୁଷ ଓ ୟୁକ୍ରେନ୍ ଯୁଦ୍ଧର ଅବସାନ ଘଟାଇବା କ୍ଷେତ୍ରରେ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାର ଉପଲବ୍ଧି କରି ୟୁକ୍ରେନ ପକ୍ଷରୁ ଭାରତକୁ ଶାନ୍ତି ଆଲୋଚନା ଆରମ୍ଭ କରିବାକୁ ଆରମ୍ଭ କରାଯାଇଥିଲା । ତଦନୁଯାୟୀ ପ୍ରଧାନମନ୍ତ୍ରୀ ମୋଦି ଉଭୟ ରୁଷ ରାଷ୍ଟ୍ରପତି ପୁତିନ ଓ ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କ ସହ ଟେଲିଫୋନରେ କଥାବାର୍ତ୍ତା କରିଛନ୍ତି । ୟୁକ୍ରେନ୍‌ର ଗୋଟିଏ ପରେ ଗୋଟିଏ ସହର ରୁଷ୍‌ର ଆଖିବୁଜା ବୋମା ବର୍ଷଣରେ ମାଟିରେ ମିଶିଯାଉଥିବାବେଳେ ରାଷ୍ଟ୍ରପତି ଜେଲେନ୍‌ସ୍କି ନିଜେ ଅସହାୟ ଅନୁଭବ କରୁଥିବାର ଖବର ପ୍ରଚାରିତ ହୋଇଛି । ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ଟେଲିଫୋନକରି ସେ ତୁରନ୍ତ ଅସ୍ତ୍ରଶସ୍ତ୍ର ସହାୟତା ଯୋଗାଇଦେବାକୁ ଆକୁଳ ନିବେଦନ କରିଛନ୍ତି । ୟୁକ୍ରେନ୍ ମହାସଂକଟରୁ ରକ୍ଷା କରିବା ଲାଗି ଆମେରିକା ଓ ୟୁରୋପୀୟ ରାଷ୍ଟ୍ରମାନେ ଆଗକୁ ନଆସିଲେ ଦେଶ ଧ୍ୱଂସ ପାଇଯିବ ବୋଲି ସେ ଉଲ୍ଲେଖ କରିଛନ୍ତି । ଆମେରିକା ଓ ୟୁରୋପର ବହୁ ଦେଶ ଏବେ ରୁଷ ବିରୋଧରେ କଠୋର ଆର୍ଥିକ କଟକଣା ଜାରି କରି ଏହାର ଅର୍ଥନୀତିକୁ ଧ୍ୱଂସ କରିବାକୁ ପଦକ୍ଷେପ ନେଇଛନ୍ତି । ଏହା ସତ୍ତ୍ୱେ ପରାକ୍ରମଶାଳୀ ରୁଷ୍‌ର ବିଶେଷ କୌଣସି କ୍ଷତି ଘଟିନାହିଁ ଏବଂ ଏହା ଅଧିକ ହିଂସ୍ର ହୋଇ ୟୁକ୍ରେନ ଉପରେ ଆକ୍ରମଣକୁ ଶାଣିତ କରିଛି । ଯେପରି ମନେହେଉଛି ରୁଷ - ୟୁକ୍ରେନ୍ ଯୁଦ୍ଧ କ୍ରମଶଃ ଏକ ନିର୍ଣ୍ଣାୟକ ମୋଡ଼ ନେଉଛି ଏବଂ ଅନ୍ୟ କୌଣସି ବାହ୍ୟ ଶକ୍ତି ପ୍ରତ୍ୟକ୍ଷ ଭାବରେ ଏଥିରେ ସାମିଲ ନହେଲେ ରୁଷ ଖୁବ୍ କମ୍ ସମୟ ମଧ୍ୟରେ ଏହାକୁ ଦଖଲ କରି ନେବାର ସମ୍ଭାବନା ରହିଛି । ସମ୍ଭବତଃ ୟୁକ୍ରେନ ରାଷ୍ଟ୍ରପତି ଯୁଦ୍ଧର ଚରମ ପରିଣତି କ'ଣ ହେବ ତାହା ଜାଣିସାରିଛନ୍ତି ଏବଂ ବାଇଡେନ୍‌ଙ୍କ ସହ ଟେଲିଫୋନରେ ବାର୍ତ୍ତାଳାପ ସମୟରେ ଏହା ମୋର ଶେଷ ବାର୍ତ୍ତା ହୋଇପାରେ ବୋଲି ମନ୍ତବ୍ୟ ଦେଇଛନ୍ତି । ଦେଶର ବିଭିନ୍ନ ସହରରେ ବର୍ତ୍ତମାନ ବିଦ୍ୟୁତ୍ ଓ ଗ୍ୟାସ୍ ଯୋଗାଣ ବନ୍ଦ ହେବାଯୋଗୁଁ ଜନସାଧାରଣ ନାହିଁନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ବର୍ତ୍ତମାନ ସୁଦ୍ଧା ୧୫ ଲକ୍ଷରୁ ଅଧିକ ଲୋକ ଦେଶ ଛାଡ଼ି ଚାଲିଗଲେଣି ଏବଂ ପ୍ରତିଦିନ ଅଧିକରୁ ଅଧିକ ଲୋକ ଦେଶ ଛାଡୁଛନ୍ତି । ରୁଷ ରାଷ୍ଟ୍ରପତି ପୁତିନ କିଛିଦିନ ପୂର୍ବେ ୟୁକ୍ରେନ ଦଖଲ କରିବା ତାଙ୍କର ଅଭିପ୍ରାୟ ନୁହେଁ, କେବଳ ସରକାର ପରିବର୍ତ୍ତନ ଚାହାନ୍ତି ବୋଲି ସ୍ପଷ୍ଟ କରିଥିଲେ । ମାତ୍ର ଏବେ ନିଜର ଆଭିମୁଖ୍ୟକୁ ଅଧିକ କଠୋର କରିଥିବାର ଲକ୍ଷ୍ୟ କରାଯାଉଛି । ସର୍ତ୍ତ ନମାନିଲେ ୟୁକ୍ରେନ୍‌କୁ ମାନଚିତ୍ରରୁ ନିଶ୍ଚିହ୍ନ କରିଦିଆଯିବ ବୋଲି ସେ ଚରମ ଚେତାବନୀ ଶୁଣାଇଛନ୍ତି ।

# ଆମ ସମ୍ବିଧାନ, ଆମ ସମ୍ମାନ

**ତପନ କୁମାର**




ଭାରତୀୟ ସମ୍ବିଧାନ କ'ଣ ବୋଲି ବ୍ୟାଖ୍ୟା କରିବାକୁ ଯାଇ ସମ୍ବିଧାନ ପ୍ରଣୟନ କମିଟିର ମୁଖ୍ୟ ଡକ୍ଟର ଭୀମରାଓ ଆମ୍ବଦକର ଏକଦା କହିଥିଲେ, 'ଏହା କେବଳ ଆଇନଜୀବୀର ନଥିପତ୍ର ନୁହେଁ, ଏହା ହେଉଛି ଜୀବନର ଯାନ ଏବଂ ଏହାର ଭାବ ହେଉଛି ସମୟର ଭାବ।' ଭାରତର ସମସ୍ତ ଲୋକଙ୍କୁ ଗୋଟିଏ ରାଷ୍ଟ୍ରର ପତାକା ତଳେ ଏକଜୁଟ କରି ରଖିବା ପାଇଁ ପ୍ରଣୀତ ହୋଇଛି ଭାରତ ଶାସନର ସଂକଳ୍ପପତ୍ର ସମ୍ବିଧାନ। ଏହା ଭାରତ ଶାସନର ବିଧି ବି, ବିଧାନ ବି; ସଂକଳ୍ପପତ୍ର ବି, ମାର୍ଗଦର୍ଶିକା ବି। ଭାରତୀୟ ସମ୍ବିଧାନ କ'ଣ ବୋଲି ବ୍ୟାଖ୍ୟା କରିବାକୁ ଯାଇ ସମ୍ବିଧାନ ପ୍ରଣୟନ କମିଟିର ମୁଖ୍ୟ ଡକ୍ଟର ଭୀମରାଓ ଆମ୍ବଦକର ଏକଦା କହିଥିଲେ, 'ଏହା କେବଳ ଆଇନଜୀବୀର ନଥିପତ୍ର ନୁହେଁ, ଏହା ହେଉଛି ଜୀବନର ଯାନ ଏବଂ ଏହାର ଭାବ ହେଉଛି ସମୟର ଭାବ।'ଜାତି, ଧର୍ମ, ବର୍ଣ୍ଣ, ଭାଷା, ସଂସ୍କୃତି ଓ ପରିଧାନ ଆଦି ବହୁ ବିଭିନ୍ନତାରେ ଭରପୂର ଭାରତବର୍ଷକୁ ଏକ ସାର୍ବଭୌମ ସମାଜବାଦୀ ଧର୍ମନିରେପକ୍ଷ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ଭାବେ ଗଢ଼ିବା ସହିତ ଏହାର ସମସ୍ତ ନାଗରିକମାନଙ୍କୁ ଆର୍ଥିକ, ସାମାଜିକ ଓ ରାଜନୀତିକ ନ୍ୟାୟ ପ୍ରଦାନ କରିବାର ସଂକଳ୍ପ ହେଉଛି ଭାରତର ସମ୍ବିଧାନ। ଏହାର ସମସ୍ତ ନାଗରିକଙ୍କୁ ଭାବନା, ଅଭିବ୍ୟକ୍ତି, ଆସ୍ଥା, ବିଶ୍ୱାସ ଓ ପୂଜନର ସ୍ୱାଧୀନତା ସହିତ ସୁଯୋଗ ଓ ସ୍ଥିତିର ସମାନତା ପ୍ରଦାନ କରିବାର ସଂକଳ୍ପପତ୍ର ହେଉଛି ଭାରତର ସମ୍ବିଧାନ। ଏହାର ସମସ୍ତ ନାଗରିକଙ୍କୁ ବ୍ୟକ୍ତିଗତ ମର୍ଯ୍ୟାଦାର ସୁରକ୍ଷା ସହିତ ଭ୍ରାତୃତ୍ୱର ବନ୍ଧନରେ ଆବଦ୍ଧ କରି ରଖିବାର ସଂକଳ୍ପପତ୍ର ହେଉଛି ଭାରତର ସମ୍ବିଧାନ। ସର୍ବୋପରି ଭାରତର ଏକତା ଓ ଅଖଣ୍ଡତାର ସୁରକ୍ଷା କରିବାର ସଂକଳ୍ପପତ୍ର ହେଉଛି ଭାରତର ସମ୍ବିଧାନ। ଭାରତର ଏହି ସମ୍ବିଧାନ ପ୍ରଣୟନ ପାଇଁ ଲାଗିଥିଲା ପ୍ରାୟ ତିନି ବର୍ଷ। ଭାରତକୁ ସ୍ୱାଧୀନତା ଦେବା ଦିଗରେ ବ୍ରିଟିଶ ସରକାର ୧୯୪୬ ମସିହାରେ ଗ୍ରହଣ କରିଥିଲେ କ୍ୟାବିନେଟ୍ ମିଶନ ଯୋଜନା। ଏହି ଯୋଜନା ଅନୁସାରେ ଗଠିତ ହୋଇଥିଲା ସମ୍ବିଧାନ ପ୍ରଣୟନ ସଭା। ଏହି ସଭାର ପ୍ରଥମ ଅସ୍ଥାୟୀ ସଭାପତି ଥିଲଷ ସଚ୍ଚିଦାନନ୍ଦ ସିହ୍ନା। ପରେ ସ୍ଥାୟୀ ସଭାପତି ହୋଇଥିଲେ ରାଜେନ୍ଦ୍ର ପ୍ରସାଦ। ସେ ପରେ ଭାରତର ରାଷ୍ଟ୍ରପତି ହୋଇଥିଲେ। ଆରମ୍ଭରୁ ସମ୍ବିଧାନ ପ୍ରଣୟନ ସଭାରେ ମୋଟ ୩୮୯ ଜଣ ସଦସ୍ୟ ଥିଲେ। କିନ୍ତୁ ୧୯୪୭ ମସିହାରେ ଭାରତର ବିଭାଜନ ଓ ସ୍ୱାଧୀନତା ପରେ ଏହାର ସଦସ୍ୟ ସଂଖ୍ୟା ୨୯୯କୁ ଖସି ଆସିଥିଲା। ସ୍ୱାଧୀନତା ପରେ ଡକ୍ଟର ଭୀମରାଓ ଆମ୍ବେଦକରଙ୍କୁ ସମ୍ବିଧାନ ପ୍ରଣୟନ କମିଟିର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଥିଲା। ଏହି କମିଟିର ଅନ୍ୟ ସଦସ୍ୟମାନେ ହେଲେ କେଏମ ମୁନସୀ, ମହମ୍ମଦ ସାଦୁଲ୍ଲା, ଆଲାଡି କୃଷ୍ଣସ୍ୱଶମୀ ଆୟାର, ଏନ ଗୋପାଳସ୍ୱାମୀ ଆୟାଙ୍ଗାର, ଦେବୀ ପ୍ରସାଦ ଖଇତାନ ଓ ବିଏଲ ମିତ୍ତର।ଏହି କମିଟି ୧୯୪୮ ଆଦ୍ୟ ଭାଗ ବେଳକୁ ସମ୍ବିଧାନର ଚିଠା ଚୂଡ଼ାନ୍ତ କରିସାରିଥିଲେ। ଏହା ଥିଲା ସ୍ୱାଧୀନ ଭାରତର ଶାସନ ସଂହିତାର ପ୍ରଥମ ଚିଠା। ଏହା ଉପରେ ବହୁ ବିଜ୍ଞ, ବିଦ୍ୱାନ ରାଷ୍ଟ୍ରନୀତିଜ୍ଞ ପରସ୍ପର ମଧ୍ୟରେ ଆଲୋଚନା ଓ ବିତର୍କ କରିବା ପରେ ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଅଳ୍ପ କିଛି ସଂଶୋଧନ ସହିତ ଏହାର ପୂର୍ଣ୍ଣାଙ୍ଗ ଚିଠାକୁ ଅନୁମୋଦନ ପ୍ରଦାନ କରିଥିଲେ। ସେଇଥିପାଇଁ ଏହି ଦିନକୁ ସମ୍ବିଧାନ ଦିବସ ଭାବେ ପାଳନ କରାଯାଏ। ସମ୍ବିଧାନ ପ୍ରଣୟନ ସଭା ମୋଟ ୧୬୫ ଦିନ ଭିତରେ ୧୧ଟି ବୈଠକରେ ବିଚାର ଆଲୋଚନା କରି ସମ୍ବିଧାନକୁ ଚୂଡ଼ାନ୍ତ ରୂପରେଖ ଦେଇଥିଲେ।ପୂର୍ବରୁ ନଭେମ୍ବର ୨୬ ତାରିଖକୁ ଆଇନ ବା ବିଧି ଦିବସ ଭାବେ ପାଳନ କରାଯାଉଥିଲା। କିନ୍ତୁ ୨୦୧୫ ମସିହାରେ ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ୧୨୫ତମ ଜନ୍ମବାର୍ଷିକୀ ଅବସରରେ ଭାରତର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ତରଫରୁ ଏହାକୁ ସମ୍ବିଧାନ ଦିବସ ଭାବେ ଗ୍ରହଣ କରାଗଲା। ସେହି ବର୍ଷଠାରୁ ନଭେମ୍ବର ୨୬ ତାରିଖକୁ ଭାରତର ସମ୍ବିଧାନ ଦିବସ ଭାବେ ପାଳନ କରାଯାଇ ଆସୁଛି। ଏହି ଦିବସ ଜରିଆରେ ଭାରତର ଉତ୍ତର ପିଢ଼ି ସମ୍ବିଧାନ ପ୍ରଣୟନ ସଭା ଓ ଏହାର ସଦସ୍ୟମାନଙ୍କ ଅବଦାନକୁ ମନେ ପକାଉଛି। ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ। ସେହି ଦିନଠାରୁ ଭାରତ ଏକ ସାଧାରଣତନ୍ତ୍ର ଭାବେ ପ୍ରତିଷ୍ଠାଲାଭ କରିଛି। ତାହା ସାଧାରଣତନ୍ତ୍ର ଦିବସ ଭାବେ ପାଳିତ ହୁଏ।୧୯୪୯ ନଭେମ୍ବର ୨୬ ତାରିଖ ଦିନ ଏହି ସମ୍ବିଧାନର ୫, ୬, ୭, ୮, ୯, ୬୦, ୩୨୪, ୩୬୬, ୩୬୭, ୩୭୯, ୩୮୦, ୩୮୮, ୩୯୧, ୩୯୨, ୩୯୩, ୩୯୪ ଧାରା କାର୍ଯ୍ୟକାରୀ ହୋଇଥିଲା। ବାକି ଧାରା ସବୁ ୧୯୫୦ ଜାନୁଆରୀ ୨୬ ତାରିଖଠାରୁ କାର୍ଯ୍ୟକାରୀ ହେଉଛି। ଭାରତର ସମ୍ବିଧାନ କାର୍ଯ୍ୟକାରୀ ହେବା ପରେ ବ୍ରିଟିଶ ସରକାର ପ୍ରଣୟନ କରିଥିବା ୧୯୪୭ର ଭାରତ ସ୍ୱାଧୀନତା ଆଇନ ଓ ୧୯୩୫ର ଭାରତ ସରକାର ଆଇନ ଅତଳ ହୋଇଥିଲା।ଭାରତର ମୂଳ ସମ୍ବିଧାନରେ ୩୯୫ ଧାରା, ୮ଟି ତଫସିଲ ଓ ୨୨ଟି ପରିଚ୍ଛେଦ ବା ଭାଗ ଥିଲା। ଏବେ ଏଥିରେ ୪୪୮ ଧାରା, ୨୫ ଭାଗ ବା ପରିଚ୍ଛେଦ ଓ ୧୨ଟି ତଫସିଲ ରହିଛି। ଇତିମଧ୍ୟରେ ଭାରତର ସଂସଦରେ ଗୃହୀତ ହୋଇଥିବା ୧୦୪ ସଂଶୋଧନ ପ୍ରସ୍ତାବ ବଳରେ ସମ୍ବିଧାନର କଳେବର ବୃଦ୍ଧି ଘଟିଛି। ମୂଳ ସମ୍ବିଧାନର ତୃତୀୟ ପରିଚ୍ଛେଦରେ ନାଗରିକମାନଙ୍କର ମୌଳିକ ଅଧିକାର ଥିଲେ ବି ନାଗରିକମାନଙ୍କର ମୌଳିକ କର୍ତ୍ତବ୍ୟ ଅନ୍ତର୍ଭୁକ୍ତ ନଥିଲା। ୧୯୭୬ ମସିହାରେ ହୋଇଥିବା ସମ୍ବିଧାନର ୪୨ତମ ସଂଶୋଧନରେ ୫୧-କ ଧାରା ଯୋଡ଼ା ଯାଇ ସମ୍ବିଧାନରେ ଚତୁର୍ଥ ପରିଚ୍ଛେଦ ସୃଷ୍ଟି ହେଲା ଓ ଏଥିରେ ନାଗରିକମାନଙ୍କ ପାଇଁ ୧୦ଟି କର୍ତ୍ତବ୍ୟ ଲିପିବଦ୍ଧ ହେଲା। ପରେ ୨୦୦୨ ମସିହାରେ ଏଥିରେ ଏକାଦଶ କର୍ତ୍ତବ୍ୟଟି ଯୋଡ଼ାଗଲା। ଭାରତର ସମ୍ବିଧାନକୁ ପୃଥିବୀର ବୃହତ୍ତମ ଲିଖିତ ସମ୍ବିଧାନ ଭାବେ ଗ୍ରହଣ କରାଯାଏ। ଏହାର ଇଂରାଜୀ ସଂସ୍କରଣରେ ମୋଟ ୧,୧୭,୩୬୦ ଶବ୍ଦ ସନ୍ନିହତ।ଚଳିତ ବର୍ଷ ସମ୍ବିଧାନ ଦିବସର ଶୀର୍ଷଭାବ ହେଉଛି 'ଆମ ସମ୍ବିଧାନ, ଆମ ସମ୍ମାନ' (ହମାରା ସମ୍ବିଧାନ, ହମାରା ସମ୍ମାନ)। ୨୦୨୪ ଜାନୁଆରୀ ୨୪ ତାରିଖରେ ଏହି ପ୍ରଚାର ଅଭିଯାନର ଶୁଭାରମ୍ଭ କରିଛନ୍ତି ଭାରତର ଉପରାଷ୍ଟ୍ରପତି। ଏହି ଅଭିଯାନ ଜରିଆରେ ଭାରତ ପ୍ରତି ଘରେ ସମ୍ବିଧାନର ବାର୍ତ୍ତା ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଅଭିଯାନ ଜରିଆରେ ସମ୍ବିଧାନ ସଚେତନତା, ମୌଳିକ ଅଧିକାର ସଚେତନତା, ବୈଧାନିକ ଉତ୍ତରଦାୟିତ୍ୱ ସଚେତନତା ସହିତ ସଭିଙ୍କୁ ନ୍ୟାୟ ପ୍ରତି ଘରେ ନ୍ୟାୟ, ନବ ଭାରତ ନବ ସଂକଳ୍ପ ସଂପର୍କରେ ଜାଗରଣ ସୃଷ୍ଟି କରାଯିବ।ଭାରତର ସମ୍ବିଧାନକୁ ଅନେକ ସମାଲୋଚକ ଏକ ଉଧାରି ସମ୍ବିଧାନ ଭାବେ ବର୍ଣ୍ଣନା କରିଥାନ୍ତି। ଏହା ଏଇଥିପାଇଁ ଯେ ଏଥିରେ ବିଶ୍ୱର ପ୍ରାୟ ସବୁ ସଫଳ ଗଣତନ୍ତ୍ରର ବହୁ ଗୁରୁତ୍ୱପୂର୍ଣ୍ଣ ତଥା ଉପାଦେୟ ବ୍ୟବସ୍ଥା ସନ୍ନିହତ କରାଯାଇଛି। ବ୍ରିଟିଶ ପରମ୍ପରାରୁ ଆମ ସମ୍ବିଧାନ ନାମମାତ୍ର ରାଷ୍ଟ୍ରମୁଖ୍ୟ, ପ୍ରଧାନମନ୍ତ୍ରୀ ମୂଳକ ଶାସନ, ସଂସଦୀୟ ଗଣତନ୍ତ୍ର, ଶକ୍ତିଶାଳୀ ନିମ୍ନ ସଦନ, କ୍ୟାବିନେଟ୍, ଆଇନର ଶାସନ ବ୍ୟବସ୍ଥା ଆଦି ଗ୍ରହଣ କରିଥିବାବେଳେ ଯୁକ୍ତରାଷ୍ଟ୍ର ଆମେରିକା ସମ୍ବିଧାନରୁ ସଂଘୀୟ ବ୍ୟବସ୍ଥା, ମୌଳିକ ଅଧିକାର, ଲିଖିତ ସମ୍ବିଧାନ, ସ୍ୱାଧୀନ ନ୍ୟାୟପାଳିକା, ସୁପ୍ରିମ କୋର୍ଟ, ରାଷ୍ଟ୍ରପତିଙ୍କ ବହିଷ୍କାର ଆଦି ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେହିଭଳି ଫ୍ରାନ୍ସରୁ ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱ ଭଳି ଗଣତାନ୍ତ୍ରିକ ମୂଲ୍ୟବୋଧ ଗ୍ରହଣ କରାଯାଇଛି। ସୋଭିଏଟ୍ ୟୁନିଅନରୁ ନାଗରିକଙ୍କ ପାଇଁ ମୌଳିକ କର୍ତ୍ତବ୍ୟ, କେନ୍ଦ୍ରୀୟ ଯୋଜନା କମିଶନ, ସାମାଜିକ, ଆର୍ଥନୀତିକ ଓ ରାଜନୀତିକ ନ୍ୟାୟ ଆଦି ପରିକଳ୍ପନା ଗ୍ରହଣ କରାଯାଇଛି। ଏସବୁ ବ୍ୟବସ୍ଥା ଅନ୍ୟ ଦେଶର ସମ୍ବିଧାନରୁ ଆସିଥିଲେ ବି ଏହା ଭାରତକୁ ଏକ ପରିପୂର୍ଣ୍ଣ ଗଣତନ୍ତ୍ରରେ ପରିଣତ କରିଛି। ଭାରତର ନାଗରିକମାନେ ବିଶ୍ୱର ଅନ୍ୟ ବହୁ ରାଷ୍ଟ୍ରର ନାଗରିକଙ୍କଠାରୁ ଅଧିକ ସ୍ୱତନ୍ତ୍ରତା ଓ ସ୍ୱାଧୀନତା ସହିତ ଅଧିକାରର ଅଧିକାରୀ ହୋଇପାରିଛନ୍ତି।ଭାରତୀୟ ସମ୍ବିଧାନ ଭାରତ ଶାସନର ସଂହିତା ଭାବେ ସର୍ବମାନ୍ୟ। ଏଥିରେ ଏଯାଏଁ ଶତାଧିକ ସଂଶୋଧନ କରାଯାଇଥିଲେ ମଧ୍ୟ ଏହାର ମୌଳିକ ଚରିତ୍ର ଅପରିବର୍ତ୍ତନୀୟ ବୋଲି ଭାରତର ସୁପ୍ରିମ କୋର୍ଟ ବହୁବାର ରାୟ ଦେଇ ଏହି ସମ୍ବିଧାନକୁ ଏକ ଅଲଙ୍ଘ୍ୟ ଓ ଅକାଟ୍ୟ ଦଲିଲରେ ପରିଣତ କରିଛନ୍ତି। ସେଇଥିପାଇଁ ଏହା ହୋଇଯାଇଛି ଭାରତ ଶାସନର ଗୀତା, ବାଇବେଲ୍ ? ଓ କୁରାନ୍ ?। ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯଥାର୍ଥରେ ଆମ ସମ୍ବିଧାନକୁ ଭାରତବାସୀଙ୍କ ଆଶା (ଇଂରାଜୀରେ ହୋପ୍ ?) ଭାବେ ବର୍ଣ୍ଣନ କରିଛନ୍ତି। ଇଂରାଜୀରେ ହୋପ୍ ?ର ବନାନ ହେଉଛି ଏଚ (ହାରମୋନି), ଓ (ଅପର୍ଚ୍ୟୁନିଟି), ପି(ପିପୁଲ୍ସ ପାର୍ଟିସିପେସନ) ଓ ଇ(ଇକ୍ୟାଲିଟି)। ଓଡ଼ିଆରେ ଏହା ହେବ ସଂହତି, ସୁଯୋଗ, ସହଭାଗୀତା ଓ ସମାନତାର ବାର୍ତ୍ତାବହ।

# ବିଜ୍ଞାନସମ୍ମତ କାଳଗଣନା

**ସର୍ବେଶ୍ୱର ବେହେରା**

ଇତିହାସର ଶତତ କାଳ ପ୍ରବାହ ହୋଇଥାଏ । ପରନ୍ତୁ ବିଦେଶୀ ଇତିହାସକାରମାନେ ଭାରତର ସ୍ୱାଭାବିକ କାଳ ପ୍ରବାହକୁ ମନଇଚ୍ଛା ବିକୃତ କରିଛନ୍ତି । ସେମାନେ ଭାରତର କାଳ ବିଭାଜନ ମନଗଢ଼ା, ତଥ୍ୟହୀନ, ଧୃଷ୍ଟତାପୂର୍ଣ୍ଣ ଓ ସୁନିୟୋଜିତ ଢ଼ଙ୍ଗରେ କରିଛନ୍ତି। ୟୁରୋପୀୟାନ ମଡ଼େଲର ଆଧାରରେ ଭାରତୀୟ ଇତିହାସକୁ ତିନି ଭାଗରେ ବିଭକ୍ତ କରିଛନ୍ତି । ଏହାର ଜନକ ବିଦେଶୀ ଇତିହାସକାର ଜେମସ ମିଲ (୧୭୭୩-୧୮୩୬) ଥିଲା । ନିଜର ପୁସ୍ତକ ହିଷ୍ଟ୍ରି ଅଫ ବ୍ରିଟିଶ ଇଣ୍ଡିଆ (୧୮୧୭)ରେ ତିନୋଟି କାଳ- ହିନ୍ଦୁ କାଳ, ମୁସଲମାନ କାଳ ଓ ବ୍ରିଟିଶ କାଳ ରୂପେ ବିଭାଜିତ କରିଥିଲା। ତୃତୀୟ କାଳକୁ ବ୍ରିଟିଶ କାଳ ରୂପେ ବର୍ଣ୍ଣନା କରିବା ପଛରେ ଏକ ଷଡ଼ଯନ୍ତ୍ର ଥିଲା, ଯାହାକି ସମସ୍ତ ଖ୍ରୀଷ୍ଟିଆନ ଜଗତର ସହାନୁଭୂତି ମିଳିପାରିବ ଯଦ୍ଦ୍ୱାରା ଭାରତକୁ ଏକ ଖ୍ରୀଷ୍ଟିୟାନ ଦେଶରେ ପରିଣତ କରାଯାଇ ପାରିବ।ଏଠାରେ ଉଲ୍ଲେଖନୀୟ ଯେ ଜେମ୍ସ ମିଲ ଭାରତର ଇତିହାସ ଜାଣିବା ପାଇଁ ନିଜର ଜୀବଦ୍ଦଶା ମଧ୍ୟରେ କଦାପି ସେ ଭାରତକୁ ଆସିନଥିଲା, କିମ୍ବା କୌଣସି ଭାରତୀୟଙ୍କୁ ସେ ସାକ୍ଷାତ କରିଥିଲା କିମ୍ବା ଭାରତର କୌଣସି ଭାଷା ସହିତ ପରିଚିତ ଥିଲା। ଏହି ଅଜ୍ଞାନତାକୁ ସେ ନିଜର ବରଦାନ ବୋଲି ସ୍ୱୀକାର କରୁଥିଲା । ନିରପେକ୍ଷ ବୋଲି ନିଜକୁ ପ୍ରମାଣିତ କରୁଥିଲା । ସେ ଭାରତର କୌଣସି ଗ୍ରନ୍ଥକୁ ଅଧ୍ୟୟନ ମଧ୍ୟ କରିନଥିଲା । ସେ ଭାରତର ଏହି କାଳ୍ପନିକ କାଳବିଭାଜନକୁ ଉପଯୋଗିତାର ସିଦ୍ଧାନ୍ତ (ଚକ୍ସଭମସକ୍ଷର କ୍ଟଲ ଟସ୍ପସକ୍ଷସସ୍ପବକ୍ସବଙ୍କସସ୍ପଙ୍କ) ଆଧାରରେ ସଠିକ ବୋଲି କହିଥିଲା । ଏହି ଆଧାରରେ ସେ ଭାରତରେ ଇଂରେଜ ଶାସନର ବୈଧତାକୁ ସ୍ୱୀକାର କରୁଥିଲା । ଇତିହାସକୁ ଏପରି ଢ଼ଙ୍ଗରେ ସେ ପ୍ରସ୍ତୁତ କରୁଥିଲା ଯେପରି ଭାରତୀୟମାନଙ୍କ ମଧ୍ୟରେ ଇଂରେଜ ଏକ ଶ୍ରେଷ୍ଠ ଜାତି ରୂପେ ପ୍ରତିପାଦନ ହୋଇପାରିବ । ସେ ବିଶ୍ୱର ସର୍ବୋଚ୍ଚ ସଭ୍ୟତାମାନଙ୍କ ମଧ୍ୟରେ ପ୍ରାଚୀନ ୟୁନାନ ତଥା ଆଧୁନିକ ୟୁରୋପ ବୋଲି ପ୍ରତିପାଦିତ କରିଥିଲା । ସେ ନିଜର ପୁସ୍ତକରେ ହିନ୍ଦୁମାନଙ୍କୁ ହୀନ ସିଦ୍ଧ କରିବା ପାଇଁ ଅସଭ୍ୟ ଭାଷାରେ ଗାଳି ଦେଇଥିଲା । ସେ ହିନ୍ଦୁମାନଙ୍କ ସଂସ୍କୃତି ଓ ସଭ୍ୟତାକୁ ବିଶ୍ୱର ନିକୃଷ୍ଟତମ ସଭ୍ୟତା ତଥା ସଂସ୍କୃତି ବୋଲି ଉଲ୍ଲେଖ କରିଥିଲା । ହିନ୍ଦୁମାନଙ୍କୁ ବର୍ବରତା ଓ ନିରଙ୍କୁଶ ବୋଲି କହିଥିଲା । ତା'ର ଚିନ୍ତନ ଭବିଷ୍ୟତର ବ୍ରିଟିଶ ଶାସକ ଓ ବିଦ୍ୱାନମାନଙ୍କ ପାଇଁ ମାର୍ଗଦର୍ଶକ ହୋଇଥିଲା। ହିନ୍ଦୁମାନଙ୍କ ପ୍ରତି ଏହି ନିକୃଷ୍ଟ ବିଚାର ଇଂରେଜମାନଙ୍କ ମଧ୍ୟରେ ଉଦୟ ହୋଇଥିଲା । ସେ ଭାରତର ବର୍ତ୍ତମାନ କାଳକୁ ମଧ୍ୟୟୁରୋପର ମଧ୍ୟକାଳ (୫୦୦-୧୫୦୦) ଖ୍ରୀଷ୍ଟାବ୍ଦର ଭାଗ ରୂପେ ବର୍ଣ୍ଣନା କରିଥିଲା । ଭାରତ ଇତିହାସର ଏହି ବିକୃତପୂର୍ଣ୍ଣ, ତର୍କହୀନ, ଅସଙ୍ଗତ ମୁଖ୍ୟତଃ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ, କ୍ଷମତା ଓ ଅହଙ୍କାରର ପରିଚାୟକ ଥିଲା।ଦେଶ ବିଦେଶର ଅନେକ ବିଦ୍ୱାନମାନେ ଜେମ୍ସ ମିଲଙ୍କ ମନଗଢ଼ା କାଳବିଭାଜନକୁ କଟୁ ସମାଲୋଚନା କରିଥିଲେ । ଫେଡ଼େରିକ ଜନ (୧୭୯୯-୧୮୩୭) ଏହାକୁ 'ଘୃଣ୍ୟ' ଓ 'ଭୟଙ୍କର' ବୋଲି କହିଥିଲେ। ପ୍ରଫେସର ବି.ରାଘବାଚାର୍ଯ୍ୟ ଏହାକୁ ଧୃଷ୍ଟତାପୂର୍ଣ୍ଣ ବିସଙ୍ଗତି, ଭାରତକୁ ବିଭାଜିତ କରିବା ପାଇଁ ସୁନିୟୋଜିତ ପ୍ରଚେଷ୍ଟା ବୋଲି କହିଥିଲେ । ପ୍ରସିଦ୍ଧ ଚିନ୍ତକ ପ୍ରତାପ ସୁନ୍ଦର ଏହି ବିଭାଜନ ଐତିହାସିକ ଓ ତଥ୍ୟ ଆଧାରିତ ନୁହେଁ ।

ଇତିହାସର ଏହି କୃତ୍ରିମ ବିଭାଜନରେ କେତେ ପ୍ରଶ୍ନ ମନ ମଧ୍ୟରେ ଦେଖାଦେଇଥିଲା । ଏହା ଠିକ୍ ନୁହେଁ ଯେ ହିନ୍ଦୁ କାଳ ମଧ୍ୟରେ ଦେଶର ସମସ୍ତ ଶାସକ ହିନ୍ଦୁ ଥିଲେ । ଉଦାହରଣତଃ କୁଷାଣ ଶାସକ ଏପରି ଥିଲେ ଯେ, ପ୍ରଥମତଃ ହିନ୍ଦୁ ନଥିଲେ, ପରେ ସେମାନେ ବୌଦ୍ଧ ଧର୍ମ ଅବଲମ୍ବନ କରିଥିଲେ । ହର୍ଷବର୍ଦ୍ଧନଙ୍କ ପରେ ଯାହାକୁ 'ମୁସଲମାନ କାଳ' କୁହାଯାଉଛି ସେଥିରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଉତ୍ତର ତଥା ଦକ୍ଷିଣ ଭାରତରେ ରାଜପୁତମାନଙ୍କର ବିଶାଳ ସାମ୍ରାଜ୍ୟ ଥିଲା । ବାବରର ଆସିବା ସମୟରେ ମହାରାଣା ସାଙ୍ଗା ତଥା ମହାରାଜା କୃଷ୍ଣଦେବରାୟ ସାମ୍ରାଜ୍ୟ କ'ଣ ନଥିଲା ? ଏହିପରି ଆଧୁନିକ କାଳର କ'ଣ ବୈଶିଷ୍ଟ୍ୟ ରହିଛି ? ତା' ସହିତ ଏହା ମଧ୍ୟ ବିଚାରଣୀୟ ଯେ ଗୋଟିଏ କାଳରୁ ଅନ୍ୟ ଏକ କାଳକୁ ଲମ୍ଫ ପ୍ରଦାନ କରିବାରେ କୌଣସି ବୈଜ୍ଞାନିକ ଓ ସନ୍ତୁଳିତ ଆଧାର ଅଛି । କେଉଁ ତିଥି-କାଳର ପରିବର୍ତ୍ତନ ଏହାର ଆଧାର ହୋଇଛି ? ବ୍ରିଟିଶ ଇତିହାସକାରମାନଙ୍କ ଦ୍ୱାରା ରାଜନୈତିକ ପ୍ରଭୁତ୍ୱ ବିସ୍ତାର କରିବା ପାଇଁ ଏପରି କାଳ ବିଭାଜନ କରିବା କେତେଦୂର ଯଥାର୍ଥ ? ଜେମ୍ସ ମିଲର ଏପରି କୃତ୍ରିମ ଓ ମୂର୍ଖତାପୂର୍ଣ୍ଣ କାଳ ବିଭାଜନ ସମଗ୍ର ଉନବିଂଶ ଶତାବ୍ଦୀର ପାଠ୍ୟକ୍ରମରେ ସାମିଲ ହୋଇଯାଇଥିଲା । ମାଉଣ୍ଟ ଷ୍ଟୁଆର୍ଟ ଏଲିଫିନ୍ସନ ନିଜର ଦୁଇଟି ରଚନା ଏହି ଆଧାରରେ ଉଲ୍ଲେଖ କରିଥିଲେ । ବି.ଏ.ସ୍ମିଥ ଏହାକୁ ଐତିହାସିକ ରୂପେ ସ୍ୱୀକୃତି ପ୍ରଦାନ କରିଥିଲେ । ଏଚ.ଏଚ.ସ୍ମିଥ ଏହାକୁ ଐତିହାସିକ ରୂପେ ସ୍ୱୀକୃତି ପ୍ରଦାନ କରିଥିଲେ । ଏଚ.ଏଚ.ଡାଡୱେଲ ନାମକ ଐତିହାସିକ ମଧ୍ୟ ଏହି କ୍ରମକୁ ଗ୍ରହଣ କରିଥିଲେ। ଭାରତର ସ୍ୱାଧୀନତା ପରେ ମଧ୍ୟ ଇତିହାସ ପୁସ୍ତକରେ ଏହି କାଳ ବିଭାଜନ ଦେଖିବାକୁ ମିଳିଛି । ଶରୀର ପରିବର୍ତ୍ତନ ହେଲା, କିନ୍ତୁ ଆତ୍ମା ଯଥାବତ ହୋଇ ରହିଗଲା । ଭାରତର ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ସ୍କୁଲ ଆଦି ଇତିହାସ ପାଠ୍ୟପୁସ୍ତକରେ ଆଜି ମଧ୍ୟ ଏପରି କାଳ ବିଭାଜନ ଉଲ୍ଲେଖ ରହିଛି ।

କୌଣସି ଦେଶର ଇତିହାସ ବିଦେଶୀ ଆକ୍ରମଣକାରୀଙ୍କ ଦ୍ୱାରା ଲିଖିତ ହୋଇପାରିବ ନାହିଁ । ଭାରତର ଇତିହାସ ଏଠାକାର ହିନ୍ଦୁମାନଙ୍କର ଜୟ ପରାଜୟର ଇତିହାସ । ସଂସ୍କୃତିପ୍ରଧାନ ଦେଶ ହେବା ଯୋଗୁଁ ଏହାର କାଳ ବିଭାଜନ ସାଂସ୍କୃତିକ ରାଷ୍ଟ୍ରବାଦର ପରିବର୍ତ୍ତନର ଆଧାରରେ ହେବା ଆବଶ୍ୟକ । ବ୍ରିଟିଶ ରାଜନୈତିକ ରାଷ୍ଟ୍ରବାଦ ଧାରାରେ ହୋଇଥିବା କାଳବିଭାଜନକୁ ପରିବର୍ତ୍ତନ କରିବା ଆବଶ୍ୟକ । ଭାରତ ରାଷ୍ଟ୍ରର ଉନ୍ନତି ପାଇଁ ଇଂରେଜମାନଙ୍କ ଦ୍ୱାରା ଲିଖିତ ଇତିହାସକୁ ପରିବର୍ତ୍ତନ କରିବାର ସମୟ ଅଛି ।

**ଆଡ଼ଭୋକେଟ, ଖଟବିନସାହି, କଟକ**
**ମୋ-୮୨୪୯୩୯୩୫୯୧**







# ୨୦୨୩ରେ ହେବ ଆଥିଆ-ରାହୁଲଙ୍କ ବିବାହ: ବିସିସିଆଇ

ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଏବଂ ଅଭିନେତା ରଣବୀର କପୁରଙ୍କ ବିବାହ ପରେ ଏବେ ଅଭିନେତ୍ରୀ ଆଥିଆ ଶେଟ୍ଟୀଙ୍କ ବିବାହକୁ ନେଇ ଖୁବ୍ ଚର୍ଚ୍ଚା ଚାଲିଛି। ଶୁଣିବାକୁ ମିଳୁଛି କି ଡିସେମ୍ବର ୨୦୨୩ରେ ସେ କ୍ରିକେଟର କେ.ଏଲ୍. ରାହୁଲଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି । କିନ୍ତୁ ଏଭଳି ପରିସ୍ଥିତିରେ ସେମାନଙ୍କ ବିବାହର ନିର୍ଦ୍ଦିଷ୍ଟ ତାରିଖ ମଧ ଜଣା ପଡିଛି। ବିସିସିଆଇ ନିଜେ ଆଥିଆ ଏବଂ ରାହୁଲଙ୍କ ବିବାହ ତାରିଖ ବିଷୟରେ ପ୍ରକାଶ କରିଛି। ସୂଚନାନୁସାରେ, କେଏଲ ରାହୁଲ ଆସନ୍ତାବର୍ଷ ଆଥିଆଙ୍କୁ ବିବାହ କରିବାକୁ ଯାଉଛନ୍ତି ବୋଲି କ୍ରିକେଟ୍ ପରିଷଦକୁ ସୂଚନା ଦିଆଯାଇଛି। ଏହି ଷ୍ଟାର କପଲ୍ ଟି-୨୦ ୱାର୍ଲ୍ଡକପ୍ ପରେ ମହାରାଷ୍ଟ୍ରରେ ବିବାହ କରିବେ। ରାହୁଲ-ଆଥିଆଙ୍କ ବିବାହ ଖଣ୍ଡାଲାସ୍ଥିତ ସୁନୀଲଙ୍କ ବଙ୍ଗଳା ଜହାନରେ ହେବ। ଗତ ତିନିବର୍ଷ ହେବ ଉଭୟ ପରସ୍ପରକୁ ଡେଟ୍ କରୁଛନ୍ତି। ଆଥିଆ ଶେଟ୍ଟୀ ଏବଂ କେ.ଏଲ୍ ରାହୁଲ ମୁମ୍ବାଇର ବାନ୍ଦ୍ରାସ୍ଥିତ ସନ୍ଧୁ ପ୍ୟାଲେସ୍ ନାମକ ଏକ ଆପାର୍ଟମେଣ୍ଟରେ ଏକାଠି ରହୁଛନ୍ତି। ବିବାହ ଅଳ୍ପ କିଛି ମାତ୍ରାରେ ବିବାହ ପ୍ରସ୍ତୁତି ଆରମ୍ଭ ହୋଇଛି। ହେଲେ ବିବାହର କୌଣସି ନିଶ୍ଚିତ ତାରିଖ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇନାହିଁ। ଯେତେବେଳେ ସୁନୀଲ ଶେଟ୍ଟୀଙ୍କୁ ବିବାହ ପ୍ରସ୍ତୁତି ବିଷୟରେ ପଚରାଗଲା, ସେ କହିଥିଲେ କି ପିଲାମାନେ ନିଷ୍ପତ୍ତି ନେବା ମାତ୍ରେ ହିଁ ବିବାହ ହେବ। ସମସ୍ତ ପିତା ଚାହାଁନ୍ତି ଝିଅ ବିବାହ କରନ୍ତୁ କିନ୍ତୁ ଏବେ ରାହୁଲ ଟିକେ ଫ୍ରି ହୋଇଯାଆନ୍ତୁ। ଏତେ କମ ସମୟ ମଧରେ ବିବାହ ସମ୍ଭବ ନୁହେଁ। ଏଥିପାଇଁ ସମୟ ପାଇବା ମାତ୍ରେ ଯୋଜନା କରିବୁ।

# ମହିଳାଙ୍କ ପେଟରୁ ବାହାରିଲା ଫୁଟବଲ୍ ଆକୃତିର ଟ୍ୟୁମର



ଡାକ୍ତରମାନେ ଅସ୍ତ୍ରୋପଚାର କରି ଜଣେ ମହିଳାଙ୍କ ପେଟରୁ ପ୍ରାୟ ୪୫ କିଲୋର ଟ୍ୟୁମର ବାହାର କରିଛନ୍ତି। ଏତେ ବଡ଼ ଟ୍ୟୁମର ଦେଖି ଅପରେସନ କରୁଥିବା ଡାକ୍ତର ମଧ ଆଶ୍ଚର୍ଯ୍ୟ ହୋଇଗଲେ। ଡାକ୍ତରମାନେ କହିଛନ୍ତି ଯେ, ଏହା ପୂର୍ବରୁ ସେମାନେ ଏତେ ବଡ଼ ଟ୍ୟୁମର ଦେଖି ନଥିଲେ। ଏହି ମାମଲା ବ୍ରାଜିଲର ରିୟୋ ଡି ଜେନେରିୟୋର। ଶ୍ୱାସକ୍ରିୟାରେ ସମସ୍ୟା ଯୋଗୁ ସେଠାକାର ଡାକ୍ତରଖାନାରେ ଜଣେ ୪୫ ବର୍ଷୀୟ ମହିଳାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥଲା। ପରୀକ୍ଷା ନୀରିକ୍ଷା ପରେ ଡାକ୍ତରମାନେ ଅସ୍ତ୍ରୋପଚାର କରି ମହିଳାଙ୍କ ଶରୀରରୁ ୧୦୦ ପାଉଣ୍ଡ(୪୫ କିଲୋଗ୍ରାମ)ର ଟ୍ୟୁମର ବାହାର କରିଥିଲେ। ଟ୍ୟୁମର ଏତେ ବଡ଼ ଥିଲା ଯେ ଅପରେସନ୍ ଶେଷ କରିବାକୁ ୧୪ ଜଣ ଡାକ୍ତରଙ୍କୁ ୨ ଘଣ୍ଟା ସମୟ ଲାଗିଥିଲା। ଏହି ଟ୍ୟୁମରଟି ୪ ଫୁଟ ଚଉଡା, ୯ ଇଞ୍ଚ ଲମ୍ବ ଏବଂ ଏହାର ଓଜନ ୪୫ କିଲୋ ପାଖାପାଖି ଥିଲା। ହସ୍ପିଟାଲର ଡାକ୍ତର ଗ୍ଲାସିଓ ବୋଟେଟ୍ ଟ୍ୟୁମରର କିଛି ଚିତ୍ର ସାମାଜିକ ଗଣମାଧମରେ ଶେୟାର କରିଛନ୍ତି। ଚିତ୍ର ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି ଯେ, ମହିଳା ଜଣକ ଗତ ୫ ବର୍ଷ ଧରି ଏତେ ବଡ଼ ଟ୍ୟୁମର ସହିତ କିପରି ଜୀବନ ବିତାଉଥିଲେ। ବର୍ତ୍ତମାନ ଡାକ୍ତରମାନେ କିଛି ପରୀକ୍ଷା ରିପୋର୍ଟକୁ ଅପେକ୍ଷା କରିଛନ୍ତି, ଯେଉଁଥିରେ ଜଣାପଡ଼ିବ ଯେ ମହିଳାଙ୍କୁ କର୍କଟ ହୋଇଛି କି ନାହିଁ। ମହିଳା ଜଣକ ଏବେବି ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ଅବସ୍ଥା ସ୍ଥିର ରହିଛି।



# ୯୩ ବର୍ଷୀୟା ବୃଦ୍ଧାଙ୍କ ସାହସିକତା

ଆକାଶରେ ଉଡୁଛି ବିମାନ ଓ ତା'ର ଛାତ ଉପରେ ଠିଆ ହୋଇଛନ୍ତି ୯୩ ବର୍ଷୀୟ ଜଣେ ମହିଳା। ଯିଏ ବି ଏହି ଦୃଶ୍ୟ ଦେଖୁଛି ଚକିତ ହୋଇଯାଉଛି। ସାମାଜିକ ଗଣମାଧମରେ ଜଣେ ମହିଳାଙ୍କ ଆଶ୍ଚର୍ଯ୍ୟଜନକ ଭିଡିଓ ଭାଇରାଲ ହେଉଛି। ଭିଡିଓରେ ମହିଳା ଜଣକ ଉଡୁଥିବା ବିମାନ ଉପରେ ଠିଆ ହୋଇଥିବା ଦେଖିବାକୁ ମିଳିଛି। ତେବେ, ପ୍ରଥମ ଥର ପାଇଁ ୯୩ ବର୍ଷୀୟ ବେଟ୍ଟୀ ବ୍ରୋମେଜ୍ ଏହି କୃତିତ୍ୱ ହାସଲ କରିନାହାନ୍ତି, ବରଂ ଏହା ପୂର୍ବରୁ ସେ ଚାରିଥର ଏପରି କରି ସାରିଛନ୍ତି। ୟୁକେରେ ବାସ କରୁଥିବା ବ୍ରୋମେଜ୍ ହାଇ-ଫ୍ଲାଇଙ୍ଗ୍ ଚ୍ୟାଲେଞ୍ଜର ଏକ ଅଂଶ ସ୍ୱରୂପ ୱିଙ୍ଗ୍ ୱାକର୍ ଭାବେ ତାଙ୍କର ପଞ୍ଚମ ଉଡ଼ାଣ ସମାପ୍ତ କରିଛନ୍ତି। ତାଙ୍କର ଏହି ଭିଡିଓ ଫେସ୍‌ବୁକ୍ ଆକାଉଣ୍ଟରୁ ଶେୟାର କରାଯାଇଛି। ଭିଡିଓରେ ବେଟ୍ଟୀ ବ୍ରୋମେଜ୍ ଉଡ଼ନ୍ତା ବିମାନ ଉପରେ ଠିଆ ହୋଇଥିବା ଦେଖିବାକୁ ମିଳିଛି। ବିମାନଟି ଉଡ଼ିବାର କିଛି ସମୟ ମଧରେ ଅବତରଣ କରିଥିଲା। ଖୁବ୍ ଜୋର ପବନ ମଧରେ ବ୍ରୋମେଜ୍ ନିଜକୁ ସମ୍ଭାଳିଥିଲେ। ତେବେ ଏହି ସମୟରେ ସେ ସମସ୍ତ ସୁରକ୍ଷା ପ୍ରୋଟୋକଲ ପାଳନ କରିଥିଲେ।

ଭିଡିଓରେ ବେଟ୍ଟୀ ବ୍ରୋମେଜ୍ 'ଏହା ଏକ ଅଦ୍ଭୁତ ଅନୁଭୂତି' ବୋଲି କହୁଥିବା ଶୁଣିବାକୁ ମିଳିଛି। ସେ କହିଛନ୍ତି ଯେ, ମୁଁ ଏହାକୁ ଉପଭୋଗ କଲି। ଏହା ଅତ୍ୟନ୍ତ ରୋମାଞ୍ଚକର ଏବଂ ଭିନ୍ନ ଅନୁଭୂତି ଥିଲା। ଏଥିସହି ବିମାନର ପାଇଲଟ୍ ବ୍ରାୟନ୍ କର୍ଣ୍ଣସ୍ କହିଛନ୍ତି ଯେ, ମୁଁ ଜାଣିନାହିଁ କିଏ ଅଧିକ ଭୟଭୀତ ଥିଲା- ମୁଁ ନା ବ୍ରୋମେଜ୍। ବାସ୍ତବରେ ବ୍ରୋମେଜ୍ ଜଣେ ଅଦ୍ଭୁତ ମହିଳା। ସୂଚନା ମୁତାବକ, ବିଭିନ୍ନ ଶାରୀରିକ ସମସ୍ୟା ସତ୍ତ୍ୱେ ବ୍ରୋମେଜ୍ ଏହି କାମ ଚାରିଟି ପାଇଁ ପାଣ୍ଠି ଯୋଗାଡ଼ କରିବାକୁ କରିଥିଲେ।

# ଚା' ପିଇବା ଦ୍ୱାରା ହ୍ରାସ ପାଏ ମୃତ୍ୟୁ ଆଶଙ୍କା

କଫି ପରିବର୍ତ୍ତେ ଆପଣ ଚା ପିଇବାକୁ ପସନ୍ଦ କରନ୍ତି କି? ଏହି ଗରମ ପାନୀୟ ସଂପର୍କରେ ଏକ ନୂଆ ସର୍ଭେ ରିପୋର୍ଟ ହସ୍ତଗତ ହୋଇଛି। ସର୍ଭେ ରିପୋର୍ଟରୁ ଜାଣିବାକୁ ମିଳିଛି ଯେ କଫି ତୁଳନାରେ ଚା ପିଇବା ଭଲ। ଚା ପିଇବା ଦ୍ୱାରା ମୃତ୍ୟୁ ଆଶଙ୍କା ହ୍ରାସ ପାଇଥାଏ। ଏ ନେଇ ନିକଟରେ ଇଂଲଣ୍ଡର ଗବେଷକମାନେ ଏକ ଗବେଷଣା କରିଥିଲେ। ଗବେଷଣାରୁ ଜାଣିବାକୁ ମିଳିଛି ଯେ ଚା ପିଉନଥିବା ଲୋକଙ୍କ ମଧରେ ୧୩ ପ୍ରତିଶତ ମୃତ୍ୟୁ ଆଶଙ୍କା ରହିଥିବା ବେଳେ ଦିନକୁ ୨-୩ କପ୍ ଚା ପିଉଥିବା ଲୋକଙ୍କ କ୍ଷେତ୍ରରେ ୯ ପ୍ରତିଶତ ମୃତ୍ୟୁ ସମ୍ଭାବନା ଥାଏ। ଏହି ଗବକ୍ଷେଣା କରିଥିଲେ ନେସ୍‌ନାଲ୍ କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ୍‌ର ଗବେଷକମାନେ। ପୂର୍ବରୁ ହୋଇଥିବା ଗବେଷଣାକୁଡ଼ିକୁ ଦେଖିଲେ ଗ୍ରୀନ୍ ଟି ଶରୀର ପାଇଁ ବେଶି ଲାଭଦାୟକ। ଅଧିକ ଚା ପିଉଥିବା ଲୋକଙ୍କ କ୍ଷେତ୍ରରେ ହୃଦ୍‌ରୋଗ ଓ ଷ୍ଟ୍ରୋକ୍ ଆଦି ସମସ୍ୟା ବି ହ୍ରାସ ପାଇଥାଏ। ନିକଟରେ ହୋଇଥିବା ଏହି ଗବେଷଣାରେ ୪୦ରୁ ୬୭ ବର୍ଷ ବୟସ ମଧରେ ୪,୯୮,୦୪୩ ଜଣଙ୍କୁ ସାମିଲ୍ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୮୯ ପ୍ରତିଶତ ନାଲି ଚା' ପିଉଥିବା ଜାଣିବାକୁ ମିଳିଛି। ଆପଣ ନିଜର ସୁସ୍ଥକର ଡାଏଟ୍ ତାଲିକାରେ ବି ଚା'କୁ ସାମିଲ୍ କରିପାରିବେ ବୋଲି ଗବେଷକମାନେ ମତ ବ୍ୟକ୍ତ କରିଛନ୍ତି। ନେସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ(ଏନ୍‌ଆଇଏଚ୍) ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଚା'ର ତାପମାତ୍ରାରୁ ନେଇ ଚିନି ଓ ପତିର ପରିମାଣରୁ ବି ଗୁଣରେ ପାର୍ଥକ୍ୟ ଦେଖିବାକୁ ମିଳିଛି।

# ଲଳିତ-ସୁସ୍ମିତାଙ୍କ ବ୍ରେକଅପ୍

ଅଭିନେତ୍ରୀ ସୁସ୍ମିତା ସେନ୍ ଓ ଲଳିତ ମୋଦିଙ୍କ ସମ୍ପର୍କ ବିଷୟରେ ପ୍ରାୟ ୧ ମାସ ପୂର୍ବରୁ ଜଣାପଡ଼ିଥିଲା। ସୁସ୍ମିତାଙ୍କ ସହ କିଛି ରୋମାଣ୍ଟିକ୍ ଫଟୋ ଲଳିତ ସୋସିଆଲ ମିଡିଆରେ ଶେୟାର କରିଥିଲେ ଏବଂ ଉଭୟ ଲଭ୍‌ବାର୍ଡ ବୋଲି ଖୁଲାସା କରିଥିଲେ। ଏବେ କିନ୍ତୁ ଲଳିତଙ୍କ ଇନ୍‌ଷ୍ଟାଗ୍ରାମ୍ ପ୍ରୋଫାଇଲ୍‌ରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ଏହା ପରେ ତାଙ୍କ ବ୍ରେକ୍‌ଅପ୍‌କୁ ନେଇ ଚର୍ଚ୍ଚା ଜୋର ଧରିଛି। ଲଳିତଙ୍କ ଇନ୍‌ଷ୍ଟା ଆକାଉଣ୍ଟ ଦେଖିବା ପରେ ଲୋକେ ଆଶଙ୍କା କରୁଛନ୍ତି ଯେ ସୁସ୍ମିତାଙ୍କ ସହ ତାଙ୍କ ସମ୍ପର୍କ ଆଉ ଭଲ ନାହିଁ। କାରଣ ଲଳିତ ନିଜ ଇନ୍‌ଷ୍ଟାଗ୍ରାମରୁ ଗୋଟିଏ ଫ୍ରେମ୍‌ରେ ଥିବା ଦୁହିଁଙ୍କ ଫଟୋକୁ ହଟାଇଛନ୍ତି । ତାଙ୍କ ଇନ୍‌ଷ୍ଟା ପ୍ରୋଫାଇଲ୍‌ରେ ସୁସ୍ମିତାଙ୍କ ନାଁ ମଧ ନଜର ଆସୁନାହିଁ। ଏହା ଦେଖିବା ପରେ ଉଭୟଙ୍କ ମଧରେ ବ୍ରେକ୍‌ଅପ୍‌ର କାରଣ ସୁସ୍ମିତାଙ୍କ ବୟଫ୍ରେଣ୍ଡ ରୋମନ୍ ଶଲ୍ ବୋଲି ଚର୍ଚ୍ଚା ହେଉଛି। କିନ୍ତୁ ଉଭୟଙ୍କ ମଧରୁ କେହି ଏ ବିଷୟରେ ସୂଚନା ଦେଇନାହାନ୍ତି। ସୂଚନାଯୋଗ୍ୟ, ଇନ୍‌ଷ୍ଟାଗ୍ରାମ୍‌ରେ ସୁସ୍ମିତାଙ୍କ ସହ ଫଟୋ ଶେୟାର କରି ଲଳିତ ଉଭୟଙ୍କ ସମ୍ପର୍କ ବିଷୟରେ ଖୁଲାସା କରିବା ପରେ ନିଜ ପ୍ରୋଫାଇଲ୍‌ର ତଥ୍ୟ ବଦଳାଇଥିଲେ। ପ୍ରୋଫାଇଲ୍‌ରେ ସୁସ୍ମିତାଙ୍କ ସହ ନିଜର ଫଟୋ ପୋଷ୍ଟ କରିଥିଲେ। ଏଥିସହ ଉଲ୍ଲେଖ କରିଥିଲେ 'ମୁଁ ମୋର ପ୍ରେମ ସୁସ୍ମିତା ସେନ୍‌ଙ୍କ ସହ ଜୀବନର ନୂଆ ଆରମ୍ଭ କରିବାକୁ ଯାଉଛି।' ଏବେ କିନ୍ତୁ ନିଜ ଇନ୍‌ଷ୍ଟା ବାୟୋରୁ ସେ ସୁସ୍ମିତାଙ୍କ ନାମ ହଟାଇଛନ୍ତି । ପ୍ରୋଫାଇଲ୍ ଫଟୋ ବି ବଦଳାଇ ଦେଇଛନ୍ତି । ବାୟୋରେ ଲେଖିଛନ୍ତି- ଆଇପିଏଲ୍ ଫାଉଣ୍ଡର। ଏହା ଦେଖି ଉଭୟଙ୍କ ମଧରେ ସମ୍ପର୍କ ଛିନ୍ନ ହୋଇଛି ବୋଲି ୟୁଜର ଆଶଙ୍କା କରୁଛନ୍ତି।





# ବିଲେଇ ପାଇଁ ଚାଲିଗଲା ଶିକ୍ଷକଙ୍କ ଚାକିରି

କରୋନା ସମୟରେ ଆମ ଜୀବନରେ ଇଣ୍ଟରନେଟ୍, ସୋସିଆଲ୍ ମିଡିଆ ଏବଂ ଅନଲାଇନ୍ ସେବାଗୁଡ଼ିକର ଚାହିଦା ବହୁତ ବୃଦ୍ଧି ପାଇଥିଲା। ଏହି କାରଣରୁ, ଅନେକ ସୁବିଧା ପାଇଥିବା ବେଳେ ଅନେକ ଥର କର୍ମଚାରୀଙ୍କୁ ସେମାନଙ୍କ ଅଜାଣତରେ ଯନ୍ତ୍ରଣା ମଧ ଭୋଗିବାକୁ ପଡିଛି। ଚାଇନାର ଜଣେ ମହିଳା ଶିକ୍ଷକଙ୍କ ସହ ଏଭଳି କିଛି ଘଟଣା ଘଟିଥିଲା ଯେଉଁଥିପାଇଁ ତାଙ୍କର ଚାକିରୀ ଚାଲିଯାଇଥିଲା। କରୋନା ମହାମାରୀ ସମୟରେ ସାରା ବିଶ୍ୱରେ ଅନଲାଇନ୍ ଶିକ୍ଷାଦାନର ଧାରା ବହୁତ ବୃଦ୍ଧି ପିଇଥିଲା। ଏହା ଉଭୟ ଶିକ୍ଷକ ଏବଂ ଛାତ୍ରଙ୍କ ପାଇଁ ସୁବିଧାଜନକ ମାଧ୍ୟମ ବୋଲି ସାବ୍ୟସ୍ତ ହୋଇଥିଲା। ତେବେ ଅନଲାଇନ୍ କ୍ଲାସ୍ ସମୟରେ ଏମିତି କଣ ଘଟିଲା ଯେଉଁଥିପାଇଁ ଜଣେ ମହିଳା ଶିକ୍ଷକଙ୍କ ଚାକିରି ଚାଲିଗଲା। ଏହି ଘଟଣାଟି ହେଉଛି ଚାଇନାର ଗୁଆଙ୍ଗଜୋ ସହରର। ଏଠାରେ ଲୁଓ ନାମକ ଜଣେ ମହିଳା ଶିକ୍ଷକ ଜୁନ୍ ମାସରେ ତାଙ୍କ ଛାତ୍ରମାନଙ୍କର ଅନଲାଇନ୍ କ୍ଲାସ୍ ନେଉଥିଲେ। ଶିକ୍ଷକ ଲୁଓଙ୍କର ଏକ ପୋଷା ବିଲେଇ ଅଛି। ଦିନେ ଲୁଓଙ୍କ ବିଲେଇ କ୍ଲାସ୍ ସମୟରେ ବାରମ୍ବାର କ୍ୟାମେରା ଆଡକୁ ଡେଇଁପଡୁଥିଲା। ଏହି ଘଟଣା ପରେ ଲୁଓ ଚାକିରିରୁ ବହିଷ୍କୃତ ହୋଇଥିଲେ। କମ୍ପାନୀ କହିଥିଲା ଯେ ଏହା ଶିକ୍ଷକଙ୍କ ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରୁଛି। ସେ ୧୦ ମିନିଟ୍ ବିଳମ୍ବରେ କ୍ଲାସରେ ଯୋଗ ଦିଅନ୍ତି ଏବଂ ସେ କ୍ଲାସରେ ସଠିକ୍ ଭାବରେ ପଢ଼ାଇ ପାରନ୍ତି ନାହିଁ। ଯାହାକୁ ଦୃଷ୍ଟିରେ ରଖି ତାଙ୍କୁ ଚାକିରୀ ରୁ କାଢି ଦିଆଯାଇଛି। କମ୍ପାନୀର ଏଭଳି ନିଷ୍ପତ୍ତି ବିରୋଧରେ ମହିଳା ଶିକ୍ଷକ ଜଣକ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଶେଷରେ କମ୍ପାନୀ ତରଫରୁ ମହିଳା ଶିକ୍ଷକ ଲୁଓଙ୍କୁ ୬,୦୦୦ ଡଲାର କ୍ଷତିପୂରଣ ପ୍ରଦାନ କରାଯାଇଥିଲା।

## ଆଦର୍ଶ ଘରୋଇ ଶିକ୍ଷକଙ୍କ ବିୟୋଗ

ନିଶ୍ଚିନ୍ତକୋଇଲି ୧୦/୧୨ (ନି.ପ୍ର): କୁମ୍ଭକାର ଯେପରି ଗୋଟିଏ ମାଟି ପିଣ୍ଡୁଳାକୁ ନେଇ ବିଭିନ୍ନ ପ୍ରକାର ସାମଗ୍ରୀ ତିଆରି କରିଥାଏ ସେହିପରି ଜଣେ ଶିକ୍ଷକ ତା'ର ଶିକ୍ଷାନୁଷ୍ଠାନରୂପକ କାରଖାନାରେ ମାଟି ପିଣ୍ଡୁଳ ସଦୃଶ କୋମଳମତି ଛାତ୍ର ଛାତ୍ରୀଙ୍କୁ ନେଇ ନିଜେ ବିଶ୍ୱକର୍ମା ସାଜି ଛାତ୍ର ଛାତ୍ରୀମାନଙ୍କୁ ସୁନାଗରିକ, ସୁସଂସ୍କାରି ଏବଂ ସୁଦକ୍ଷ କରିବାରେ ପ୍ରମୁଖ ଭୂମିକା ଲିଭାଇଥାଏ । ସେଭଳି ଜଣେ ଘରୋଇ ଶିକ୍ଷକ ଶିକ୍ଷାଦାନ ଦେଇ ଗଢିଛନ୍ତି ହଜାର ହଜାର ଗରିବ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ । ତାଙ୍କ ବିୟୋଗରେ ଅନେକ ଛାତ୍ର ଛାତ୍ରୀ ଆଜି କାନ୍ଦୁଛନ୍ତି । କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଅସୁରେଶ୍ୱର ପଂଚାୟତ ପୁବଂଶ ଗ୍ରାମର ଯୋଗଜନ୍ମା ଘରୋଇ ଆଦର୍ଶ ଶିକ୍ଷକ, ସମାଜସେବୀ ତଥା ଅସୁରେଶ୍ୱର ପଂଚାୟତର ପୂର୍ବତନସମିତି ସଭ୍ୟ ତପନ କୁମାର ସିଂହଙ୍କ ରବିବାର ବିଳମ୍ବିତ ରାତ୍ରିରେ ତାଙ୍କ ପୈତୃକ ବାସଭବନରେ ପରଲୋକ ଘଟିଛି । ତାଙ୍କ ବିୟୋଗରେ ଅସୁରେଶ୍ୱର ଅଂଚଳର ହଜାର ହଜାର ଛାତ୍ର ଛାତ୍ରୀଙ୍କ ସମେତ ଅଭିଭାବକ ମହଲରେ ଶୋକର ଛାୟା ଖେଳିଯାଇଛି । ଅନେକ ଛାତ୍ର ଛାତ୍ରୀ ଓ ଅଭିଭାବକମାନେ ସ୍ୱର୍ଗତ ସିଂହଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ନିଜ ଜନ୍ମସ୍ଥାନ ପୁବଂଶ ସହିତ ଅସୁରେଶ୍ୱର ବଜାର, ଅଣସରପୁର, ଇସାଲୋ, ଦିକ୍ଷିତପଡା ଆଦି ଗ୍ରାମକୁ ନିଆଯାଇଥିଲା । ଶୋକାକୁଳ ପରିବେଶରେ ପରମ୍ପରା ଅନୁଯାୟୀ ନିଜ ବାଡିରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା । ତାଙ୍କ ବିୟୋଗର ଖବର ପାଇ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଗଭୀର ଶୋକବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅସୁରେଶ୍ୱର ପଂଚାୟତ ସରପଂଚ ଗୌତମୀ ଦାସ, ଯୁବନେତା ଅନନ୍ତ କୁମାର ଦାସ, ଜିଲ୍ଲାପରିଷଦ ସଭ୍ୟା ଜସ୍ମିତା ସେଠୀ, ସମିତିସଭ୍ୟ ହିମାଦ୍ରି ମିଶ୍ର, ପୂର୍ବତନ ସମିତି ସଭ୍ୟ ଅନନ୍ତ କୁମାର ସିଂହ, ବିଜୟ କୁମାର ବଳ, ମହେନ୍ଦ୍ରନାଥ ସାହା, ସ୍ୱର୍ଗତ ତପନଙ୍କ ଭାଇ ସାମ୍ବାଦିକ ସୀତାନାଥ ସିଂହ, ସରୋଜ କୁମାର ସିଂହ ପ୍ରମୁଖ ଉପସ୍ଥିତ ରହି ଶେଷକୃତ୍ୟ ସଂପନ୍ନ କରିଥିଲେ । ବଡପୁଅ ସମ୍ମିତ କୁମାର ସିଂହ ମୁଖାଗ୍ନି ପ୍ରଦାନ କରିଥିଲେ ।

## ମହେଶ୍ୱର ପ୍ରତିଭା ପରିଷଦର ବାର୍ଷିକ ଉତ୍ସବ

ମାହାଙ୍ଗା ୧୦/୧୨ (ନି.ପ୍ର): ମାହାଙ୍ଗା ବ୍ଲକ ଅନ୍ତର୍ଗତ ଓସ୍ତପୁର ଗ୍ରାମରେ ଅବସ୍ଥିତ ମହେଶ୍ୱର ପ୍ରତିଭା ପରିଷଦର ଦ୍ୱାଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠାନର ସଭାପତି ରବିନ୍ଦ୍ରନାଥ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସାଧାରଣ ସଂପାଦକ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାଧାପକ ବିରୁପାକ୍ଷ ରାୟ, ମୁଖ୍ୟବକ୍ତା ଅଧ୍ୟାପକ ସୁଧୀର କୁମାର ଦାସ, ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ୍ ଚିତ୍ତରଂଜନ ରାଉତ, ସାହିତ୍ୟିକ ଭକ୍ତ ଚରଣ ସାହୁ, ପ୍ରାକ୍ତନ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ଦାସ, ଶିଶୁକବି ମହେନ୍ଦ୍ର କୁମାର ଘଡେଇ, ଗୌତମ ଚରଣ ଜେନା, ପ୍ରଫୁଲ୍ଲ କୁମାର ସାହୁ, ବିଶିଷ୍ଟ ପରିବେଶବିତ୍ ନିରଞ୍ଜନ ସାହୁ, କବି ସଚ୍ଚିଦାନନ୍ଦ ମିଶ୍ର, ପ୍ରଫୁଲ୍ଲ କୁମାର ସିଂ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦେବପ୍ରସାଦ କର, ସାମ୍ବାଦିକ ବିଜୟ କୁମାର କୁଅଁର ପ୍ରମୁଖ ଯୋଗଦେଇ ପ୍ରତିଭା ପରିଷଦ ପକ୍ଷରୁ ହେଉଥିବା ବିଭିନ୍ନ ଜନହିତକର କାର୍ଯ୍ୟକୁ ଭୂୟଶୀ ପ୍ରଶଂସା କରିଥିଲେ । ସାହିତ୍ୟ, ସଂସ୍କୃତି, ଶିକ୍ଷାକ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ସୁରଥ ଚନ୍ଦ୍ର ରାଉତ, ହୃଷିକେଶ ମହାରଣା, ମୋଜାଫର ଅହମ୍ମଦ, ପର୍ଶୁରାମ କରଙ୍କୁ ମଞ୍ଚାସୀନ ଅତିଥିମାନେ ମହେଶ୍ୱର ପ୍ରତିଭା ସମ୍ମାନରେ ସମ୍ମାନୀତ କରିଥିଲେ । ପ୍ରାକ୍ତନ ପ୍ରଧାନଶିକ୍ଷକ ବଳରାମ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଭ୍ୟ ଶରତ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁବାଷ ଚନ୍ଦ୍ର ଓଝା, ତ୍ରିଲୋଚନ ପାଲ, ଉତ୍ତମ ଚରଣ ମଲିକ, ହରିଶ୍ ଚନ୍ଦନ ପଣ୍ଡା, ବିଦ୍ୟାଧର ବାରିକଙ୍କ ସମେତ ବହୁଗ୍ରାମବାସୀ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# କୃଷ୍ଣ ଗୋପାଳ ସମାଜ ର ବାର୍ଷିକ ଉତ୍ସବ

ପାଟଣା ୧୦/୧୨ (ନି.ପ୍ର): କୃଷ୍ଣ ଗୋପାଳ ସମାଜ କେନ୍ଦୁଝର ର ବାର୍ଷିକ ଉତ୍ସବ ତଥା ବନ୍ଧୁ ମିଳନ ବଡ଼ ଘାଗରା ର ପ୍ରକୃତି କୋଳରେ ଗତ ୮ତାରିଖ ମହାସମାରୋହ ରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ କୃଷ୍ଣ ଗୋପାଳ ସମାଜ ର ସଭାପତି କୃଷ୍ଣ ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଡାକ୍ତର ପୁରୁଷୋତ୍ତମ ପ୍ରଧାନ ଯୋଗ ଦେଇଥିଲେ । ସୌମ୍ୟଶ୍ରୀ ଙ୍କ କୃଷ୍ଣ ଭକ୍ତି ସଂଗୀତ ଗାନ ପରେ ଯୁଗ୍ମ ସମ୍ପାଦକ ଡକ୍ଟର କୁଳମଣି ପ୍ରଧାନ ଙ୍କ ସଂଯୋଜନା ତଥା ପ୍ରତ୍ୟକ୍ଷ ପରିଚାଳନା ରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଇଂ ପ୍ରଶାନ୍ତ କୁମାର ବୈଦ୍ୟ, ଇଂ ଧାନ ଚନ୍ଦ୍ର ପ୍ରଧାନ, ଅବସର ପ୍ରାପ୍ତ ଡାକ ସହ ନିର୍ଦ୍ଦେଶକ କୃପାସିନ୍ଧୁ ଗିରି, ଗୌତମ ଚରଣ ଗିରି, ଗିରିଶ କୁମାର ପ୍ରଧାନ,ସରୋଜିନୀ ପ୍ରଧାନ, ତେଜସ୍ୱିନୀ ପ୍ରଧାନ ଯୋଗ ଦେଇ ଥିଲେ । ଉପ ସଭାପତି ଭାଗିରଥି ଗିରି ସ୍ୱାଗତ ସମ୍ଭାଷଣ କରି କୃଷ୍ଣ ଗୋପାଳ ସମାଜ ର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ପାଦକ ହରିଶ ଚନ୍ଦ୍ର ପ୍ରଧାନ କୃଷ୍ଣ ଗୋପାଳ ସମାଜ ର ଜନ କଲ୍ୟାଣକାରୀ ଦିଗ ଉପରେ ଆଲୋଚନା କରିବା ସହ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ମୁଖ୍ୟ ଅତିଥି ଡାକ୍ତର ପୁରୁଷୋତ୍ତମ ପ୍ରଧାନ କୃଷ୍ଣ ଗୋପାଳ ସମାଜ ର ବହୁମୁଖୀ କାର୍ଯ୍ୟକ୍ରମ ର ପ୍ରଶଂସା କରିବା ସହ ଦିନେ ଏହା ଗୋପାଳ ସମାଜ ର ବିରାଟ ବଟବୃକ୍ଷ ପରି ଛିଡା ହୋଇ ମଙ୍ଗଳକାରୀ



ହେବ ବୋଲି ବକ୍ତବ୍ୟ ରଖିଥିଲେ ।ସମ୍ମାନିତ ଅତିଥି ଇଂ ପ୍ରଶାନ୍ତ କୁମାର ବୈଦ୍ୟ କୃଷ୍ଣ ଗୋପାଳ ସମାଜ ର ଗରିବ, ଅସହାୟ, ଆର୍ଥିକ ଦୁର୍ବଳ ଥିବା ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ ପଢୁ ଥିବା ବିଦ୍ୟାର୍ଥୀ ଙ୍କୁ ସାହାଯ୍ୟ କରିବାକୁ ମତ ପୋଷଣ କରିଥିଲେ ।ଅନ୍ୟତମ ସମ୍ମାନିତ ଅତିଥିଗଣ କୃଷ୍ଣ ଗୋପାଳ ସମାଜ କୁ ଆର୍ଥିକ ଦୃଷ୍ଟିରୁ ସୁଦୃଢ କରିବା ସହ ସମସ୍ତେ ସ୍ୱେଚ୍ଛାକୃତ ଭାବେ ସେବା ଯୋଗାଇ ଦେବାକୁ ନିବେଦନ କରିଥିଲେ । ସଭାପତି ଏ ସମାଜ ର ବିକାଶ ଓ ସଭ୍ୟ ସଭ୍ୟା ମାନଙ୍କର ନିରନ୍ତର ସାହାଯ୍ୟ କାମନା କରିଥିଲେ । ବରିଷ୍ଠ ଉପଦେଷ୍ଟା ଆଡ଼ଭୋକେଟ ବିଭୁତି ଭୂଷଣ ପ୍ରଧାନ, ପ୍ରାଣବନ୍ଧୁ ପ୍ରଧାନ ଉପସ୍ଥିତି ଥିଲେ । ଏହି ଅବସରରେ ବର୍ଷିଆନ ମହିଳା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ପ୍ରତିଭା ପ୍ରଧାନ, ଶ୍ରୀମତୀ ପ୍ରଧାନ, ଜାଇଫୁଲ ପ୍ରଧାନ ଙ୍କୁ ସ୍ୱତନ୍ତ ଭାବେ ଆତିଥି ଗଣ ଭ୍ୟ ସମ୍ବର୍ଦ୍ଧନା ଦେବାସହ ଅଙ୍ଗ ବସ୍ତ୍ର ପ୍ରଦାନ କରିଥିଲେ । ସେଇପରି ସୌମ୍ୟାଶ୍ରୀ ପ୍ରଧାନ, ଅଭିଷେକ ପ୍ରଧାନ, ଗିରିଜା ନନ୍ଦନ ପ୍ରଧାନ, ସାର୍ଥକ ପ୍ରଭୁଦତ୍ତ ପ୍ରଧାନ, ସତ୍ୟନାରାୟଣ ଗିରି, ସୋନାଲି ଗିରି,, ଦୀପକ ଗିରି, ବିଜୟାନନ୍ଦ ଗିରି,ବିଦ୍ୟାଧର ପ୍ରଧାନ,ବିଚିତ୍ରାନନ୍ଦ ଗିରି ଙ୍କୁ ତାଙ୍କ ନିଃସ୍ୱାର୍ଥପର ସେବା ପାଇଁ ଅଭିନନ୍ଦନ ଜଣାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶତାଧିକ ଅତିଥି ଙ୍କୁ ସ୍ୱାଗତ କରିଥିଲେ ହୃଦାନନ୍ଦ ପ୍ରଧାନ,ରମାକାନ୍ତ ପ୍ରଧାନ, ବିଷ୍ଣୁ ଚରଣ ଗିରି,ଅଧ୍ୟାପକ ମୀନକେତନ ଗିରି, ଜୟଦେବ ଗିରି,ସରୋଜ କୁମାର ପ୍ରଧାନ, ଅରେନ୍ଦ୍ର କୁମାର ଗିରି,ମମତା ପ୍ରଧାନ, ଆଦିତ୍ୟ ପ୍ରଧାନ,ମନ୍ଦୋଦରୀ ପ୍ରଧାନ । ମଧ୍ୟ ପ୍ରଦେଶ, ଛତିଶଗଡ, ବିହାର, ଝାରଖଣ୍ଡ ରେ ଥିବା କୃଷ୍ଣ ଗୋପାଳ ସମାଜ ର ସଭ୍ୟ ମାନେ ଯୋଗ ଦେଇଥିଲେ । ସମସ୍ତଙ୍କୁ ସ୍ୱାଦିଷ୍ଟ ଭୋଜନ ରେ ଆପ୍ୟାୟିତ କରାଯାଇଥିଲା କ୍ଷ କାର୍ଯ୍ୟକ୍ରମ ଶେଷରେ ସହ ସମ୍ପାଦକ କିଶୋର ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାଟଣା ବ୍ଲକ ଖୁଣ୍ଟାପଡ଼ା ଗ୍ରାମରେ ମାଣ୍ଡିଆ ଅମଳ ଦିବସ ପାଳିତ

ପାଟଣା ୧୦/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କେନ୍ଦେଇପଶି ପଞ୍ଚାୟତ ଖୁଣ୍ଟାପଡ଼ା ଗ୍ରାମରେ ଚଳିତ ଖରିଫ ଋତୁ ପାଇଁ ମାଣ୍ଡିଆ ଅମଳ ଦିବସ ପାଳିତ ହୋଇଛି । ଶ୍ରୀଅନ୍ନ ଅଭିଯାନ ତରଫରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପାଟଣା ବ୍ଲକ କୃଷି ଅଧିକାରୀ ବର୍ଷା ବୈଶାଳୀ, ସହ କୃଷି ଅଧିକାରୀ ପରେଶ କୁମାର ଦାଶ , କୃଷି ଅଧିଦର୍ଶକ ଦମୟନ୍ତୀ ମହାନ୍ତ ,ଶ୍ରୀ ଅନ୍ନ ଅଭିଯାନ ଅତିରିକ୍ତ ଜିଲ୍ଲା ପ୍ରକଳ୍ପ ସଂଯୋଜକ ସମୀର ଦାଶ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଉପସ୍ଥିତ ଅତିଥି ମାନେ ମାଣ୍ଡିଆ ଚାଷର ସରକାରୀ ସହାୟତା ,ଚାଷ କରିବାର ସହାୟତା ଏବଂ ବିକ୍ରିର ମାଧ୍ୟମ ଆଦି ବିଷୟରେ ଆଲୋଚନା କରାଯାଇଥିଲା । ଗ୍ରାମର ଅଧିକରୁ ଅଧିକ ଚାଷୀଙ୍କୁ ମାଣ୍ଡିଆ ଚାଷ କରି ତାର ଲାଭ ଉଠାଇବା ପାଇଁ ଚାଷୀ ମାନଙ୍କୁ ନିବେଦନ କରିଥିଲେ । ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଏବଂ କୃଷି ବିଭାଗର ସହାୟତା ରେ ଉକ୍ତ କାର୍ଯ୍ୟକ୍ରମ କୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭାରତ ସଂଗଠନର ସ୍ୱେଚ୍ଛାସେବୀ ତଥା ଶ୍ରୀ ଅନ୍ନ ଅଭିଯାନ ର ବ୍ଲକ ସହସଂଯୋଜକ ତ୍ରିଲୋଚନ ମହାନ୍ତ , ସି ଆର ପି ରସ୍ମିରେଖା ମହାନ୍ତ , ଦୀନକୃଷ୍ଣ ମହାନ୍ତ , ଅର୍ଜୁନ ସେଠୀ , ଜଳଧର ନାଏକ ,କେତକୀ ମହାନ୍ତ , ଋଷିନାଥ ମହାନ୍ତ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ମାଣ୍ଡିଆ କ୍ଷେତ୍ରରେ ଫସଲ କଟା ପରୀକ୍ଷଣ କରାଯାଇ ହେକ୍ଟର ପ୍ରତି ମାଣ୍ଡିଆ ଉତ୍ପାଦନ ର ଆକଳନ କରାଯାଇଥିଲା ।କାର୍ଯ୍ୟକ୍ରମ ରେ ଓଡ଼ିଶା କୃଷି ବିଶ୍ୱ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମ ରେ ଚାକୁଣ୍ଡାପାଳ, କେନ୍ଦେଇପଶି, ଖୁଣ୍ଟାପଡ଼ା, କେନ୍ଦୁଆପଡ଼ା, ଅଅଁଳାଡିହା, ସିଲିଦା ଓ ଡେଣୁଆ ଗ୍ରାମର ଚାଷୀ ମାନେ ସାମିଲ ଥିଲେ ।

## ପାଟଣା କୁ ଉପଖଣ୍ଡ ମାନ୍ୟତା ଦାବି,ରାଜସ୍ୱ ମନ୍ତ୍ରୀ ଙ୍କୁ ଦାବିପତ୍ର ପ୍ରଦାନ କଲା ପାଟଣା-ସାହାରପଡା ବିକାଶ ମଞ୍ଚ

ପାଟଣା ୧୦/୧୨ (ନି.ପ୍ର):କେନ୍ଦୁଝର ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ପାଟଣା ଏବଂ ସାହାରପଡା ବ୍ଲକ କୁ ନେଇ ଉପଖଣ୍ଡ ଦାବି ଜୋର ଧରିଛି ।ଏହି ଦୁଇଟି ବ୍ଲକରେ ସରକାର ଙ୍କ ବିକାଶ ଯୋଜନା ଆଜି ପର୍ଯ୍ୟନ୍ତ ଅପହଞ୍ଚ ହୋଇ ରହିଛି ।ଏ ଅଞ୍ଚଳର ବିକାଶ କରିବା ପାଇଁ ଅଣ୍ଟା ଭିଡିଛନ୍ତି ଅଞ୍ଚଳ ବାସୀ ।ଆଜି ରାଜ୍ୟ ସରକାରଙ୍କ ରାଜସ୍ୱ ମନ୍ତ୍ରୀ ଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ଦାବି ଜଣାଇ ଆଲୋଚନା କରିଛନ୍ତି ।ଏଠାରେ ସୂଚନାଯୋଗ୍ୟ ଯେ ପାଟଣା କୁ ଉପଖଣ୍ଡ ମାନ୍ୟତା ଦାବି ନେଇ ଗତମାସ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଙ୍କ କେନ୍ଦୁଝର ଗସ୍ତ ସମୟରେ ତାଙ୍କୁ ଭେଟି ପାଟଣା ନିର୍ବାଚନ ମଣ୍ଡଳୀ ମୁଖ୍ୟାଳୟ କୁ ଉପଖଣ୍ଡ ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା ।ଆଜି ପାଟଣା-ସାହାରପଡା ବିକାଶ ମଞ୍ଚ ପକ୍ଷରୁ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାଜଧାନୀ ରେ ରାଜସ୍ୱ ମନ୍ତ୍ରୀ ଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।ପାଟଣା ନିର୍ବାଚନ ମଣ୍ଡଳୀ ମୁଖ୍ୟାଳୟକୁ ଉପଖଣ୍ଡ ମାନ୍ୟତା ଦାବି ସହିତ ପାଟଣା ମୁଖ୍ୟାଳୟ ରେ ଥିବା ରାଜସ୍ୱ ବିଭାଗ ର ପୁରୁଣା ଡାକ ବଙ୍ଗଳା ର ପୁନରୁଦ୍ଧାର କରିବା ପାଇଁ ଦାବି କରିଥିଲେ ।ପ୍ରତିନିଧି ମଣ୍ଡଳୀରେ ପାଟଣା ଅଞ୍ଚଳ ବରିଷ୍ଠ ସମାଜସେବୀ ଅଜୟ କୁମାର ଦାଶ, ସାମ୍ବାଦିକ ସଙ୍ଘ ସମ୍ପାଦକ ବିଜୟ ରନ୍ ପତି, ଯୁଗଳ କିଶୋର ଦାଶ,ବିଜେପି ବରିଷ୍ଠ ନେତା କମଳା କାନ୍ତ ଦାଶ, ଦୁର୍ଗା ଚରଣ ନାୟକ,ସାହାରପଡା ବ୍ଲକ ପୂର୍ବତନ ଅଧକ୍ଷ ଗୌତମ ନାଏକ,ହରିହର ନାଏକ,ଚପଳ ଚାନ୍ଦ ମାନସିଂ ପ୍ରମୁଖ ଙ୍କ ସହିତ ଅନ୍ୟମାନେ ସାମିଲ ଥିଲେ ।ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ଦାବି ଗୁଡିକ ଗୁରୁତର ସହିତ ନେଇ ତୁରନ୍ତ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି ।

## ଗାଁ ମିତ୍ର ମାନଙ୍କର ଦୁଇଦିନିଆ ତ୍ରୈମାସିକ ସମ୍ମିଳନୀ ଅନୁଷ୍ଠିତ

ପାଟଣା ୧୦/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଅନ୍ତର୍ଗତ ଗ୍ରାମୀଣ ଜୀବିକା ତାଲିମ୍ କେନ୍ଦ୍ର କପୁଣ୍ଡି ଠାରେ ସି. ୱାଇ.ଏସ. ଡି. ପ୍ରଗତି ପ୍ରକଳ୍ପ ତରଫରୁ ସାହାରପଡା ଏବଂ ଠାକୁରମୁଣ୍ଡା ବ୍ଲକର ୨୦ ଟି ଗ୍ରାମ ପଞ୍ଚାୟତରେ କାର୍ଯ୍ୟ କରୁଥିବା ଗାଁ ମିତ୍ର ମାନଙ୍କର ଦୁଇଦିନିଆ ତ୍ରୈମାସିକ ସମ୍ମିଳନୀ ଆୟୋଜନ କରାଯାଇଛି ।ଏହି କାର୍ଯ୍ୟକ୍ରମରେ ଗାଁ ମିତ୍ର ମାନଙ୍କର ଭୂମିକା, ସରକାରଙ୍କ ବିଭିନ୍ନ ଆଇନ୍ ଏବଂ ଯୋଜନା ଯଥା ଅନୁସୂଚିତ ଅଞ୍ଚଳକୁ ପଞ୍ଚାୟତ ସମ୍ପ୍ରସାରଣ ଆଇନ୍( ପେସା) ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ୍ ୨୦୦୬ ଇତ୍ୟାଦି ବିଷୟରେ ବିଷଦ ଭାବରେ ଆଲୋଚନା କରାଯାଇଥିଲା । ଏହାପରେ ଅଣୁ ଯୋଜନା ବା ଗ୍ରାମ୍ୟ ବିକାଶ ଯୋଜନା ଉପରେ ଆଲୋଚନା କରାଯାଇ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ପ୍ରସ୍ତୁତ କରାଯାଇଥିଲା । ସାଂସ୍କୃତିକ ସଂଧ୍ୟା କାର୍ଯ୍ୟକ୍ରମ ମାଧ୍ୟମରେ ସହଭାଗୀମାନେ ସେମାନଙ୍କର ବିଭିନ୍ନ ସୃଜନଶୀଳ କଳା ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଜିତେନ୍ଦ୍ର ସୁନ୍ଦରରାୟ ଏବଂ କେଦାରନାଥ ଆରୁକ୍ ଯୋଗଦେଇଥିବା ବେଳେ ପ୍ରଗତି ପ୍ରକଳ୍ପ ତରଫରୁ ଅମିୟ ଦାସ, ତୋଫାନ କୁମାର ସେଠୀ, ପ୍ରଭାସିନୀ ମହାନ୍ତ, ସିପୁନ ଘୋଷ, ରାମ ଗୋପାଳ ଦାସ, ସତ୍ୟଭାମା ଦାସ, ଶ୍ରଦ୍ଧାଞ୍ଜଳି ତ୍ରିପାଠୀ, ସୁଜିତ ନାଏକ, ଅପର୍ଣ୍ଣା ଜେନା ପ୍ରମୁଖ ସହଯୋଗ କରିଥିଲେ ।

## କଂଗ୍ରେସ ସଂଗଠକ ସ୍ୱର୍ଗତ ବଳରାମ ପତିଙ୍କ ସ୍ମୃତିସଭା

ନିଶ୍ଚିନ୍ତକୋଇଲି ୧୦/୧୨ (ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ପଂଚାୟତର ଅତି ଜଣାଶୁଣା ବରିଷ୍ଠ କଂଗ୍ରେସ ସଂଗଠକ ସ୍ୱର୍ଗତ ବଳରାମ ପତିଙ୍କ ଦ୍ୱାଦଶାହ ତିଥିରେ ତାଙ୍କ ପୈତୃକ ବାସଭବନ ସମ୍ମୁଖରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟିକ ଡକ୍ଟର ଗୋବିନ୍ଦ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସ୍ମୃତିସଭାରେ ଅନ୍ୟମାନଙ୍କ ମଧ୍ୟରେ ମହନ୍ତ ଗଗନାନନ୍ଦ ଗୋସ୍ୱାମୀ, ବୟୋଜ୍ୟେଷ୍ଠ ବ୍ୟକ୍ତି ଶରତ ଦାସ, ମାହାଙ୍ଗା ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଶ୍ରୀ ଦେବେନ୍ଦ୍ର କୁମାର ସାହୁ, କଟକ ସଦର ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ଗୋଛାୟତ, ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟି ପୂର୍ବତନ ସଭାପତି ଶ୍ରୀ ରମାକାନ୍ତ ବେହେରା, ଆଇନଜୀବୀ ନାରାୟଣ ଦ୍ୱିବେଦୀ, ଅମରେନ୍ଦ୍ର ନାରାୟଣ ଦାସ, ଇଂ. ଆକାଶ ଭୂୟାଁ, ରତ୍ନାକର ବେହେରା, ତନ୍ମୟ ଦାସ, ନୃସିଂହ ଚରଣ ମୁଦୁଲି, ରମେଶ ବେହେରା, ଜଗଦୀଶ ଦାଶ, ସମାଜ ସାମ୍ବାଦିକ ଅକ୍ଷୟ କୁମାର ଦାଶ, ବିନୟ ଦାସ, ଗୋବିନ୍ଦ ଦାସ, ବିଷ୍ଣୁ ଚରଣ ମିଶ୍ର, ସୁଶୀଳ ଦାସ, ସୁଧାକର ମହାପାତ୍ର, ସମାଜସେବିକା ପୁଷ୍ପିତା ପଣ୍ଡା, ବରିଷ୍ଠ ସାମ୍ବାଦିକ ରତ୍ନାକର ବାରିକ, ଯୁବସଂଗଠକ ଅମିତାବ୍ ମହାପାତ୍ର, ହିଂମାଂଶୁ ଶେଖର ଦାସ, ବଳଦେବାନନ୍ଦ ଦାସ, ଅଶୋକ ସାହୁ , ପ୍ରଶାନ୍ତ ଜେନା, ସାମ୍ବାଦିକ ପ୍ରଫୁଲ୍ଲ ଦାଶ, ଖଗେଶ୍ୱର ପାତ୍ର , କେଶବ ଦଳାଇ, ପ୍ରିୟରଂଜନ ଖୁଣ୍ଟିଆ, ସାମ୍ବାଦିକ ଅଭୟ ଜେନା, ଅକ୍ଷୟ ଦାଶ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସ୍ମୃତି ସଭାରେ ଯୋଗଦେଇ ସ୍ୱର୍ଗତ ପତି ଜଣେ ଧର୍ମପରାୟଣ, ନିର୍ଭିକ ବ୍ୟକ୍ତି । ଦୀର୍ଘ ବର୍ଷ ଧରି କଂଗ୍ରେସ ଦଳୀୟ ସାଂଗଠନିକ କାର୍ଯ୍ୟ କରି ସେ କଂଗ୍ରେସ ମହଲରେ ବେଶ୍ ପରିଚିତ ଥିଲେ । ସେ କିଛି ବର୍ଷ ଧରି ନେମାଳ ପଂଚାୟତ କଂଗ୍ରେସ କମିଟିର ସଭାପତି ଦାୟିତ୍ୱ ସୂଚାରୁ ରୂପେ ତୁଲାଇଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସାମ୍ବାଦିକ କ୍ଷମାନିଧି ପୂଝାରୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲା ବେଳେ ଶେଷରେ ଚନ୍ଦ୍ରଶେଖର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପୁତ୍ର ବିଶ୍ୱରଂଜନ ପତି ଝିଅ, ଜ୍ୱାଇଁ, ପୁତ୍ରବଧୂ, ଭଣଜା, ଭାଣିଜୀ, ନାତି ନାତୁଣୀଙ୍କ ସମେତ ସମସ୍ତ ବନ୍ଧୁ ପରିବାରବର୍ଗ ପୂର୍ଣ୍ଣସହଯୋଗ କରିଥିଲେ ।



## ୧୦ ଡିସେମ୍ବରରେ ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ବର୍ବୋରଚିତ ଆକ୍ରମଣ ବିରୋଧରେ ହିନ୍ଦୁ ସୁରକ୍ଷା ମଂଚ ତରଫରୁ ବିଶାଳ ଶୋଭାଯାତ୍ରା ଓ ପ୍ରତିବାଦ ସଭା

ଭୁବନେଶ୍ୱର ୧୦/୧୨ (ନି.ପ୍ର): ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁ ମାନଙ୍କ ଉପରେ କଠୋରପନ୍ଥୀ ଇସ୍ଲାମିକ ସଂଗଠନ ଦ୍ୱାରା ବର୍ବୋରଚିତ ଆକ୍ରମଣ ଦିନକୁ ଦିନ ବଢିଚାଲିଛି । ବାଂଲାଦେଶରେ ହିନ୍ଦୁ ନାରୀମାନଙ୍କୁ ଅତି ନିର୍ମମ ଭାବରେ ହତ୍ୟା କରାଯାଉଛି, ହିନ୍ଦୁ ମଠ ମନ୍ଦିରଗୁଡିକୁ ଭାଙ୍ଗିରୁଜି ନଷ୍ଟ ଭ୍ରଷ୍ଟ କରାଯାଉଛି । ବାଂଲାଦେଶର ମୁସଲମାନ ଆତଙ୍କବାଦୀଙ୍କର ଏହି କାର୍ଯ୍ୟକଳାପକୁ ବିରୋଧକରି ହିନ୍ଦୁ ସୁରକ୍ଷା ମଂଚ,ଭୁବନେଶ୍ୱର ତରଫରୁ ଏକ ବିଶାଳ ପ୍ରତିବାଦ ସଭା,୧୦ ଡିସେମ୍ବର ୨୦୨୪,ମଙ୍ଗଳବାର,ପ୍ରାତଃ ୧୧ ଘଟିକା ସମୟରେ ଭୁବନେଶ୍ୱରର ପ୍ରଦର୍ଶନୀ ପଡିଆ ସମ୍ମୁଖରେ ଅନୁଷ୍ଠିତ ହେବ । ଏହି ପ୍ରତିବାଦ ସଭାରେ ଗାୟତ୍ରୀ ପରିବାର, ଇସ୍କନ ପରିବାର, ଅନୁକୂଳ ଚନ୍ଦ୍ର, ରାମକୃଷ୍ଣ ମିଶନ, ଆର୍ଯ୍ୟ ସମାଜ, ସତ୍ୟସାଇ ଟ୍ରଷ୍ଟ, ଡିଭାଇନ ଲାଇଫ ସୋସାଇଟ, ପତଞ୍ଜଳୀ ଯୋଗ ସଂସ୍ଥାନ, ପ୍ରଜ୍ଞାନ ମିଶନ, ଭାରତ ଯୋଗ ସଂସ୍ଥାନ ଆଦି ସଂଗଠନର ମୁଖ୍ୟମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହାପରେ ୧୦ ହଜାରରୁ ଉର୍ଦ୍ଧ୍ୱ



ହିନ୍ଦୁ, ବିଭିନ୍ନ ମତ, ପନ୍ଥ, ସଂପ୍ରଦାୟର ମୁଖିଆ,ସାଧୁସନ୍ଥ ଓ ହିନ୍ଦୁ ସଂଗଠନ ଗୁଡିକ ଭାଗନେଇ ଏକ ବିଶାଳ ଶୋଭାଯାତ୍ରାରେ ମାଷ୍ଟର କ୍ୟାଂଟିନ ଛକରେ ପହଁଚିବା ପରେ ସାଧୁସନ୍ଥଙ୍କ ଏକ ପ୍ରତିନିଧି ଦଳ ଓଡିଶାର ରାଜଭବନକୁ ଯାଇ ମାନ୍ୟବର ରାଜ୍ୟପାଳଙ୍କ ଜରିଆରେ ଭାରତର ମହାମହିମ ରାଷ୍ଟ୍ରପତି, ମାନ୍ୟବର ପ୍ରଧାନମନ୍ତ୍ରୀ ତଥା ମିଳିତ ଜାତିସଂଘର ସଂପାଦକଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ହିନ୍ଦୁ ସୁରକ୍ଷା ମଂଚ ତରଫରୁ ପ୍ରକାଶ କରାଯାଇଛି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ବିଶ୍ୱହିନ୍ଦୁ ପରିଷଦ ଭୁବନେଶ୍ୱରର ସଭାପତି ଶ୍ରୀ ଲକ୍ଷ୍ମୀନାରାୟଣ ରଥ ଓ ମଂଚର ସଂଯୋଜକ ଜୟକୃଷ୍ଣ ପୃଷ୍ଟି ଉପସ୍ଥିତ ଥିଲେ ।

## ବଡ଼ବିଲା ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା ନୂତନ ଗୃହକୁ ସ୍ଥାନାନ୍ତରିତ

ପାଟଣା ୧୦/୧୨ (ନି.ପ୍ର): ସାହାରପଡା ବ୍ଲକ ବଡବିଲା ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା ୨୨୦ ନଂ ଜାତୀୟ ରାଜପଥ କଡ଼ରେ ଥିବା ବେଳେ ବ୍ୟାଙ୍କଟି ଏବେ ନିକଟସ୍ଥ ଦ୍ରୌପଦୀ ହାଇସ୍କୁଲ ରାସ୍ତାକୁ ଆଜି ସ୍ଥାନାନ୍ତରିତ ହୋଇ ଉଦଘାଟିତ ହୋଇଯାଇଛି । ଉକ୍ତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜି.ଏମ୍ ହିମାଦ୍ରି ଶେଖର ଦାଶ , ଡି.ଜି.ଏମ୍ ଶ୍ୟାମଲ କୁମାର ଦାସ, ସାହାରପଡା ବିଡ଼ିଓ ରଣଜିତ କୁମାର ମହାନ୍ତ,ଶାଖା ପରିଚାଳକ ପରେଶ୍ କୁମାର ସେଠୀ, ବ୍ୟାଙ୍କ ଅଧିକାରୀ ଜ୍ୟୋତି ରଞ୍ଜନ ବେହେରା, କିରାଣୀ ସିଦ୍ଧାନ୍ତ ବେହେରା, ଉଦିତ ନାରାୟଣ ତ୍ରିପାଠୀ,ଷ୍ଟାଲିନ୍ ହରିବାକା ସେଠୀ ,ଅଶୋକ ମହାକୁଡ଼ ଓ ବ୍ୟାଙ୍କ କର୍ମଚାରୀ ମାନେ ଯୋଗଦେଇ ଉଦଘାଟନ କରିଥିଲେ । ଆଗାମି ଦିନରେ ଜନସାଧାରଣଙ୍କୁ ଉପଯୁକ୍ତ ସେବା ଦିଗରେ ବିଶେଷ ଦୃଷ୍ଟିଦେବା ସହ ଏହି ଶାଖାକୁ ସାହାରପଡା ଅଞ୍ଚଳରେ ଶୀର୍ଷରେ ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି ବୋଲି ଶାଖା ପରିଚାଳକ ପରେଶ୍ କୁମାର ସେଠୀ କହିଛନ୍ତି ।

## ସେକ୍ ନୌସାଦ୍ ଅଲ୍ଲୀ ଏବଂ ସେକ୍ ଆଜାଦ୍ ଅଲ୍ଲୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ଓ ପୁରସ୍କାର ବିତରଣ

ନିଶ୍ଚିନ୍ତକୋଇଲି ୧୦/୧୨ (ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ନରେନ୍ଦ୍ରପୁର ପଂଚାୟତ ଗଡିଜଙ୍ଗ ଠାରେ ସେକ୍ ନୌସାଦ୍ ଓ ଆଜାର ଅଲ୍ଲୀ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଂଣ୍ଟ ରବିବାର ସଂଧାରେ ଉଦ୍‌ଯାପିତ ହୋଇଯାଇଛି । ଦୁଇଦିନ ବ୍ୟାପି ଅନୁଷ୍ଠିତ ଏହି ପ୍ରତିଯୋଗୀତାରେ ମୋଟ୍ ୮ ଗୋଟି ଟିମ୍ ଭାଗ ନେଇଥିଲେ । ଫାଇନାଲ ଖେଳ ରାଜକନିକା ଫୁଟବଲ କ୍ଲବ ଓ କ୍ରୀଷ୍ଣାନନ୍ଦପୁର ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳର ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କେହି କାହାରିକୁ ଗୋଲ ଦେଇ ନପାରିବାରୁ ଖେଳ ଅମିମାଂନସିତ ରହିଥିଲା । ଶେଷରେ ଟାଇଓଭର ରେ ରାଜକନିକା ଫୁଟବଲ କ୍ଲବ ୫-୪ ଗୋଲରେ ବିଜୟ ଲାଭ କରିଥିଲା । ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ରୁପେ ମାହାଙ୍ଗା ପ୍ରାକ୍ତନ ବିଧାୟକ ପ୍ରତାପ ଜେନା ଯୋଗଦାନ କରିଥିବା ବେଳେ ବିଶିଷ୍ଟ ଅତିଥି ଭାବେ କେନ୍ଦ୍ରାପଡା ବିଜେଡି ସାଂସଦ

# ସାମ୍ବାଦିକଙ୍କୁ ଅଶାଳୀନ ବ୍ୟବହାର

### ଜୀବନରୁ ମାରିଦେବାକୁ ଧମକ, ଥାନାରେ ଏତଲା ଦେଲେ ସାମ୍ବାଦିକ

ନିଶ୍ଚିନ୍ତକୋଇଲି ୧୦/୧୨ (ନି.ପ୍ର): ତା.୭.୧୨.୨୦୨୪ ରିଖ ଶନିବାର ଦିନ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ମାହାଙ୍ଗା ସ୍ୱାଧୀନ ବିଧାୟକ ଶ୍ରୀମାନ୍ ଶାରଦା ପ୍ରସାଦ ପ୍ରଧାନଙ୍କ ଦ୍ୱାରା ଅନୁଷ୍ଠିତ ହେଉଥିବା ଜନଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମକୁ ଖବର ସଂଗ୍ରହ କରିବାକୁ ଯାଇଥିବା ଦୈନିକ ଖବର କାଗଜ ସମୟର ନିଶ୍ଚିନ୍ତକୋଇଲି ପ୍ରତିନିଧି ଜଗନ୍ନାଥ ପଣ୍ଡା ଖବର ସଂଗ୍ରହ କରିସାରିବା ପରେ ବିଧାୟକଙ୍କ ସହିତ ଏକ ବିଷୟରେ ଆଲୋଚନା କରୁଥିଲେ । ସରକାରୀ କାର୍ଯ୍ୟକ୍ରମରେ ଆପଣ ଯୋଗଦେଉଥିବା ବେଳେ ଆପଣଙ୍କ ଦ୍ୱାରା ନିୟୋଜିତ ନିଶ୍ଚିନ୍ତକୋଇଲି ଗଣମାଧ୍ୟମ ସଂଯୋଜକ ଅବିନାଶ ରାଉତ, ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ କାର୍ଯ୍ୟକ୍ରମ ହେବାର ସୂଚନା ପ୍ରଦାନ କରୁନଥିବା ବିଷୟରେ ଅବଗତ କରାଇଥିଲେ । ବିଧାୟକଙ୍କ ସହିତ ସାମ୍ବାଦିକଙ୍କ ଏହି ବାର୍ତ୍ତାଳାପକୁ ବିଧାୟକଙ୍କ ଦ୍ୱାରା ନିୟୋଜିତ




ଗଣମାଧ୍ୟମ ସଂଯୋଜକ ଶ୍ରୀ ରାଉତ ଶୁଣି କ୍ଷୁବ୍ଧ ହୋଇ ବିଧାୟକ ଯିବା ପରେ ସଂପୃକ୍ତ ସାମ୍ବାଦିକଙ୍କୁ ଅତ୍ୟନ୍ତ ଆଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ମାରିବାକୁ ମଧ୍ୟ ଉଦ୍ୟମ କରିଥିବା ଏବଂ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ନେଇ ସାମ୍ବାଦିକ ଶ୍ରୀ ପଣ୍ଡା ତା. ୮.୧୨୨୦୨୪ ରିଖ ରବିବାର ଅପରାହ୍ନରେ ନିଶ୍ଚିନ୍ତକୋଇଲି ଥାନାରେ ଏକ ଲିଖିତ ଏତଲା ପ୍ରଦାନ କରିଛନ୍ତି । ଶ୍ରୀ ରାଉତ ସାମ୍ବାଦିକ ଶ୍ରୀ ପଣ୍ଡାଙ୍କୁ ଗାଳିଗୁଲଜ କରିବା ସମୟରେ ଅନ୍ୟ ତିନି ଜଣ ସାମ୍ବାଦିକ ଘଟଣା କ'ଣ ହୋଇଛି ବୋଲି ପଚାରି ବୁଝିବାକୁ ଚେଷ୍ଟା କରିବା ସମୟରେ ଶ୍ରୀ ରାଉତ ସେମାନଙ୍କୁ ମଧ୍ୟ ଗାଳିଗୁଲଜ କରିଥିବା ଏତଲାରେ ଦର୍ଶାଯାଇଛି । ଏତଲା ପ୍ରଦାନ ସମୟରେ ସାମ୍ବାଦିକ ଶ୍ରୀ ପଣ୍ଡାଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ପ୍ରଫୁଲ୍ଲ କୁମାର ମହାପାତ୍ର, ଓଡିଶା ଡିଜିଟାଲ ମିଡିଆ ମହାସଂଘ ଯୁଗ୍ମ ସଂପାଦକ ପ୍ରସନ୍ନ କୁମାର ଦାସ, ବିଭୁପ୍ରସାଦ ବୋଷ, ବିଜୟ ମଲିକ, ନିର୍ମଳ ପଢିହାରୀ, ପ୍ରସନ୍ନ କୁମାର ମହାପାତ୍ର, ଫାଲ୍ଗୁନି ପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଶ୍ରୀଯୁକ୍ତ ଯୁଗଳ କିଶୋର ଦାସ ଶ୍ରୀ ରାଉତଙ୍କୁ ଡକାଇ ଘଟଣାର ସମାଧାନ କରିବେ ବୋଲି ମୌଖିକ ପ୍ରତିଶ୍ରୁତି ଦେଇଛନ୍ତି । ପୁନର୍ବାର ଯଦି ଉକ୍ତ ଘଟଣାର ପୁନରାବୃତି ହୁଏ ତାହାହେଲେ ଓଡିଶା ଡିଜିଟାଲ ମିଡିଆ ମହାସଂଘ ଏହାର ଦୃଢ ପ୍ରତିବାଦ କରିବ ବୋଲି ମହାସଂଘର ଯୁଗ୍ମ ସଂପାଦକ ପ୍ରସନ୍ନ କୁମାର ଦାସ କହିଛନ୍ତି ।

# ବହୁବାର ଖବର ପ୍ରକାଶିତ ପରେ ବି ସରୁନି ରାସ୍ତା କାର୍ଯ୍ୟ ଅବସ୍ଥା ବେହାଲ ,ପଥଚାରୀ ହନ୍ତସନ୍ତ

ନିଶ୍ଚିନ୍ତକୋଇଲି ୧୦/୧୨ (ନି.ପ୍ର): ନିଶ୍ଚିନ୍ତକୋଇଲି ଗ୍ରାମ ଉନ୍ନୟନ ବିଭାଗ ଅଧିନରେ ଚାଲିଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଏମ୍.ଆର.ଏଲ୍-୦୧ ପୂର୍ତ୍ତି ବିଭାଗ ରାସ୍ତା କେନ୍ଦୁପାଟଣା ଛକଠାରୁ ରାଇସୁଙ୍ଗୁଡା ଭାୟା କାଜିହାଟ ରାସ୍ତା ଯାହାର ପ୍ୟାକେଜ୍ ନଂ - ଓଆର-୦୭-୩୫୩ ରାସ୍ତା କାର୍ଯ୍ୟ ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର କାର୍ଯ୍ୟ କରୁଛନ୍ତି । ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଭାରତ ସରକାରଙ୍କ ଅନୁଦାନରେ ନିର୍ମିତ ଉକ୍ତ ପ୍ରକଳ୍ପ କାର୍ଯ୍ୟକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଓଡିଶା ସରକାର ତଦାରଖ କରିବା କଥା । ଏହି ରାସ୍ତାକୁ ଠିକାଦାର ତା. ୧୭.୦୮.୨୦୨୩ ରିଖରେ ଶେଷ କରିବା କଥା । ହେଲେ ବିଭାଗୀୟ ଅଧିକାରୀଙ୍କ ସହ ସଂପର୍କ ରଖି ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ନସାରି ଠିକାଦାର କାର୍ଯ୍ୟ କରିବା ସମୟ ଅବଧି ସରକାରଙ୍କ ତରଫରୁ ବଢାଇଥିଲେ । ଏହା ପରେ ମଧ୍ୟ ଅବଧି ଶେଷ ହେବାକୁ ବସିଲାଣି । ଦେଢ ବର୍ଷରୁ ଉର୍ଦ୍ଧ୍ୱ ହେଲା ରାସ୍ତା କାର୍ଯ୍ୟ ଶେଷ ହେଉନି । ଜେସିବି ମେସିନ ଦ୍ୱାରା ରାସ୍ତାର ଉଭୟ ପାର୍ଶ୍ୱକୁ ଖୋଳି ଦିଆଯାଇଥିବାରୁ ଲୋକମାନେ ପଡି ଖଣ୍ଡିଆ ଖାବରା ହେଉଛନ୍ତି । ଏହି ରାସ୍ତାର କିଛି ଅଂଶ ପିଚୁ ପାଇଁ ଗୋଡି ପକା ଯାଇଛି । ଯେଉଁଥିରେ କି ପାଣି ସିଞ୍ଚନ କରାଯାଉନି କି ରୋଲିଂ କରାଯାଉନି । ଗୋଡି ଗୁଡିକ ଉପରେ ଗଡୁଛି । ଗୋଡି ଉଠିଯାଇଥିବାରୁ ଉକ୍ତ ରାସ୍ତାରେ ଯିବାଆସିବା କରିବା ଆଦୌ ସମ୍ଭବପର ହେଉନାହିଁ । ରାସ୍ତାରେ ଚାରିଚକିଆ ଯାନ ଯାତାୟତ ସମୟରେ ଏତେ ମାତ୍ରାରେ କ୍ରସର ଗୁଣ୍ଡ ଉଡୁଛି ଯାହାଫଳରେ ବାଇକ ଓ ସାଇକେଲ ଆରୋହୀ ଏପରିକି ବହୁ ଛାତ୍ର ଛାତ୍ରୀ ଯିବା ଆସିବା ସମୟରେ ଗୁଣ୍ଡ ଉଡି ସେମାନଙ୍କ ଆଖି ଓ ନାକରେ ଭରି ଯାଉଥିବାରୁ ସେମାନେ ଶ୍ୱାସ ଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି । ରାସ୍ତାର କାର୍ଯ୍ୟକୁ ଗ୍ରାମ ଉନ୍ନୟନ ବିଭାଗର ଅଧିକାରୀମାନେ ତଦାରଖ କରିବା କଥା । ଏହି କାର୍ଯ୍ୟକୁ ଠିକ୍ ଭାବେ ତଦାରଖ କରାଯାଉନଥିବାରୁ କାର୍ଯ୍ୟରେ ବହୁ ବିଳମ୍ବ ହେଉଥିବା ଏବଂ ସଠିକ୍ ଢଙ୍ଗରେ ରାସ୍ତା କାର୍ଯ୍ୟ ହେଉନଥିବା ଜନସାଧାରଣ ଅଭିଯୋଗ କରିଛନ୍ତି । ତୁରନ୍ତ ଉକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ସଠିକ୍ ଢଙ୍ଗରେ କରି ସମାପ୍ତ କରିବାକୁ ସ୍ଥାନୀୟ ଜିଗ୍ନିପୁର ପଂଚାୟତ ବାସିନ୍ଦା ତଥା ଯୁବ ଆଇନଜୀବୀ ସ୍ମୃତିରଂଜନ ରାଉତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି ।



# ୩ ଜଣିଆ ଠକେଇ ଗ୍ୟାଙ୍ଗ ଗିରଫ

## ଓରିଜିନାଲ ସାର୍ଟିଫିକେଟ, ଟଙ୍କାଗଣା ମେସିନ ଜବତ

ବ୍ରହ୍ମପୁର ୧୦/୧୨ (ନି.ପ୍ର): ବଡବ୍ଜାର ଥାନା ପୋଲିସ ୩ ଜଣିଆ ଠକ ଗ୍ୟାଙ୍ଗକୁ ଗିରଫ କରିଛି। ସେମାନେ ହେଲେ ଏହି ଛତ୍ରପୁର ନିକଟ ରାଜପୁରର ପ୍ରଦ୍ୟୁମ୍ନ ପଲାଇ(୩୩), ବ୍ରହ୍ମପୁର ମେଡିକାଲ ବ୍ୟାଙ୍କ କଲୋନୀ ୩ୟ ଲାଇନର ଆଶିଷ ମହାପାତ୍ର(୩୩) ଓ ଜଗତସିଂହପୁର ଅଠରବାଙ୍କିର ମିହିର ରାଉତ(୩୦) । ଏହି ଅଭିଯୁକ୍ତମାନେ ବେକାର ଯୁବକ ଯୁବତୀଙ୍କୁ ଟାର୍ଗେଟ କରିବା ସହ ରେଳ ବିଭାଗ ସହ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଚାକିରି କରାଇଦେବାକୁ କହି ଲକ୍ଷ ଲକ୍ଷ ଟଙ୍କା ସଂଗ୍ରହ କରୁଥିଲେ । ପୁଲିସ ଅଭିଯୁକ୍ତଙ୍କ ନିକଟରୁ ରାଜ୍ୟର ବିଭିନ୍ନ ଜିଲାର ୧୫ ଜଣ ଯୁବକ ଯୁବତୀଙ୍କ ମାଟ୍ରିକ, ଯୁକ୍ତ ୨ ସହ ଅନ୍ୟାନ୍ୟ ପାଠ୍ୟକ୍ରମର ଓରିଜିନାଲ ସାର୍ଟିଫିକେଟ ଜବତ କରିବା ସହ ଏକ ଟଙ୍କା ଗଣା ମେସିନ, ଲାପଟପ, ମୋବାଇଲ, କାର, ସ୍କୁଟି, ୩ଟି କୋର୍ଟ ପେପର ଏଗ୍ରିମେଣ୍ଟ, ରେଳ ବିଭାଗ ଟିଟିସି ପଦବୀର ଏକ ନକଲି ନିଯୁକ୍ତିପତ୍ର ଜବତ କରିଛି ପୁରୁଣା ବ୍ରହ୍ମପୁର ପଞ୍ଚାନନ ନଗରର ଯୁବକ ଗିରିଜା ନନ୍ଦନ ପଣ୍ଡିତ(୩୧) ୨୦୧୯ରେ ଚାକିରି ସନ୍ଧାନରେ ରହିଥିଲେ । ଏହି ସମୟରେ ବ୍ୟାଙ୍କ କଲୋନୀର ଆଶିଷ ମହାପାତ୍ର ତାଙ୍କ ସହ ଯୋଗାଯୋଗ କରିବା ସହ ସରକାରୀ ଚାକିରି କରାଇଦେବେ ବୋଲି ଗିରିଜାଙ୍କୁ କହିଥିଲେ । ୫ ଲକ୍ଷ ଟଙ୍କା ଦେଲେ ୬ ମାସ ଭିତରେ ସରକାରୀ ଚାକିରି କରାଇଦେବେ ବୋଲି କହିଥିଲେ ଆଶିଷଙ୍କ କଥାରେ ବିଶ୍ୱାସ କରି ଗିରିଜା ତାଙ୍କୁ ୫ ଲକ୍ଷ ଟଙ୍କା ଦେଇଥିଲେ ଏହାପରେ ଗିରିଜାଙ୍କୁ ଭୁବନେଶ୍ୱର ଡାକି ସେଠାରେ ଅଭିଯୁକ୍ତ ମିହିର ଓ ପ୍ରଦ୍ୟୁମ୍ନଙ୍କ ସହ ସାକ୍ଷାତ କରାଯାଇବା ସହ ଖୁବଶୀଘ୍ର ନିଯୁକ୍ତି ପତ୍ର ମିଳିଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା ହେଲେ ୬ ମାସ ବିତିବା ପରେ ଗିରିଜାଙ୍କୁ ସରକାରୀ ଚାକିରି ମିଳିନଥିଲା ।ଶେଷରେ ଗିରିଜା ବଡବଜାର ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ କେସ ନଂ ୪୨୬/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ଗିରଫ ପରେ ସମସ୍ତ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିଲା।

# ଚିଚିଣ୍ଡା ଧନୁଯାତ୍ରା ପାଇଁ କୃଷ୍ଣ ବଳରାମ ବରଣ

ଭେଡେନ ୧୦/୧୨ (ନି.ପ୍ର): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅନ୍ତର୍ଗତ ଚିଚିଣ୍ଡା ର ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ପାଇଁ କୃଷ୍ଣ ବଳରାମ ବରଣ କରାଯାଇଛି। ଧନୁଯାତ୍ରା କମିଟି ଚିଚିଣ୍ଡା ର ସଦସ୍ୟ ମାନେ ଦ୍ୱିତୀୟ ଥର ପାଇଁ ବୁର୍ଦା ଗ୍ରାମର ଶ୍ରିତ ପଣ୍ଡା ଏବଂ ପ୍ରିନ୍ସ ପଣ୍ଡା ଙ୍କୁ କୃଷ୍ଣ ଏବଂ ବଳରାମ ଭୂମିକା ପାଇଁ ଶ୍ରିଫଳ, ଉତ୍ତରୀୟ ଦେଇ ବରଣ କରିଥିଲେ। ଶ୍ରିତ ହେଉଛନ୍ତି ଶ୍ରୀଯୁକ୍ତ ନିହାର କାନ୍ତି ପଣ୍ଡା ଙ୍କ ଏବଂ ପ୍ରିନ୍ସ ହେଉଛନ୍ତି ଶ୍ରୀଯୁକ୍ତ ଦେବଂଶୁ ପଣ୍ଡାଙ୍କ ସୁପୁତ୍ର । ଏଥିରେ ବୁର୍ଦ୍ଦକ୍ଷ ଗ୍ରାମବାସୀ ଏବଂ ଦୁର୍ଗା ପୂଜା କମିଟି, ବୁର୍ଦା ର ସଦସ୍ୟ ମାନେ ସହଯୋଗ କରିଥିଲେ । ଚିଚିଣ୍ଡା ଧନୁଯାତ୍ରା କମିଟି ର ଅଶୋକ ବାବୁ, ମନବୋଧ ମେହେର ସଂଜୀବ ମେହେର ପୁରୁଷୋତ୍ତମ ମେହେର ଏବଂ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ। ଆସନ୍ତା ଡ଼ିସେମ୍ବର ୨୫ ତାରିଖ ରୁ ଜାନୁଆରୀ ୩ ତାରିଖ ପର୍ଯ୍ୟନ୍ତ ଏହି ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ।

# ଚ଼ିଲିକା ନିର୍ବାଚନ ମଣ୍ଡଳୀର ବିକାଶ ସମ୍ବନ୍ଧୀୟ ଆଲୋଚ଼ନା ଚ଼କ୍ରରେ ଯୋଗଦେଲେ ଆଇନ ମନ୍ତ୍ରୀ




ବାଣପୁର ୧୦/୧୨ (ନି.ପ୍ର):ରବିବାର ଦିନ ଭୁବନେଶ୍ୱର ସ୍ଥିତ ରେଡ଼କ୍ରସ ଭବନ ଠାରେ ମା' ଭଗବତୀ ବିକାଶ ପରିଷଦ ପକ୍ଷରୁ ଆୟୋଜିତ ଚ଼ିଲିକା ନିର୍ବାଚନ ମଣ୍ଡଳୀର ବିକାଶ ଉପଲକ୍ଷେ କର୍ମଶାଳା ଓ ଆଲୋଚ଼ନା ଚ଼କ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ନିର୍ବାଚନ ମଣ୍ଡଳୀର ବିକାଶ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ।ଏହି ଆଲୋଚନା ଚକ୍ରରେ ମା' ଭଗବତୀ ମନ୍ଦିରର ଉନ୍ନତିକରଣ ଖୁବଶୀଘ୍ର ଶେଷ ହେବା, ମା' ଭଗବତୀ ମନ୍ଦିର ନିକଟରେ ଯାନବାହାନ ପାଇଁ ପାର୍କିଂ ବ୍ୟବସ୍ଥା,ବାଣପୁର କୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ପ୍ରଦାନ, ମିନି ଷ୍ଟାଡିୟମ, ପାର୍କ, ମୁକ୍ତ ବ୍ୟାୟାମ ଗାର, ମାର୍କେଟ କମ୍ପ୍ଲେକ୍ସ, ଅଟୋ ରିକ୍ସା ଷ୍ଟାଣ୍ଡ, ଗୋଶାଳା, ବାଣପୁର କୋର୍ଟରେ ସ୍ଥାୟୀ ବିଚାର ବିଭାଗୀୟ ଏଡ଼ିଜେ କୋର୍ଟ ପ୍ରତିଷ୍ଠା, ବାଣପୁର ତହସିଲରୁ ଚ଼ିଲିକା ତହସିଲ ପର୍ଯ୍ୟନ୍ତ ଟାଉନ ବସ ଚ଼ଳାଚ଼ଳ ବ୍ୟବସ୍ଥା ଆଦି ନିର୍ବାଚନ ମଣ୍ଡଳୀ ସାମୂହିକ ଓ ଅର୍ଥନୈତିକ ବିକାଶ ସମ୍ପର୍କରେ ଆଲୋଚ଼ନା କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ମା' ଭଗବତୀ ବିକାଶ ପରିଷଦ ର ସଭାପତି ତଥା ପୂର୍ବତନ ମନ୍ତ୍ରୀ ଡ଼ାଃ ଦେବେନ୍ଦ୍ର ନାଥ ମାନସିଂହ, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବାଣପୁର ଏନଏସି ଅଧ୍ୟକ୍ଷ ମିଟୁ ନାୟକ, ବିଶିଷ୍ଟ ଶିକ୍ଷାବିତ୍ ତଥା ବୁଦ୍ଧିଜୀବି ସୁବଳ ଚ଼ରଣ ଭୋଳଙ୍କ ସମେତ ବହୁ ସମାଜସେବୀ ଓ ବୁଦ୍ଧିଜୀବିମାନେ ଉପସ୍ଥିତ ଥିଲେ।

# ପତିତପାବନ ବାଣୀ ମନ୍ଦିର ୧୯୯୪ ବ୍ୟାଚ୍ ର ଦ୍ୱିତୀୟ ବାର୍ଷିକ ବନ୍ଧୁ ମିଳନ

ବାଣପୁର ୧୦/୧୨ (ନି.ପ୍ର): ଗମ୍ଭାରୀମୁଣ୍ଡା ସ୍ଥିତ ପତିତପାବନ ବାଣୀ ମନ୍ଦିର ର ୧୯୯୪ ବ୍ୟାଚ୍ ର ଛାତ୍ରଛାତ୍ରୀ ମାନଙ୍କ ସମୂହ ପ୍ରଚେଷ୍ଟା ରେ ଦ୍ୱିତୀୟ ବାର୍ଷିକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ୮ ଡ଼ିସେମ୍ବର ୨୦୨୪ ମସିହା ରବିବାର ଦିନ ପଙ୍କାଳ ସ୍ଥିତ ଷଷ୍ଢା ଡ୍ୟାମ୍ ଠାରେ ଅନୁଷ୍ଠିତ ହୋଇଯାଇଅଛି।ଏହି ଅବସରରେ ବନ୍ଧୁ ମାନେ ବିଦ୍ୟାଳୟ ଜୀବନର ଅଭୁଲା କାହାଣୀ ମନେ ପକାଇବା ସହ ବଣଭୋଜି କରି ଆନନ୍ଦ ଉଲ୍ଲାସର ସହ ବିଶେଷ ମୂହୁର୍ତ୍ତ ଅତିବାହିତ କରିଥିଲେ।ଏକ ସବୁଜ ସୁନ୍ଦର ପରିବେଶ ପାଇଁ ବୃକ୍ଷରୋପଣ ଜରୁରୀ,ଏହାକୁ ଦୃଷ୍ଟିରେ ରଖି ସମସ୍ତେ ବୃକ୍ଷରୋପଣ କରିଥିଲେ।

# ସ୍ୱାସ୍ଥ୍ୟ ସମସ୍ୟା କୁ ନେଇ ଦାବୀପତ୍ର

ଜୟପାଟଣା ୧୦/୧୨ (ନି.ପ୍ର): ଜୟପାଟଣା ସଚେତନ ନାଗରିକ କ୍ରିୟାନୁଷ୍ଠାନ କମିଟି ଜୟପାଟଣା ଓ ସମିତିସଭ୍ୟା,ଜୟପାଟଣା ତରଫରୁ ଭବାନୀପାଟଣା ଠାରେ ସ୍ୱାସ୍ଥ୍ୟମନ୍ତ୍ରୀ ଓଡ଼ିଶା ସରକାର ଓ ଲାଞ୍ଜିଗଡ ବିଧାୟକ ଙ୍କୁ ସାକ୍ଷାତ୍ କରି ଜୟପାଟଣା ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ଦିନରୁ ଖାଲିପଡ଼ିଥିବା ଶିଶୁ,ଭେଷଜ,ସ୍ତ୍ରୀ ଓ ପ୍ରସୂତି,ସର୍ଜରୀ ବିଶେଷଜ୍ଞ ଡାକ୍ତର ଙ୍କ ସ୍ଥାୟୀ ନିଯୁକ୍ତି ସହ ଅନ୍ୟାନ୍ୟ ସମସ୍ୟାର ମଧ୍ୟ ଯଥାଶୀଘ୍ର ସମାଧାନ କରିବା ପାଇଁ କମିଟି ଓ ସମିତିସଭ୍ୟା ପୃଥକ୍ ପୃଥକ୍ ଭାବେ ଲିଖିତ ଆକାରରେ ଦାବୀ ପତ୍ର ପ୍ରଦାନ ସହ ଆଲୋଚନା କରିଥିବା ଜଣାପଡିଛି । ଏବିଷୟରେ ସ୍ୱାସ୍ଥ୍ୟ ସଚିବ ଓଡ଼ିଶା ସରକାର,ଜିଲ୍ଲାପାଳ କଳାହାଣ୍ଡି ,ଜିଲ୍ଲା ମୁଖ୍ୟସ୍ୱାସ୍ଥ୍ୟ ଅଧିକାରୀ କଳାହାଣ୍ଡି ଙ୍କୁ ଅବଗତ କରାଯାଇଛି। ଜୟପାଟଣା ସମିତି ସଭ୍ୟା ରଶ୍ମିତା ଦୁରିଆ ଙ୍କ ସମେତ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ଅଶୋକ ପଣ୍ଡା ,ଚୈତନ୍ୟସେଠି, ସୌଦାମିନୀ ଦ୍ୱିବେଦୀ,ଗଙ୍ଗାଧର ମାଝି ,ବିକ୍ରମ ଯୋଶୀ,ପରୀକ୍ଷିତ ଅଣ୍ଟି,କୃଷ୍ଣଚନ୍ଦ୍ର ରାଉତ,ଅବିନାଶ ନନ୍ଦ ,କାହ୍ନା ପଣ୍ଡା ଏବଂ ଆବାହକ ପ୍ରକାଶ ଦୁରିଆ ପ୍ରମୁଖ ବିଶଦ ଆଲୋଚନା କରିଥିଲେ।ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ ବିଧାନ ସଭା ରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ରେ ସ୍ୱାସ୍ଥ୍ୟ ସମସ୍ୟା କୁ ଉତ୍ଥାପନ କରିଥିବା ଏଂ ରେଳପଥ ସଂପ୍ରସାରଣ ସମ୍ବନ୍ଧରେ ରାଜ୍ୟସଭା ସାଂସଦ ତଥା ରେଳ ବିଭାଗ ଷ୍ଟାଣ୍ଡି କମିଟି ସଦସ୍ୟ ସୁବାସିତ ଖୁଣ୍ଟିଆ ଙ୍କୁ ଅବଗତ କରାଇଥିବା ପ୍ରକାଶ କରିବା ସହ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇ ଥିଲେ।

# ଜିଲ୍ଲା ଭିତ୍ତିକ ନିଯୁକ୍ତି ପାଇଁ ସକାରାତ୍ମକ ବାର୍ତ୍ତା ଦେଲେ ମୁଖ୍ୟମନ୍ତ୍ରୀ




ନବରଂଗପୁର ୧୦/୧୨ (ନି.ପ୍ର):ବର୍ତ୍ତମାନ ଜିଲ୍ଲା ଭିତ୍ତିକ ନିଯୁକ୍ତି ନବରଙ୍ଗପୁର ର ଏକ ଚର୍ଚ୍ଚାର ବିଷୟ ହୋଇ ପଡ଼ିଛି। ଜିଲ୍ଲା ଭିତ୍ତିକ ନିଯୁକ୍ତି ପାଇଁ ରାସ୍ତା ବାହାର କରିବାକୁ ପ୍ରଶାସନିକ ଅଧିକାରୀ ମାନଙ୍କ ସହ ଆଲୋଚନା କରିବା ପ୍ରସଙ୍ଗ କୁ ବକ୍ତବ୍ୟ ମାଧ୍ୟମରେ ବ୍ୟକ୍ତ କରିଛନ୍ତି ମାନ୍ୟବର ମୂଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଦଳମତ ନିର୍ବିଶେଷରେ ପ୍ରାୟ ସବୁ ଦଳର ସମର୍ଥନ ଏ ଦିଗରେ ରହିଥିବା ପରିଲକ୍ଷିତ ହେଉଛି। ଏହା ନବରଙ୍ଗପୁର ର ଏକ ପ୍ରମୁଖ ବିଷୟ ଏବଂ ଜିଲ୍ଲା ର ଶିକ୍ଷିତ ଛାତ୍ରଛାତ୍ରୀ ଓ ଯୁବକ ମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରାଧିକାର ମିଳୁ ଏହା ଜିଲ୍ଲାବାସୀ ଙ୍କ ଆଗ୍ରହ । କିନ୍ତୁ ରାଜନୈତିକ ଦୃଷ୍ଟିକୋଣ ରୁ ମଧ୍ୟ ଭିନ୍ନଭିନ୍ନ ଦଳର ନେତା ମାନଙ୍କ ପ୍ରତିକ୍ରିୟା ବେଳେବେଳେ ମିଡ଼ିଆ ଓ ସାମାଜିକ ଗଣମାଧ୍ୟମ ରେ ଦେଖିବାକୁ ମିଳୁଛି। କିନ୍ତୁ ନବରଙ୍ଗପୁର ଜିଲ୍ଲା ସାଂସ୍କୃତିକ କାର୍ଯ୍ୟକ୍ରମ ମଣ୍ଡେଇ ମହୋତ୍ସବ ର ସମାରୋହ ଉତ୍ସବ ରେ ଯୋଗ ଦେଇ ମାନ୍ୟବର ମୂଖ୍ୟମନ୍ତ୍ରୀ ଜିଲ୍ଲା ଭିତ୍ତିକ ନିଯୁକ୍ତି ଉପରେ ନିଜ ମତ ରଖିଛନ୍ତି। ରାଜ୍ୟରେ ବିଜେପି ସରକାର ଆସିବା ପରେ , ଜିଲ୍ଲା ଭିତ୍ତିକ ନିଯୁକ୍ତି ପ୍ରସଙ୍ଗରେ ସରକାର ଙ୍କୁ ଘେରିବାକୁ ଉଦ୍ୟମ କରୁଛନ୍ତି କିଛି ବିରୋଧୀ ସଂଗଠନ ବୋଲି ଚର୍ଚ୍ଚା ହେଉଥିବା ସ୍ଥଳେ , ବର୍ତ୍ତମାନ ମୂଖ୍ୟମନ୍ତ୍ରୀ ଙ୍କ ସକାରାତ୍ମକ ବାର୍ତ୍ତା ଛାତ୍ରଛାତ୍ରୀ ଓ ଯୁବକ ମାନଙ୍କ ହୃଦୟରେ ଆଶାର କିରଣ ସଂଚାର କରି ପାରିଛି। ଏକ ବିଶାଳ ଶୋଭାଯାତ୍ରା ରେ ମଣ୍ଡେଇ ପଡିଆରକୁ ମାନ୍ୟବର ମୂଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୂଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ ବଳଭଦ୍ର ମାଝୀ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଓ ଝରିଗାଁ ବିଧାୟକ ନରସିଂହ ମାଝୀ ଙ୍କୁ ବିଜେପି ର କାର୍ଯ୍ୟକର୍ତ୍ତା ମାନେ ପାଛୋଟି ନେଇଥିଲେ। ଲକ୍ଷାଧିକ ଲୋକ ଙ୍କ ସମାଗମ ମଣ୍ଡେଇ ମହୋତ୍ସବ ରେ ହୋଇଥିଲା।

# ଦୁର୍ଘଟଣା ରୋକିବାକୁ ପୋଲିସ ର ପଦକ୍ଷେପ

ନିମାପଡ଼ା ୧୦/୧୨ (ନି.ପ୍ର): ପୁରୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ ଦୁର୍ଘଟଣା ରୋକିବାକୁ ଏକ ପଦକ୍ଷେପ ନେଇଛନ୍ତି ।ଏହି ପରିପ୍ରେକ୍ଷୀରେ ନିମାପଡ଼ା ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଭାତ ମଲ୍ଲିକ ଙ୍କ ଅଧୀନରେ ଥିବା ଗୋପ ,ନିମାପଡ଼ା ,ଚନ୍ଦ୍ରଭାଗା ମେରା ଇନ୍,କୋଣାର୍କ,ବଳଙ୍ଗା,ଚାରି ଛକ ରାମଚଣ୍ଡି ,କାକଟପୁର ,ଅସ୍ତରଙ୍ଗ ଅସ୍ତରଙ୍ଗ ମେରା ଇନ୍ ଥାନା ଇଲାକାରେ ଦୁର୍ଘଟଣା ରୋକିବାକୁ ରାସ୍ତାରେ ଯାତାୟାତ କରିଥିବା ଭାରି ଯାନ ଗୁଡ଼ିକ ରାତ୍ର ୧୦ ରୁ ଭୋର ୬ ଟା ପର୍ଯ୍ୟନ୍ତ ଚାଲିବ ବୋଲି ଏକ ନିଷ୍ପତି ନେଇଛନ୍ତି ।।ସକାଳ ୬ ଟା ରୁ ରାତ୍ର ୧୦ ଟା ପର୍ଯ୍ୟନ୍ତ କୌଣସି ଭାରି ଯାନ ନ ଚଳାଇବାକୁ ଭାରି ଯାନ ମାଲିକ ସଂଘକୁ ପୋଲିସ ପକ୍ଷରୁ ଜଣାଇ ଦିଆ ଯାଇଛି ବୋଲି ନିମାପଡ଼ା ଥାନା ଅଧିକାରୀ ବାମଦେବ ସ୍ୱାଇଁ କହିଛନ୍ତି । ଗତ ଦୁଇ ଦିନ ତଳେ ଦହି ଜଙ୍ଗ ଠାରେ ଏକ ଭାରି ଯାନ ଜଣେ ସ୍କୁଟି ଗାଡ଼ି କୁ ଧକ୍କା ଦେବାରୁ ଘଟଣା ସ୍ଥଳରେ ଜଣେ ଅଙ୍ଗନୱାଡ଼ି ସୁପର ଭାଇ ଜର ଙ୍କ ମୃତ୍ୟୁ ଘଟିଥିଲା ।ବାରମ୍ବାର ଦୁର୍ଘଟଣା ଘଟି ପୋଲିସ ଏପରି କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ବୋଲି ଜଣାପଡିଛି ।ଏହି ମର୍ମରେ ଆଜି ଚାରି ଛକ ଥାନା ଅଧିକାରୀ ମମତା ବିଶ୍ୱାଳ ରାସ୍ତାରେ ଯାଉଥିବା ବିଭିନ୍ନ ଭାରି ଯାନ ଗୁଡିକୁ ଅଟକାଇ ରାତ୍ର ୧୦ ଟା ରୁ ଭୋର ୬ ଟା ପର୍ଯ୍ୟନ୍ତ ଭାରି ଯାନ ଚାଲାଣ ବୋଲି ଡ୍ରାଇଭର ମାନଙ୍କୁ କହିଛନ୍ତି ।

# ୧୭୮୯ ଜଣ ପ୍ରବାସୀ ଓଡିଆଙ୍କୁ ରାଶନ କାର୍ଡ ବଣ୍ଟନ



ବୁଗୁଡା ୧୦/୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲାର ବୁଗୁଡା ବ୍ଲକର ୧୭୮୯ ଜଣ ପ୍ରବାସୀ ଓଡ଼ିଆଙ୍କୁ ନୂତନ ରାଶନ କାର୍ଡ ଡିସେମ୍ବର ୯ ତାରିଖ ଦିନ ବଣ୍ଟନ କରାଯାଇଛି। ବୁଗୁଡା ବିଡ଼ିଓ ଭାବେ ଅତିରିକ୍ତ ଦାୟିତ୍ୱ ବହନ କରିଥିବା ବୁଗୁଡା ତହସିଲଦାର ତାପସ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୁଗୁଡା ପିପୁଲସ ହାଇ ସ୍କୁଲ ପଡ଼ିଆରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀଧନ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) ଗୋକୁଳାନନ୍ଦ ମଲ୍ଲିକ ଏବଂ ସମ୍ମାନିତ ଅତିଥି ଭାବେ ବୁଗୁଡା ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ, ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ ଓ ଜିଲ୍ଲା ପରିଷଦ ସଦସ୍ୟ ଗଙ୍ଗାପାଣି ଜେନା ଯୋଗଦେଇ ୧୭୮୯ ଜଣ ପ୍ରବାସୀ ଓଡ଼ିଆଙ୍କୁ ନୂତନ ରାଶନ କାର୍ଡ ବଣ୍ଟନ କରିଥିଲେ। ଏଥିସହ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ମେମ୍ବର ବୃନ୍ଦଙ୍କ ସହ ହିତାଧିକାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

# ଶିକ୍ଷା ବିଭାଗ ନିର୍ଦ୍ଦେଶକୁ ବେଖାତିର

ପୁରୀ ୧୦/୧୨ (ନି.ପ୍ର): ଶିକ୍ଷା ବିଭାଗର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରୁନାହାନ୍ତି ପୁରୀ ଜିଲ୍ଲା ଶିକ୍ଷାଧିକାରୀ।ଗତ ଅକ୍ଟୋବର ୫ ତାରିଖରେ ୯ହଜାର ୨ସହ କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା ପାଇଁ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଏହାକୁ ୨ମାସ ବିତିଯାଇଥିଲେ ମଧ୍ୟ ପୁରୀ ଜିଲ୍ଲାରେ ଏହାକୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇ ନାହିଁ ।ଯାହାକୁ ନେଇ ନିୟମିତ ହେବାକୁ ଥିବା ଶିକ୍ଷକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ କେତେକ ଜିଲ୍ଲାରେ ଶିକ୍ଷକ ମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଥିବା ଦେଖିବାକୁ ମିଳିଛି। ଡିଇଓଙ୍କ ମନମାନି ଯୋଗୁ ଶିକ୍ଷକମାନେ ବିଭିନ୍ନ ଅସୁବିଧାର ସମ୍ମୁଖିନ ହେଉଛନ୍ତି ।ଅଥଚ ସରକାର କୌଣସି ପଦକ୍ଷେପ ନେଉନଥିବା ଶିକ୍ଷକମାନେ ଅଭିଯୋଗ କରିଛନ୍ତି ।ଖବର ନେବାରେ ଜଣାପଡିଛି ପୁରୀ ଜିଲ୍ଲାର ୧୦ଟି ବ୍ଲକରେ ମୋଟ ୪୫ ଜଣ ଶିକ୍ଷକ ନିୟମିତ ହେବାକୁ ଥିବାବେଳେ ସେଥିମଧ୍ୟରୁ କେତେକ ୨୦୧୨ ମସିହାର ହୋଇଥିବା ବେଳେ କେତେକ ୨୦୧୮ ମସିହାରେ ନିଯୁକ୍ତ ହୋଇଥିଲେ ।ହେଲେ ବିଡ଼ମ୍ବନାର ବିଷୟ ଦୀର୍ଘ ଦିନ ହେବ ନିୟମିତ ହେବା ପାଇଁ ଯୋଗ୍ୟତା ହାସଲ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେମାନଙ୍କୁ ନିୟମିତ କରାଯାଉନାହିଁ ।ପୁରୀ ଜିଲ୍ଲାରେ ଶିକ୍ଷକ ମାନଙ୍କ ଗତ ମାସ ୧୬ ତାରିଖରୁ ସମସ୍ତ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ ସାରିଥିଲା । ଏହାକୁ ଏକମାସ ବିତିବାକୁ ବସିଥିବା ବେଳେ ଜିଲ୍ଲା ଶିକ୍ଷାଧିକାରୀ ଉଦ୍ଦେଶ୍ୟମୂଳକ ଭାବେ ଫାଇଲ୍ ପକାଇ ବିଳମ୍ବ କରୁଥିବା ଅଭିଯୋଗ ହୋଇଛି ।ଅନେକ ଜିଲ୍ଲାରେ କନିଷ୍ଠ ଶିକ୍ଷକ ମାନଙ୍କୁ ନିୟମିତ କରାଯାଇଥିବା ବେଳେ ପୁରୀ ଜିଲ୍ଲାରେ ଏଭଳି ବିଳମ୍ବକୁ ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି ।ଏଥିପ୍ରତି ଶିକ୍ଷାମନ୍ତ୍ରୀ,ଶିକ୍ଷା ସଚିବ ଓ ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେବା ପାଇଁ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଦାବି ହୋଇଛି ।

# କପୁଣ୍ଡି ରେ କବାଡି ପ୍ରତିଯୋଗିତା ଉଦଯାପିତ

ପାଟଣା ୧୦/୧୨ (ନି.ପ୍ର): ପାଟଣା ଥାନା ଅନ୍ତର୍ଗତ କପୁଣ୍ଡି ଖେଳ ପଡିଆ ରେ ବୈତରଣୀ କବାଡି ଆସୋସିଏସନ ପକ୍ଷରୁ ପ୍ରଥମ ବାର୍ଷିକ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦଘାଟନ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଶୁଭେନ୍ଦୁ ସାଗର କୁମାର ନାଏକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପାଟଣା କଲେଜ ର କ୍ରୀଡା ଶିକ୍ଷକ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ ଉପସ୍ଥିତ ରହି ଖେଳ ର ଶୁଭ ଉଦ୍ଘାଟନ କରିଥିଲେ। ଏଥିରେ ୧୪ ଟି ପୁରୁଷ କବାଡି ଦଳ ଅଂଶଗ୍ରହଣ କରିଥିବା ବେଳେ ୩ ଟି ମହିଳା କବାଡି ଦଳ ଭାଗ ନେଇଥିଲେ। ପୁରୁଷ ବିଭାଗ ର ଫାଇନାଲ ମ୍ୟାଚ ଫିୟରଲେସ ଲାୟନ୍ସ ଝୁମ୍ପୁରା ଏବଂ ଆରସିୟସ କେନ୍ଦୁଝର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଫିୟରଲେସ ଲାୟନ୍ସ ଝୁମ୍ପୁରା ବିଜୟ ଲାଭ କରି ଚମ୍ପିୟାନ ହୋଇଥିଲା। ସେହିପରି ମହିଳା ବିଭାଗ ର ଫାଇନାଲ ମ୍ୟାଚ କେ ଟି ସିଷ୍ଟର ପାଟଣା ଏବଂ ତାରିଣୀ ଡଟର୍ସ୍ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ କେ ଟି ସିଷ୍ଟର ପାଟଣା ବିଜୟ ହୋଇ ଚମ୍ପିୟାନ ହୋଇଥିଲା। ବିପ୍ଲବ କୁମାର ପୃଷ୍ଟି ଙ୍କ ସଂଯୋଜନା ରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବ ରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଅନିତା କୁସୁମୁଳିଆ, ସମିତି ସଭ୍ୟ ବିଜୟ କୁମାର ପଇଦା,ପାଟଣା କଲେଜ ର କ୍ରୀଡା ଶିକ୍ଷକ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ, କ୍ରୀଡାବିତ ଲଳିତ କୁମାର ଆର୍ଯ୍ୟମୋହୋନ ମହାନ୍ତ ପ୍ରମୁଖ ସାମିଲ ହୋଇ ପୁରସ୍କାର ପ୍ରଦାନ କରିଥିଲେ। ବୈତରଣୀ କବାଡି ଆସୋସିସନ ର ତୋପୋଧନ ଶ୍ରୀକାନ୍ତ ପଲେଇ, ଆୟୁଷ କୁମାର ସେଠୀ, ଭବାନୀ ଶଙ୍କର ମହାନ୍ତ, କୋମଳ ଲୋଚନ ମହାନ୍ତ, ଗିତିକଣ୍ଠ ପାତ୍ର, ଆପୁଲ ଅନସାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଧୀର ସାମଲ ହତ୍ୟା ମାମଲା, ୫ଜଣଙ୍କୁ ଆଜୀବନ

ବ୍ରହ୍ମପୁର ୧୦/୧୨ (ନି.ପ୍ର):ବ୍ରହ୍ମପୁର ସହରରେ ୨୦୧୦ ମସିହାରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଘଟିଥିବା ଧୀର ସାମଲ ହତ୍ୟା ମାମଲାର ଚୂଡାନ୍ତ ରାୟ ଆଜି ପ୍ରକାଶ ପାଇଛି। ଗଞ୍ଜାମ ଜିଲ୍ଲା ଓ ଦୌରାଜଜ୍ ରୂପଶ୍ରୀ ଚୌଧୁରୀ ଉକ୍ତ ମାମଲାର ଶୁଣାଣି କରି ୫ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସମସ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ସେମାନେ ହେଲେ କାଳିଆ ସେଠୀ, ପି.କୃଷ୍ଣଚନ୍ଦ୍ର ପାତ୍ର, ପିଙ୍କୁ ପାତ୍ର, ସଞ୍ଜୟ ପ୍ରଧାନ ଓ ସନ୍ୟାସୀ ରାଉତ। ସେହିପରି ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିବା ୩ଜଣ ହେଲେ ରଙ୍ଗିନ୍ ସନ୍ତୁ ଓରଫ୍ ସନ୍ତୋଷ ପାତ୍ର, ରିଙ୍କୁ ପାତ୍ର ଓ ମଙ୍ଗୁଲୁ ବେହେରା। ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୧୦ ଜୁଲାଇ ୨୨ ତାରିଖ ସକାଳେ ଧୀର ସାମଲ ବଡ଼ବଜାର ଥାନା ଶ୍ରୀରାମନଗର ଛକରେ ତାଙ୍କର ଦୁଇଜଣ ସାଙ୍ଗ ସନ୍ତୋଷ ତ୍ରିପାଠୀ ଓ ରାଜୀବ ବେହେରାଙ୍କ ସହ କଥା ହେଉଥିଲେ। ଏହି ସମୟରେ ହଠାତ ତାଙ୍କ ଉପରକୁ କିଛି ଦୁର୍ବୃତ୍ତ ବୋମାମାଡ଼ କରିଥିଲେ। ସେ ଜୀବନ ବିକଳରେ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ହେଲେ ଦୁର୍ବୃତ୍ତମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣି ରକ୍ତାକ୍ତ କରି ଦେଇଥିଲେ। ଘଟଣା ପରେ ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇ ଯାଇଥିଲେ। ସୂଚନା ପାଇ ତାଙ୍କ ସାନଭାଇ ଭାଲୁ ସାମଲ, ମା' ବିଜୟଲକ୍ଷ୍ମୀ ଓ ସ୍ତ୍ରୀ ଝୁଲି ସେଠାରେ ପହଞ୍ଚିଥିଲେ। ଧୀରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ପୂର୍ବରୁ ସେ ପୁଲିସ ନିକଟରେ ଅଭିଯୁକ୍ତଙ୍କ ନାମ ପ୍ରକାଶ କରିଥିଲେ। ବୋମାମାଡ଼ ଘଟଣାରେ ଧୀରଙ୍କ ଦୁଇବନ୍ଧୁ ସନ୍ତୋଷ ଓ ରାଜୀବ ମଧ୍ୟ ଗୁରୁତର ହୋଇଥିଲେ। ଭାଇ ଭାଲୁଙ୍କ ଅଭିଯୋଗ ପ୍ରକାରେ ବଡ଼ବଜାର ଥାନାରେ କେସ୍ ନମ୍ବର ୮୭/୧୦ରେ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ପୁଲିସ ପର୍ଯ୍ୟାୟ କ୍ରମେ ୮ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଅଭିଯୁକ୍ତଙ୍କୁ ଜାମିନ୍ ମିଳିଥିଲା। ମାମଲାର ବିଚାରଣା ବେଳେ ମୋଟ ୨୪ଜଣ ସାକ୍ଷୀଙ୍କ ବୟାନ ରେକର୍ଡ଼ କରାଯାଇଥିଲା। ଆବଶ୍ୟକ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟ ୫ଜଣଙ୍କୁ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ କ୍ୟାଡର୍ ପିପି ତ୍ରିଲୋଚନ ପରିଡ଼ା ମକଦ୍ଦମା ପରିଚାଳନା କରିଥିଲେ।

# କୃଷକ ମାନେ ପାଇଲେ ପ୍ରକୃତ ସମ୍ମାନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ



ବାଣପୁର ୧୦/୧୨ (ନି.ପ୍ର): କୃଷକ ମାନଙ୍କର ଆର୍ଥିକ ଅଭିବୃଦ୍ଧି ନିମନ୍ତେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଙ୍କ କରକମଳରେ ଧାନ ର ସର୍ବନିମ୍ନ ମାନ ୮୦୦ ଟଙ୍କା ର ଅତିରିକ୍ତ ସହାୟତା ରାଶି ଓଡ଼ିଶା ର ବରଗଡ଼ ଜିଲ୍ଲାରେ କୃଷକ ମାନଙ୍କୁ ପ୍ରଦାନ ର ଶୁଭାରମ୍ଭ ହୋଇଯାଇଥିଲା ବେଳେ ଏହାର ସିଧାସଳଖ ପ୍ରସାରଣ ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ର ହାଭେଳି ପଡ଼ିଆ ଠାରେ ଏକ ଉତ୍ସବ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି।ଏଥିରେ ମୁଖ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦାନ କରି ସହ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଜିଲ୍ଲାପାଳ ଚଞ୍ଚଳ ରାଣା, ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ର ପ୍ରାରମ୍ଭରେ ଜିଲ୍ଲାପାଳ ଉଦବୋଧନ ଦେଇ କହିଥିଲେ ଯେ ଦୀର୍ଘଦିନ ଧରି କୃଷକ ମାନଙ୍କର ଯେଉଁ ଡିମାଣ୍ଡ ଥିଲା ସର୍ବନିମ୍ନ ଯେଉଁ ଟଙ୍କା ରହିଛି ସେଥିରେ କିଛି ଆର୍ଥିକ ସାହାଯ୍ୟ ରାଶି ପ୍ରଦାନ କରିବାକୁ ଆଜି ତାହା ସରକାର ପୁରଣ କରିଛନ୍ତି । ଚାଷୀ ହସିଲେ ଦେଶ ହସିବ ବୋଲି ଖୋର୍ଦ୍ଧା ବିଧାୟକ ବକ୍ତବ୍ୟ ରଖିଥିଲେ। ସେହିପରି ମାନ୍ୟବର ମନ୍ତ୍ରୀ ଅଭିଭାଷଣ ରେ କହିଲେ ଯେ ଆଜିର ଦିନଟି ଚାଷୀ ମାନଙ୍କ ପାଇଁ ଏକ ଐତିହାସିକ ଦିନ ହୋଇ ରହିବ । ଦୀର୍ଘଦିନ ର ଲଢେଇ ପରେ ଆଜି ଓଡ଼ିଶା ପ୍ରଦେଶ ର ଚାଷୀମାନଙ୍କୁ ସନ୍ତାନ ସ୍ୱରୁପ , ଆଜି ଓଡ଼ିଶା ସରକାର ଏହାକୁ କାର୍ଯ୍ୟକାରୀ କରିଛନ୍ତି। ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ର ବ୍ଲକ୍ ଏବଂ ପୋର ପରିଷଦ ମାନଙ୍କ ର ଅଧ୍ୟକ୍ଷା/ଅଧ୍ୟକ୍ଷ , ବିଭାଗୀୟ ଅଧିକାରୀ, ଜନସାଧାରଣ ପ୍ରମୁଖ ଯୋଗଦେଇଥିଲେ ।

# ସ୍କୁଲ୍ ପିଲାଙ୍କୁ ନେଇଯାଉଥିବା ଟାଟା ମ୍ୟାଜିକ୍ ଗାଡ଼ିରେ ବିଷାକ୍ତ ସାପ



ବେଲଗୁଣ୍ଠା ୧୦/୧୨ (ନି.ପ୍ର):,ସ୍କୁ ସ୍କୁଲ୍ ପିଲାଙ୍କୁ ଧରି ବିଦ୍ୟାଳୟରୁ ଫେରୁଥିବା ବେଳେ ଏକ ଟାଟା ମ୍ୟାଜିକ୍ ଗାଡ଼ିରୁ ସାପ ବାହାରିବା ଘଟଣା ଛାତ୍ରଛାତ୍ରୀଙ୍କ ମନରେ ଭୟ ଖେଳାଇ ଦେଇଥିବା ବେଳେ ଛାତ୍ରଛାତ୍ରୀ ବାଧ୍ୟ ହୋଇ ନିଜ ଅଭିଭାବକ ସହ ଘରକୁ ଫେରିଛନ୍ତି ଓ ସୂଚନା ପ୍ରକାରେ ଭଞ୍ଜନଗର ସ୍ଥିତ ଜାଭିୟର୍ ଇଁରାଜୀ ମିଡିଅମ୍ ସ୍କୁଲ୍ କୁ ପାଇଲିପଡ଼ା, କ୍ଷତ୍ରିୟବରପୁର, ଗୋବରା ଅଞ୍ଚଳରୁ ୧୨ ଜଣ ଛାତ୍ରଛାତ୍ରୀ ଓଡ଼ି୦୭ଔ୯୨୨୫ ନମ୍ବର୍ ବିଶିଷ୍ଟ ଏକ ଟାଟା ମ୍ୟାଜିକ୍ ଗାଡ଼ିରେ ଯିବାଆସିବା କରନ୍ତି ଓ ଆଜି ସେହି ଗାଡ଼ିଟି ସାତ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଭଞ୍ଜନଗରରୁ ଫେରୁଥିବା ବେଳେ କଣ୍ଟେଇପଲ୍ଲୀ ନିକଟସ୍ଥ ଲୁଦୁଲୁଦି ଗ୍ରାମ ଛକ ନିକଟରେ ଗାଡ଼ିର ଛାତ ତଳେ ଏକ ବିଷାକ୍ତ ସାପ ଥିବା ଦେଖି ଜଣେ ଛାତ୍ର ଚିତ୍କାର କରିଥିଲା। ଛାତ୍ରଟିର ଚିତ୍କାର ଶୁଣି ଗାଡ଼ି ଚାଳକ ଜଣଙ୍କ ଗାଡିକୁ ରଖି ଛାତ୍ରଛାତ୍ରୀଙ୍କୁ ତଳକୁ ଓହ୍ଲାଇ ଗାଡ଼ିର ଯାଞ୍ଚ କରିଥିଲା। ସ୍ଥାନୀୟ କିଛି ଯୁବକ ସାପ ଖୋଜିବାରେ ଚାଳକଙ୍କୁ ସାହାଯ୍ୟ କରିଥିଲେ। ବହୁ ସମୟ ଧରି ସାପ ନବାହାରିବା ଯୋଗୁଁ ଛାତ୍ରଛାତ୍ରୀଙ୍କ ଅଭିଭାବକ ଏବଂ ସମ୍ପର୍କୀୟ ମାନେ ଛାତ୍ରଛାତ୍ରୀଙ୍କୁ ନିଜ ଦାୟିତ୍ୱରେ ନେଇଥିଲେ ଓ ପ୍ରକାଶ ଥାଉକି ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟକୁ ଏକ ସ୍ୱତନ୍ତ୍ର ସୁରକ୍ଷିତ ଗାଡ଼ିରେ ନେବା ପାଇଁ ମାର୍ଗଦର୍ଶିକା ରହିଛି ଓ କିନ୍ତୁ ବିଭିନ୍ନ ଘରୋଇ ବିଦ୍ୟାଳୟ ପକ୍ଷରୁ ସରକାରଙ୍କ ମାର୍ଗଦର୍ଶିକାକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରାଯାଇ ବେଖାତିର ଭାବେ ଅଟୋ ଏବଂ ଟାଟା ମ୍ୟାଜିକ୍ ଗାଡ଼ିରେ ନିଆଯାଉଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବାର ନଜର ରହିଛି । ତେଣୁ ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଛାତ୍ରଛାତ୍ରୀଙ୍କ ଜୀବନର ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ଅଭିବାବକ ମାନେ ଦାବୀ କରିଛନ୍ତି।

# ଓଡ଼ିଶା ସାମ୍ବାଦିକ ସଙ୍ଘ ଓଜେୟୁ ତତଫରୁ ମୁଖ୍ୟା ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ନବରଙ୍ଗପୁର ୧୦/୧୨ (ନି.ପ୍ର):ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନବରଙ୍ଗପୁର ଗସ୍ତ ସମୟରେ ଓଡ଼ିଶା ସାମ୍ବାଦିକ ସଙ୍ଘ (ଓଜେୟୁ) ତରଫରୁ ସମ୍ବର୍ଦ୍ଧନା କରାଯାଇଥିଲା। ଆଜି ପୂର୍ବାହ୍ନରେ ଓଡ଼ିଶା ସାମ୍ବାଦିକ ସଙ୍ଘ ନବରଙ୍ଗପୁର ଜିଲ୍ଲା ସଭାପତି ଶିବ ଶଙ୍କର ତ୍ରିପାଠୀଙ୍କ ଅମନ୍ତ୍ରଣରେ ସଙ୍ଘର ରାଜ୍ୟ ସମ୍ପାଦକ ବାଙ୍କ ବିହାରୀ ବିଷୋୟୀ, ରାଜ୍ୟ ଉପଦେଷ୍ଟା ରାକେଶ ଗୁପ୍ତା, ଜିଲ୍ଲା ସମ୍ପାଦକ ଜାନକୀ କାନ୍ତ ବିଷୋୟୀ ମୁଖ୍ୟମନ୍ତ୍ରୀଙ୍କ ସହ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ଯଥା, ସାମ୍ବାଦିକ ସୁରକ୍ଷା, ପେନସନ ବ୍ୟବସ୍ଥା, ଭୁବନେଶ୍ୱର ଠାରେ ଓଡିଶା ସାମ୍ବାଦିକ ସଙ୍ଘ କାର୍ଯ୍ୟାଳୟ ପାଇଁ ଜାଗା ଯୋଗାଇଦେବା, ଗୃହ ଋଣ ବ୍ୟବସ୍ଥା କରି ସୁଧ ପ୍ରଦାନ କରିବା ଓ ଅନ୍ୟାନ୍ୟ ଅନେକ ବିଷୟ ଆଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଙ୍ଘର କୋଷାଧ୍ୟକ୍ଷ ଦେବୀ ମହାପାତ୍ର, ଶ୍ରୀହରି ବିଷୋୟୀ, ଶିବ ଶଙ୍କର ବିଷୋୟୀ, ଖଗ ବିଷୋୟୀ, ଦିୱାନ ସିଂ, ସୁଜିତ୍ ରଥ, ବେଣୁ ଗୋପାଳ ରାଓ, ପୋପୁ ପଟ୍ଟନାୟକ, ଦେବାଶିଷ ଦାସ ଓ ଅନ୍ୟାନ୍ୟ ସଦସ୍ୟ ମାନଙ୍କ ସହ ଏହି ପ୍ରତନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ନବରଙ୍ଗପୁର ସର୍କିଟ ହାଉସ ଠାରେ ସାକ୍ଷାତ ଆଲୋଚନା କରି ଥିଲେ। ଏହି ସୌଜନ୍ୟମୂଳକ ସାକ୍ଷାତ ସମୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଜେୟୁ ସଙ୍ଘର ସାମ୍ବାଦିକ ମାନଙ୍କ ସହ କଥା ହୋଇ ସମସ୍ତ ବିଷୟ ଗୁଡ଼ିକୁ ସରକାର ଗୁରୁତର ଦେବା ପ୍ରତିଶ୍ରୁତି ଦେଇ ସ୍ୱଚ୍ଛ ଓ ନିରପେକ୍ଷ ଭାବେ କାର୍ଯ୍ୟ ସମ୍ପାଦନା କରିବା ପାଇଁ ଉପଦେଶ ଦେଇଥିଲେ।

# କୁଟେ ଓ ଆଶିଷ ସିଂଙ୍କୁ ନେଇ ବିଜେଡିରେ ବିସ୍ଫୋରକ ସ୍ଥିତି





ଭୁବନେଶ୍ୱର, ୧୦/୧୨:ଓଡ଼ିଶା ରାଜନୀତିରେ ବିଶାଳ ଦ୍ରୁମ ପାଲଟିଥିବା ୨୪ବର୍ଷର ବିଜେଡି ଶାସନ କାହିଁକି ଅଚାନକ ଧରାଶାୟୀ ହେଲା? ସାଧାରଣ ନିର୍ବାଚନ ଫଳାଫଳର ୬ମାସ ବିତିଯିବା ପରେ ମଧ ବିଜେଡି ଏହାର ସମୀକ୍ଷା କଲାନି। କିନ୍ତୁ ବିଜେଡି ଶାସନରେ ଦୁଇ ପାଓ୍ୱାରଫୁଲ ଆଇପିଏସ୍ ଅଫିସର ଡିଏସ୍ କୁଟେ ଓ ଆଶିଷ ସିଂଙ୍କୁ ଗୋଟିଏ ଦିନରେ କେନ୍ଦ୍ର ସରକାରରେ ନିଯୁକ୍ତି ମିଳିବା ପରେ 'ବିଜେଡିର କ୍ଷମତାଚ୍ୟୁତ' ହେବାର ରହସ୍ୟ ଉପରୁ ପରଦା ହଟିବା ସହ ଦଳରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ଦଳର ବିଧାୟକ ଓ କର୍ମୀମାନଙ୍କ ମଧ୍ୟରେ ଚାପି ହୋଇ ରହିଥିବା ଆକ୍ରୋଶକୁ ଅଧିକ ଇନ୍ଧନ ଯୋଗାଇଛି ବରିଷ୍ଠ ନେତ୍ରୀ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ମନ୍ତବ୍ୟ। ବିଜେଡିର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନଙ୍କ ଦୁଇ ଖାସ୍ ସହଯୋଗୀ କୁଟେ ଓ ଆଶିଷ ସିଂ ନିର୍ବାଚନ ସମୟରେ ବିଜେପି ସଙ୍ଗେ ସମ୍ପର୍କ ରଖିଥିବାର ପରୋକ୍ଷରେ ଆଜି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ପ୍ରମିଳା। ଯାହାକି ପାଣ୍ଡିଆନଙ୍କ ସମେତ ତାଙ୍କ ଟିମ୍ ସଦସ୍ୟ କୁଟେ ଓ ଆଶିଷଙ୍କ ବିଜେଡି ସହ ବିଶ୍ୱାସଘାତକତାର ଚରିତ୍ର ଓ ଆଭିମୁଖ୍ୟକୁ ପଦାରେ ପକାଇ ଦେଇଥିବା ଚର୍ଚ୍ଚା ହେଉଛି। ବିଜେଡିର ବରିଷ୍ଠ ନେତ୍ରୀ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଆଜି ବିଧାନସଭା ପରିସରରେ ଗଣମାଧ୍ୟମକୁ ଏଭଳି ବୟାନ ଦେଇଛନ୍ତି ଯାହା ପରୋକ୍ଷରେ 'ବିଜେଡି କ୍ଷମତାଚ୍ୟୁତ' ହେବାର କାରଣ ଆଡ଼କୁ ସ୍ପଷ୍ଟ ଇଙ୍ଗିତ କରୁଛି। କାରଣ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡିରେ ରାଜନୈତିକ ନିଷ୍ପତ୍ତି ଦଳର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନଙ୍କ ବିନା ସମ୍ଭବପର ନୁହେଁ ବୋଲି ସର୍ବଜନବିଦିତ। ଆଉ ପାଣ୍ଡିଆନଙ୍କ ଖାସ୍ ଭାବେ କୁଟେ ଓ ଆଶିଷ ସିଂ ବିଜେଡି ଶାସନରେ ଅତ୍ୟଧିକ ପ୍ରଭାବଶାଳୀ ପାଲଟି ଯାଇଥିଲେ। କୁଟେ ରାଜନୈତିକ ନିଷ୍ପତ୍ତିର କେନ୍ଦ୍ରବିନ୍ଦୁ ଥିବାବେଳେ ଆଶିଷ ସିଂ ଏହାକୁ କାର୍ଯ୍ୟକାରୀ କରିବା ଦାୟିତ୍ୱରେ ରହିଥିଲେ। ତେଣୁ ଉଭୟ ଅଫିସରଙ୍କୁ ଗତ ୩ଦିନ ତଳେ କେନ୍ଦ୍ର ସରକାରରେ ନିଯୁକ୍ତି ମିଳିବା ପରେ ବିଭିନ୍ନ ମହଲରେ ଚର୍ଚ୍ଚା, ଆକଳନ ଓ ସନ୍ଦେହ ଜୋର ଧରିଥିଲା। ଯାହାକୁ ଆଜି ପ୍ରମିଳାଙ୍କ ବୟାନ ଅଧିକ ସ୍ପଷ୍ଟ କରାଇଛି। କୁଟେ ଓ ଆଶିଷ ସିଂଙ୍କ କେନ୍ଦ୍ରୀୟ ଡେପୁଟେସନ ପ୍ରସଙ୍ଗରେ ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ପ୍ରମୋସନ ପାଉଥିବା ଅଫିସରଙ୍କ ସହ ବିଜେପିର ଭଲ ସମ୍ପର୍କ ଥିଲା। ସେମାନଙ୍କ ଡେପୁଟେସନ ପରେ ଏହା ସ୍ପଷ୍ଟ ହୋଇଛି। ସେମାନଙ୍କ ସହ କି ସମ୍ପର୍କ ଥିଲା ତାହା ବିଜେପି ସ୍ପଷ୍ଟ କରୁ ବୋଲି ପ୍ରମିଳା ପ୍ରଶ୍ନ କରିଛନ୍ତି। ସେହିପରି ପ୍ରମିଳାଙ୍କୁ ପାଲଟା ଜବାବ ଦେଇ ବିଜେପି ବିଧାୟକ ଅଶୋକ ମହାନ୍ତି କହିଛନ୍ତି ଯେ, ପ୍ରମିଳାଙ୍କ ଅଭିଯୋଗ ସଂପୂର୍ଣ୍ଣ ଅବାସ୍ତବ। କୌଣସି ଅଫିସରଙ୍କ ସହ ବିଜେପିର ସମ୍ପର୍କ ନଥିଲା। ସବୁ ଲୋକ ଜାଣିଛନ୍ତି ସେହି ଅଫିସରମାନେ କାହା ଲିଙ୍କରେ ଥିଲେ ଓ କାହାପାଇ କାମ କରୁଥିଲେ।ସେଥିପାଇଁ ସେମାନଙ୍କୁ ଦିଲ୍ଲୀ ପଠାଇ ଦିଆଯାଇଛି। ସେପଟେ ପ୍ରମିଳାଙ୍କ ଏହି ବୟାନ ହିଁ ଦଳର ବିଧାୟକମାନଙ୍କ ଅସନ୍ତୋଷର ପ୍ରତିଫଳନ ବୋଲି ଚର୍ଚ୍ଚା ହେଉଛି। ବିଜେଡିର ୨୪ବର୍ଷର ଶାସନ ଭୁଶୁଡ଼ି ପଡ଼ିବା ପରେ ଦଳରେ ଅସନ୍ତୋଷ ତୀବ୍ର ରହିଛି। କିନ୍ତୁ ଦଳର ଶୋଚନୀୟ ପରାଜୟ ପାଇଁ ବିଜେଡିର ୫୧ଜଣ ବିଧାୟକଙ୍କ ମଧ୍ୟରୁ କିଛି ପାଣ୍ଡିଆନଙ୍କ ଆଶୀର୍ବାଦରେ ଟିକେଟ୍ ପାଇ ଜିତିଥିବାରୁ ତାଙ୍କୁ ସମର୍ଥନ କରି ଆସୁଥିଲେ ତ ଆଉ କିଛି ପୁରୁଖା ବିଧାୟକ ଖୋଲାଖୋଲି ପାଣ୍ଡିଆନଙ୍କୁ ବିରୋଧ କରୁଛନ୍ତି। ମାତ୍ର କୁଟେ ଓ ଆଶିଷ ସିଂ କେନ୍ଦ୍ରୀୟ ଡେପୁଟେସନରେ ଯିବାପରେ ପ୍ରାୟତଃ ଅଧିକାଂଶ ବିଧାୟକ ଏବେ ପାଣ୍ଡିଆନକୁ ଦୋଷ ଦେଇ ବିଜେଡିକୁ ବୁଡ଼ାଇବା ପାଇଁ ତାଙ୍କ ଟିମ୍ ଚକ୍ରାନ୍ତ ଓ ଷଡ଼ଯନ୍ତ୍ର କରିଥିବା ଦୋଷାରୋପ କରୁଛନ୍ତି। ଯଦିଓ କେହି କ୍ୟାମେରା ସମ୍ମୁଖରେ କିଛି କହୁନାହାନ୍ତି, କିନ୍ତୁ ବିଜେଡି ବିଧାୟକ ଓ ଦଳର ଆଗଧାଡ଼ିର ନେତାମାନଙ୍କ ମଧ୍ୟରେ ଗତ ଦୁଇଦିନ ଧରି ଏହି ଚର୍ଚ୍ଚା ଜୋର ଧରିଛି। ନବୀନଙ୍କ ଅପାରଗତା ଯୋଗୁଁ ପାଣ୍ଡିଆନ ରାଜନୈତିକ ନିଷ୍ପତ୍ତି ନେଉଥିଲେ। ଆଉ ତାଙ୍କ ଟିମ୍ ସଦସ୍ୟମାନେ ବିଶ୍ୱାସଘାତକତା କରିବାରୁ ଏଭଳି ନିର୍ବାଚନୀ ପରିଣାମ ଆସିଛି। ଯେଉଁଥିପାଇଁ ଦଳ ଲୋକସଭାରେ ସଂପୂର୍ଣ୍ଣ ମୂଳପୋଛ ହୋଇଯାଇଛି। ଆଉ ଲୋକସଭା ସିଟ୍ ଟେକି ଦେଉଦେଉ ଏପଟେ ବିଧାନସଭା ବି ହାତରୁ ଖସିଯାଇଛି ବୋଲି ବିଧାୟକମାନଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ଯାହାକୁ ଖୋଲାଖୋଲି ଭାବେ ପ୍ରମିଳା ଆଜି ଗଣମାଧ୍ୟମରେ ବୟାନ ରଖି ବିଜେଡି ବିଧାୟକମାନଙ୍କ ଅସନ୍ତୋଷକୁ ପଦାରେ ପକାଇଛନ୍ତି। ଏହାସହିତ ଦଳରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇ ପାଣ୍ଡିଆନଙ୍କ ମାମଲାତିକୁ ଖୋଲା ବିରୋଧ କରିବା ପାଇଁ ଦଳୀୟ ବିଧାୟକମାନେ ସଜବାଜ ହେଉଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ସାଧାରଣ ନିର୍ବାଚନକୁ ପ୍ରଭାବିତ କରିବା ଅଭିଯୋଗରେ କୁଟେ ଓ ଆଶିଷ ସିଂଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଥିଲେ। ବିଜେପି ସରକାର କ୍ଷମତାକୁ ଆସିବା ପରେ ଉଭୟ ଆଇପିଏସ୍ ଅଫିସରଙ୍କୁ ଗୃହ ବିଭାଗର ଓଏସଡି ଭାବେ ବଦଳି କରିଥିଲେ। ଆଉ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ପାଇଁ କାରଣଦର୍ଶାଅ ନୋଟିସ୍ ଜାରି କରିଥିଲେ। କିନ୍ତୁ ସେମାନେ ଜବାବ ଦାଖଲର ୩ମାସ ପରେ ମଧ ସେହି ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇପାରିନାହିଁ। ଏପଟେ ଚଳିତ ଡିସେମ୍ବର ୬ତାରିଖରେ କୁଟେଙ୍କୁ ବିଏସଏଫ ଆଇଜି ଓ ଆଶିଷ ସିଂଙ୍କୁ ଆଇଟିବିପି ଆଇଜି ଭାବେ ନିଯୁକ୍ତି ମିଳିଛି। ଉଭୟ ଅଫିସରଙ୍କୁ ତତ୍କାଳ ରିଲିଭ୍ କରିବାକୁ ମଧ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ସରକାର ଉଭୟ ଅଫିସରଙ୍କ ଡେପୁଟେସନ ନିଷ୍ପତ୍ତି ଡିସେମ୍ବର ୬ରେ ନେଇଥିଲେ ମଧ ଗଣମାଧ୍ୟମ ଏକାଦିନରେ ଏହା ଜାଣିବାର ସୁଯୋଗ ପାଇନଥିଲା। ୨୦୨୪ ନିର୍ବାଚନରେ ବିଜେଡି ଲୋକସଭା ନିର୍ବାଚନରେ ୩୭.୫୩ପ୍ରତିଶତ(୨୦୧୯ ନିର୍ବାଚନ ତୁଳନାରେ ୫.୨୭% କମ୍ ଭୋଟ) ଭୋଟ୍ ପାଇଥିବାବେଳେ ବିଧାନସଭାରେ ୪୦.୨୨% ଭୋଟ୍ ପାଇଛି। ଯଦିଓ ବିଜେଡି ସର୍ବାଧିକ ଭୋଟ୍ ପାଇଛି କିନ୍ତୁ ଦଳ ୬୧ଟି ସିଟ୍ ହରାଇଛି, ଆଉ ବିଜେପି ୪୦.୦୭% ଭୋଟ ହାର ସହ ୫୫ଟି ଅଧିକ ସିଟ୍ (ମୋଟ ୭୮ଟି ଆସନ) ପାଇ ପ୍ରଥମଥର ରାଜ୍ୟରେ ଏକାକୀ ସରକାର ଗଢ଼ିଛି।

# ଦରମା ଦାବିରେ ଗର୍ଜିଲେ ମହିଳା




ଭୁବନେଶ୍ୱର,୧୦/୧୨: ୬ଟି କମ୍ୟୁନିଟି ସପୋର୍ଟ ଷ୍ଟାଫ୍ଙ୍କର ୯ ମାସର ଦରମା ପ୍ରଦାନ ସହ ୧୦ ଦଫା ଦାବିରେ ଆଜି ବିଧାନସଭା ସମ୍ମୁଖରେ ଗର୍ଜିଛନ୍ତି ଅଲ୍ ଓଡ଼ିଶା ଜିପିଏଲ୍ଏଫ୍ କର୍ମୀ ମହାସଂଘ। ଆଜି ପୂର୍ବାହ୍ନରେ ହଜାରହଜାର ସଂଖ୍ୟାରେ ମିସନ ଶକ୍ତି ବିଭାଗ ସହ ଜଡ଼ିତ ମହିଳାମାନେ ମାଷ୍ଟରକ୍ୟାଣ୍ଟିନ ନିକଟରେ ଏକାଠି ହୋଇ ବିଧାନସଭା ଆଡ଼କୁ ଯାଇଥିଲେ। ଲୋୟର ପିଏମ୍ଜିରେ ପୁଲିସ ସେମାନଙ୍କୁ ଅଟକାଇବାରୁ ମହିଳାମାନେ ରାସ୍ତାରେ ବସି ପ୍ରତିବାଦ ସଭା କରିଥିଲେ। ସଂଘ ପକ୍ଷରୁ କୁହାଯାଇଛି ଯେ ୯ ମାସ ଧରି କମ୍ୟୁନିଟି ସର୍ପୋଟ୍ ଷ୍ଟାଫ୍ମାନେ ପାରିଶ୍ରମିକ ପାଉନାହାନ୍ତି। ତେଣୁ ସେମାନେ ଘୋର ଆର୍ଥିକ ସଂକଟରେ ଗତି କରୁଛନ୍ତି। ଜିପିଏଲ୍ଏଫ୍ କମ୍ୟୁନିଟି କ୍ୟାଡରମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, ସ୍ଥାୟୀ ନିଯୁକ୍ତି ପ୍ରଦାନ, ୫ ବର୍ଷିଆ ପଲିସିରେ ଥିବା ୭୫ % ଓ ୫୦%କୁ ଉଚ୍ଛେଦ କରି ୧୦୦ % ପାରିଶ୍ରମିକ ପ୍ରଦାନ, କମ୍ୟୁନିଟି ଷ୍ଟାଫ୍ଙ୍କର ବକେୟା ଥିବା ପାରିଶ୍ରମିକ ରାଶି ପ୍ରଦାନ କରାଯାଉ। ମିସନ ଶକ୍ତି ଦ୍ୱାରା ପ୍ରଦାନ କରାଯାଇଥିବା ପରିଚୟପତ୍ର ୧୫ ଦିନ ମଧ୍ୟରେ ଦିଆଯିବା ସହ ୬ ବର୍ଷ ଧରି କାର୍ଯ୍ୟ କରିଥିବା କମ୍ୟୁନିଟି ସପୋର୍ଟ ଷ୍ଟାଫ୍ମାନଙ୍କୁ ଯୋଗ୍ୟତା ଅନୁସାରେ ପଦୋନ୍ନତି ପ୍ରଦାନ କରାଯାଉ ବୋଲି ସଂଘ ଦାବି କରିଛି। ସେହିଭଳି ମୃତ୍ୟୁକାଳୀନ ସହାୟତା ରାଶି ୫ଲକ୍ଷ ଟଙ୍କା, ଇପିଏଫ୍ଓ ଏବଂ ଇଏସ୍ଆଇ ପ୍ରଦାନ ମିଳୁ ବୋଲି ସଂଘ ଦାବି ରଖିଛି। ଜିପିଏଲ୍ଏଫ୍କୁ ଗୋଷ୍ଠୀଙ୍କ ବିନିଯୋଗ ପାଣ୍ଠି ୧ କୋଟି ଟଙ୍କା କରାଯାଉ ବୋଲି ମଧ ଦାବି କରାଯାଇଛି। ବିକ୍ଷୋଭସ୍ଥଳରେ ବିଜେଡି ବିଧାୟକ ଓ ନେତାମାନେ ପହଞ୍ଚି ସେମାନଙ୍କ ନୈତିକ ସମର୍ଥନ ଜଣାଇଥିଲେ। ବିଧାୟକ ପ୍ରମିଳା ମଲ୍ଲିକ, ଅରୁଣ କୁମାର ସାହୁ, ବ୍ୟୋମକେଶ ରାୟ, ଗୌତମବୁଦ୍ଧ ଦାସ, ପ୍ରଦୀପ ସାହୁ, ବର୍ଷା ସିଂହ ବରିହା, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ ପ୍ରମୁଖ ପହଞ୍ଚି ସରକାର ତୁରନ୍ତ ସେମାନଙ୍କ ଦାବିକୁ ମାନି ନେବାକୁ କହିଥିଲେ। ମହାସଂଘର ଅଧ୍ୟକ୍ଷ ତଥା କଟକ ମେୟର ସୁବାସ ସିଂହ, ସଭାପତି ନିରୂପମା ନାୟକ ଓ ସମ୍ପାଦିକା ସବିତା ମାନସିଂହ ଉପସ୍ଥିତ ଥିଲେ।ମିସନ ଶକ୍ତି ବିଭାଗ ବନ୍ଦ ହୋଇଯିବା ନେଇ ଆଶଙ୍କା ପ୍ରକାଶ କରିଛି ବିଜେଡି। ଭୁବନେଶ୍ୱରର ମହାତ୍ମା ଗାନ୍ଧୀ ମାର୍ଗରେ ଏମ୍ବିକେ, ସିଆରପି ଓ ବ୍ୟାଙ୍କ ମିତ୍ରମାନଙ୍କ ଆନ୍ଦୋଳନ ପ୍ରସଙ୍ଗକୁ ବିଧାନସଭାରେ ଉଠାଇ ସରକାରଙ୍କ ଆଭିମୁଖ୍ୟ ନେଇ ସ୍ପଷ୍ଟୀକରଣ ଲୋଡ଼ିଛି ଦଳ। ଗୃହରେ ବିଜେପି ବିଧାୟକମାନେ ବି ତାହାର ଜବାବ ଦେଇଛନ୍ତି। ଶୂନ୍ୟକାଳରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଲେ, ପୂର୍ବ ସରକାର ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍ଜି)ମାନଙ୍କୁ ପ୍ରୋତ୍ସାହନ ଦେଉଥିଲେ। ଏସ୍ଏଚ୍ଜିମାନଙ୍କୁ ତାଲିମ ଦେବା ପାଇଁ ଏମ୍ବିକେ, ବ୍ୟାଙ୍କ ମିତ୍ର ଓ ସିଆରପିମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। କିନ୍ତୁ ୬ ମାସ ହେଲା ସେମାନଙ୍କୁ ଦରମା ମିଳନି। ହଜାର ହଜାର ସଂଖ୍ୟାରେ ମହାତ୍ମା ଗାନ୍ଧୀ ମାର୍ଗରେ ଧାରଣା ଦେଉଛନ୍ତି। ଏ ସରକାର ମିସନ ଶକ୍ତି ବିଭାଗକୁ ଭାଙ୍ଗିବା ପାଇଁ ଯୋଜନା କରୁଥିବା ଶୁଣିବାକୁ ମିଳୁଛି। ବଜେଟ୍ କମାଇ ଦିଆଯାଇଥିବାରୁ ଆଶଙ୍କା ବଢୁଛି। ଏ ସରକାରଙ୍କ ଉଦ୍ଦେଶ୍ୟ କଣ ତାହା ସ୍ପଷ୍ଟ ହେବା ଦରକାର। ବ୍ୟୋମକେଶ ରାୟ ବି ସମାନ ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିଥିଲେ। ମିସନ୍ ଶକ୍ତିରେ ସିଆରପି, ଏମ୍ବିକେଙ୍କ ବଡ଼ ଭୂମିକା ରହିଛି। ସେମାନଙ୍କ କଥା ସରକାର ବୁଝନ୍ତୁ। ଜିପିଏଲଏଫ୍ ସୁଧରୁ ସେମାନଙ୍କୁ ପଇସା ଦେବାକୁ ନିର୍ଦ୍ଦେଶ ଯାଇଛି। ଏହା ଦ୍ୱାରା ସମସ୍ୟାର ସମାଧାନ ହେବ ନାହିଁ। ଗୌତମବୁଦ୍ଧ ଦାସ କହିଲେ, ମିସନ ଶକ୍ତି ବନ୍ଦ ହେବା କଥା ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ରାଜ୍ୟ ସରକାର କିଛି ସ୍ପଷ୍ଟ କରୁନାହାନ୍ତି। ମହିଳା ସଶକ୍ତୀକରଣ କ୍ଷେତ୍ରରେ ଓଡ଼ିଶା ଗୋଟିଏ ମଡେଲ ରାଜ୍ୟରେ ପରିଣତ ହୋଇଥିଲା। ଏନ୍ଆର୍ଏଲ୍ଏମ୍ ଗାଇଡଲାଇନ୍ ଆଧାରରେ ଏସ୍ଏଚ୍ଜି ଗଠନ କରାଯାଇ କାମ କରାଯାଉଥିଲା। ଏ ସରକାର ସମ୍ବେଦନହୀନ ନ ହୁଅନ୍ତୁ। ଧ୍ରୁବ ସାହୁ କହିଲେ, ମିସନ ଶକ୍ତି ଚାଲିବନି, ଦୌଡ଼ିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ଏବେ ତାହା ଅଚଳ ହୋଇଗଲାଣି। କେନ୍ଦ୍ରୀୟ ଯୋଜନାରେ ଏଥି ପାଇଁ ଅର୍ଥ ଆସେ ଏବଂ ରାଜ୍ୟ ସରକାର ବି ତାଙ୍କ ଭାଗ ବହନ କରନ୍ତି। ଏ ସରକାର ଚୁକ୍ତି ନବୀକରଣ କରୁ ନାହାନ୍ତି। ବିରୋଧୀଙ୍କୁ ଜବାବ ଦେଇ ଶାସକ ଦଳ ସଭ୍ୟ ମାନସ ଦତ୍ତ କହିଲେ, ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିଲା ବେଳେ ଏସ୍ଏଚ୍ଜି ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଏମ୍ବିକେ, ସିଆରପି ଓ ବ୍ୟାଙ୍କ ମିତ୍ରମାନଙ୍କ କାର୍ଯ୍ୟର ଅବଧି ୨୦୨୪ ଏପ୍ରିଲରେ ଶେଷ ହୋଇଥିଲା। ପୂର୍ବ ସରକାର କାହିଁକି ଚୁକ୍ତି ନବୀକରଣ କରି ନଥିଲେ ସେମାନଙ୍କୁ ମଝି ଦରିଆକୁ କିଏ ଠେଲି ଦେଇଥିଲା ଏବେ ବର୍ତ୍ତମାନର ସରକାରଙ୍କୁ କାହିଁକି ଦୋଷ ଠେଲୁଛନ୍ତି ଆଶ୍ରିତ ପଟ୍ଟନାୟକ କହିଥିଲେ, ପୂର୍ବ ସରକାର ୭୦ ଲକ୍ଷ ମହିଳାଙ୍କୁ ସଶକ୍ତ କରିଛନ୍ତି ବୋଲି ଡିଣ୍ଡିମ ପିଟୁଥିଲେ। ବାସ୍ତବରେ ସେମାନେ ବିଜେଡିର ମହିଳା କର୍ମୀଙ୍କୁ ସଶକ୍ତ କରୁଥିଲେ। ସାଧାରଣ ମହିଳାଙ୍କୁ ନୁହେଁ। ୨୦୧୯ ମସିହାରେ ପ୍ରାୟ ୩୪ ହଜାର ସିଆରପି, ଏମ୍ବିକେ, ବ୍ୟାଙ୍କ ମିତ୍ରଙ୍କୁ ୫ ବର୍ଷିଆ ଚୁକ୍ତିରେ ରଖାଯାଇଥିଲା। ପର୍ଯ୍ୟାୟକ୍ରମେ ଅନ୍ୟମାନଙ୍କୁ ୫ ବର୍ଷିଆ ଚୁକ୍ତିରେ ରଖାଯାଇଛି। ଯେଉଁମାନଙ୍କୁ ୨୦୧୯ରେ ରଖାଯାଇଥିଲା ସେମାନଙ୍କ ଚୁକ୍ତିର ଅବଧି ଗତ ଏପ୍ରିଲ ମାସରେ ଶେଷ ହୋଇଛି। ପୂର୍ବ ସରକାର କାହିଁକି ସେମାନଙ୍କ ଚୁକ୍ତିକୁ ନବୀକରଣ କରୁ ନଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଯେଉଁମାନେ ନିଯୁକ୍ତି ପାଇଛନ୍ତି ସେମାନଙ୍କୁ ଜିପିଏଲ୍ଏଫରୁ ଦରମା ଦେବାକୁ ନିର୍ଦ୍ଦେଶ ଯାଇଛି। ବିଜେଡି ଅଯଥାରେ ମା'ଭଉଣୀମାନଙ୍କୁ ନେଇ ରାସ୍ତାରେ ଆନ୍ଦୋଳନ କରାଉଛି।

## ଗୋଲାମୁଣ୍ଡା ବ୍ଲକରେ ଜିଲ୍ଲାପାଳଙ୍କ ଜନ ଶୁଣାଣୀ କାର୍ଯ୍ୟ



ଗୋଲାମୁଣ୍ଡା , ୧୦/୧୨: ଗୋଲାମୁଣ୍ଡା ବ୍ଲକ ସଭା ଗୃହରେ ଜିଲ୍ଲାପାଳଙ୍କ ଜନ ଶୁଣାଣୀ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ଏହି, ଅବସରରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ଶ୍ରୀଯୁକ୍ତ ବିନ୍ଦୁ ମହାନନ୍ଦ ଙ୍କ ନେତୃତ୍ୱରେ ସଭା ଆୟୋଜନ ହୋଇଥିଲା ବେଳେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲାପାଳ ଶ୍ରୀମାନ, ପାଓ୍ୱାର ସଚିନ ପ୍ରକାଶ ଧର୍ମଗଡ଼ ଉପ ଜିଲ୍ଲାପାଳ ଶ୍ରୀମାନ ଧିମାନ ଚକମା, ଗୋଲାମୁଣ୍ଡା ତହସିଲଦାର ଚନ୍ଦନ ନାଏକ ଗୋଲାମୁଣ୍ଡା ବିଡ଼ିଓ ଶ୍ରୀଧର ପଣ୍ଡା, ପ୍ରମୁଖ ଉପସ୍ଥିତ ଥିବା ବେଳେ ପ୍ରତି ବିଭାଗୀୟ ଅଧିକାରୀ,ସରପଞ୍ଚ, ପିଇଓ, ସହ ଅନ୍ୟାନ୍ୟ କର୍ମଚାରୀଗଣ ଉପସ୍ଥିତିରେ ଗୃହକାର୍ଯ୍ୟ ସ୍ୱାଭାବିକ ଭାବରେ ପରିଚାଳିତ ହୋଇ ଥିବା ବେଳେ ଅନେକ ଲୋକେ ଜନ ଶୁଣାଣି ରେ ଅଭିଯୋଗ କରି ଥିଲେ, ସେଥି ମଧ୍ୟରୁ ଆବାସ ଗୃହ, ଟ୍ରାଏ ସାଇକେଲ ବଣ୍ଟନ, ଇତ୍ୟାଦି ମୋଟ ୯୯ ଅଭିଯୋଗରୁ ତୁରନ୍ତ ୧୫ଟି ସମାଧାନ କରିବାରେ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆ ଯାଇ ଥିଲା, ସେଥି ମଧ୍ୟରୁ ପଣ୍ଡକୁଲ ଗ୍ରାମରେ ବିଶୁଦ୍ଧ ପାନୀୟ ଜଳର ଉତ୍କଟ ସମସ୍ୟା କୁ ନେଇ ଗ୍ରାମ ବାସୀ ଙ୍କ ଅଭିଯୋଗ ରେ ତୁରନ୍ତ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭାଗୀୟ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦିଆଯାଇଛି, ହେଲେ ଦେଖିବାକୁ ବାକି ରହିଲା କେବେ ପାନୀୟ ଜଳର ସମସ୍ୟା ସମାଧାନ ହେବ ।

# କଟକ ଏବଂ ରାୟଗଡ଼ାରେ ନିର୍ମାଣହେବ ରେଳ ଫ୍ଲାଏଓଭର୍



ଭୁବନେଶ୍ୱର, ୧୦/୧୨:ରେଳ ମନ୍ତ୍ରଣାଳୟ ଓଡ଼ିଶାର କଟକ ଓ ରାୟଗଡା ଜିଲ୍ଲାରେ ଦୁଇଟି ରେଳ ଫ୍ଲାଏଓଭର୍ ନିର୍ମାଣ ପାଇଁ ୫୦୯ କୋଟି ଟଙ୍କା ମଞ୍ଜୁର କରିଛି। ଏହି ପଦକ୍ଷେପ ଭାରତୀୟ ରେଳବାଇର ବ୍ୟାପକ ଶକ୍ତି, ଖଣିଜ ଏବଂ ସିମେଣ୍ଟ (ଏନର୍ଜି, ମିନେରାଲ, ସିମେଣ୍ଟ) କରିଡର ଯୋଜନାର ଏକ ଅଂଶ; ଯାହା ରେଳ ଚଳାଚଳର ଉନ୍ନତି ତଥା ପ୍ରମୁଖ ରେଳ ଲାଇନ୍ଗୁଡିକରେ ଯାତାୟାତରେ ସମସ୍ୟା ଦୂର କରିବାକୁ ଲକ୍ଷ୍ୟରଖିଛି। ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ତାଙ୍କର ଗତ ଓଡ଼ିଶା ଗସ୍ତ ସମୟରେ ଏହି ପ୍ରକଳ୍ପର ମଞ୍ଜୁରୀ ବିଷୟରେ ଉଲ୍ଲେଖ କରିଥିଲେ। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ କଟକ ଜିଲ୍ଲାର ରାଜଆଠଗଡ଼, ରାଧାକିଶୋରପୁର ଏବଂ ମାଛପୁର ରେଳ ଷ୍ଟେସନ୍କୁ ସଂଯୋଗ କରୁଥିବା ୧୦.୮୯ କିଲୋମିଟର ରେଳ ଫ୍ଲାଏ ଓଭର୍ ନିର୍ମାଣ ଅନ୍ତର୍ଭୁକ୍ତ। ଏହି ଭିତ୍ତିଭୂମି କ୍ରସ୍ ଟ୍ରାଫିକ୍ ଜନିତ ସମସ୍ୟାକୁ ଦୂରକାରୀ ଏକକାଳୀନ ଟ୍ରେନ୍ ଚଳାଚଳକୁ ସୁଗମ କରିବ। ଏହି ପ୍ରକଳ୍ପ ପାଇଁ ମୋଟ ମୂଲ୍ୟ ୨୬୮.୯୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ରାୟଗଡ଼ା ଜିଲ୍ଲାର ସିଙ୍ଗାପୁର ରୋଡ୍ ଷ୍ଟେସନ୍ରେ ୫.୫୦ କିଲୋମିଟର ଦୈର୍ଘ୍ୟ ରେଳ ଫ୍ଲାଏ ଓଭର୍ ନିର୍ମାଣ ହେବ; ଯାହା ରାୟପୁର-ବିଜୟନଗରମ ରେଳ ଲାଇନରେ ଟ୍ରାଫିକ୍ ସମସ୍ୟାକୁ ଦୂରକରିବ। ଏହି ପ୍ରକଳ୍ପର ଆନୁମାନିକ ମୂଲ୍ୟ ୨୩୯.୮୩ କୋଟି ଟଙ୍କା। ଅନ୍ୟପକ୍ଷରେ ରେଳ ଫ୍ଲାଏଓଭର୍ ନିର୍ମାଣ ହେବା ଦ୍ୱାରା ଏକକାଳୀନ ଟ୍ରେନ୍ ଚଳାଚଳ ସୁବିଧା, ପରିଚାଳନାଗତ ସମସ୍ୟା ଦୂର, ଚଳାଚଳଜନିତ ସମସ୍ୟା ହ୍ରାସ ଘଟିବା, ଉନ୍ନତ ଯାତ୍ରୀ ଅଭିଜ୍ଞତାକୁ ପ୍ରୋତ୍ସାହିତ କରିବା, ଟ୍ରାଫିକ୍ ସମସ୍ୟା ଆଦି ସୁଗମ ହେବ। ସମ୍ପ୍ରତି ଟ୍ରେନ୍ ଚଳାଚଳର ବୃଦ୍ଧି ପାଉଥିବା ଚାହିଦାକୁ ପୂରଣ କରିବା ପାଇଁ ଭାରତୀୟ ରେଳ ଦେଶରେ ଭିତ୍ତିଭୂମି ଉନ୍ନତିକୁ ପ୍ରାଥମିକତା ଦେବା ଜାରିରଖିଛି। ଏହିସବୁ ରେଳ ନେଟ୍ୱାର୍କର ଆଧୁନିକୀକରଣ ଏବଂ ବିସ୍ତାର ପାଇଁ ମନ୍ତ୍ରଣାଳୟ ପ୍ରତିବଦ୍ଧତାକୁ ସୂଚିତ କରିଛି।

# ୩ ବର୍ଷରୁ ଉର୍ଦ୍ଧ୍ୱ ଧରି ଗୋଟିଏ ପଦବୀ ମାଡ଼ି ବସିଛନ୍ତି ୨୬ ଆଇଏଏସ୍ ଓ ୧୦୮ ଓଏଏସ୍ ଅଫିସର




ଭୁବନେଶ୍ୱର, ୧୦/୧୨: ରାଜ୍ୟରେ ବିଜେଡିର ୨୪ବର୍ଷର ସରକାରକୁ ଲୋକେ ପ୍ରତ୍ୟାଖ୍ୟାନ କଲେ । ବିଜେପିକୁ ଏକାକୀ ସରକାର ଗଢ଼ିବାର ସୁଯୋଗ ବି ଦେଲେ । କିନ୍ତୁ ପ୍ରଶାସନିକ ବାବୁମାନଙ୍କର ଦବଦବା ପୂର୍ବଭଳି କାଏମ ରହିଛି । ରାଜ୍ୟ ସରକାରଙ୍କ ବଦଳି ନୀତିକୁ ଖୋଲାଖୋଲି ଉଲ୍ଲଘଂନ କରି ବରିଷ୍ଠ ଅଫିସର(ବାବୁମାନେ) ପଦବୀ ମାଡ଼ି ବସିଛନ୍ତି । ବିଜେପି ସରକାର କ୍ଷମତାକୁ ଆସିବାର ୬ମାସ ପୁରିବାକୁ ବସିଥିଲେ ମଧ ସେମାନଙ୍କୁ ହଟାଇବାରେ ସକ୍ଷମ ହୋଇପାରିନାହାନ୍ତି । ଯେଉଁଥିପାଇଁ ରାଜ୍ୟର ୨୬ଜଣ ଆଇଏଏସ୍ ଓ ୧୦୮ଜଣ ଓଏଏସ୍ ଅଫିସର ଗୋଟିଏ ପଦବୀରେ ୩ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରହିଥିବା ଜଣାପଡ଼ିଛି । ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାୟକ କାଡ୍ରାକା ଆପାଲା ସ୍ୱାମୀଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି ଯେ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧୀନରେ କାର୍ଯ୍ୟରତ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ)ର ୨୬ଜଣ ଓ ଓଡ଼ିଶା ପ୍ରଶାସନ ସେବା(ଓଏଏସ୍) ୧୦୮ଜଣ ଅଧିକାରୀ ଗୋଟିଏ ଅଫିସରେ ୩ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରୁଛନ୍ତି । ୩ ବର୍ଷରୁ ଅଧିକ ସମୟ ଧରି ଗୋଟିଏ ପଦବୀରେ କାର୍ଯ୍ୟ କରୁଥିବା ଆଇଏଏସ୍ ଅଫିସର ହେଲେ, ଜଳସମ୍ପଦ ସଚିବ ଅନୁ ଗର୍ଗ, ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର, ଶିକ୍ଷ ସଚିବ ହେମନ୍ତ ଶର୍ମା, ଭିଭି ଯାଦବ(ଟ୍ରେଡ ପ୍ରମୋସନ ଆଣ୍ଡ ଇନଭେଷ୍ଟମେଂଟ କମିଶନର), ମୃଣାଳିନୀ ଦର୍ଶଓ୍ୱାଲ- ସ୍ୱତନ୍ତ୍ର ରିଲିଫ କମିଶନର,ନୂଆଦିଲ୍ଲୀଙ୍କ ସମେତ ବଳବନ୍ତ ସିଂ, ଭୂପେନ୍ଦ୍ର ସିଂ ପୁନିଆ, ରଶ୍ମିତା ପଣ୍ଡା, ମାନସୀ ନିମ୍ଭଲ, ଶଶାଭଦ୍ର ନାୟକ, ସୁବ୍ରତ ଶତପଥୀ, ତ୍ରିଲୋଚନ ପ୍ରଧାନ, ମନୀଷ ଅଗ୍ରଓ୍ ?ାଲ, ମନୋଜ କୁମାର ମହାନ୍ତି, ଅବନୀକାନ୍ତ ପଟ୍ଟନାୟକ, ଦେବେନ୍ କୁମାର ପ୍ରଧାନ, ଶକୁନ୍ତଳା ବିନ୍ଧାଣୀ, ଲକ୍ଷ୍ମୀକାନ୍ତ ପ୍ୟାରେଲାଲ ପ୍ରଧାନ, ଶୁଭଶ୍ରୀ ନନ୍ଦ, ଦୀପକ ରଞ୍ଜନ ଦାଶ, ସତ୍ୟପ୍ରିୟ ରଥ, ମଧୁସ୍ମିତା ସାମଲ, ସାଗରିକା ହୋତା, ହିମାଂଶୁ ଭୂଷଣ ପଣ୍ଡା, ପ୍ରଜ୍ଞାସ୍ମିତା ସାହୁ ଓ ସାଗରିକ ପଟ୍ଟନାୟକ । ସେହିପରି ଓଏଏସ୍ ଅଫିସର ସଂଗ୍ରାମୀ କେଶରୀ ସ୍ୱାଇଁ, ସଞ୍ଜିତ ଦାସ, ଶ୍ୟାମଳୀ ମହାପାତ୍ର, ରମାକାକନ୍ତ ନାୟକ, ମୃଣାଳକାନ୍ତି ଦାସ,ଲକ୍ଷ୍ମଣ କୁମାର ମଲ୍ଲିକ, ସ୍ମିତା ବିଶ୍ୱାଳ, ନିଗମାନନ୍ଦ ପଣ୍ଡା, ସନ୍ତୋଷ କୁମାର ଦାଶ,ଶୁଭେନ୍ଦ୍ର କୁମାର ନାୟକ, ସତ୍ୟବ୍ରତ ରାୟ ,ନୃପରାଜ ସାହୁ, ରେଗା ଗୀତାରାଣୀ ପଟ୍ଟନାୟକ, ନିବେଦିତା ପୃଷ୍ଟିଙ୍କ ସମେତ ୧୦୮ଜଣ ଓଏଏସ୍ ଅଫିସର ଗୋଟିଏ ଅଫିସରେ ୩ବର୍ଷରୁ ଅଧିକ ଦିନ ଧରି କାର୍ଯ୍ୟ କରୁଥିବା ଜଣାପଡ଼ିଛି । ଯଦିଓ ରାଜ୍ୟ ସରକାରଙ୍କ ବଦଳି ନୀତି ଅନୁସାରେ ଗୋଟିଏ ପଦବୀ ବା ଅଫିସରେ ସର୍ବାଧିକ ୩ବର୍ଷ ଧରି ଜଣେ ଅଫିସର କାର୍ଯ୍ୟ କରିପାରିବେ ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ